


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-195 ♦SATURDAY ♦10 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୫ ♦ଶନିବାର ♦୧୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପରିବହନ ବିଭାଗର 'ଅନ୍ଧ ନୀତି'

# ବିନା ଅକଲରେ ଦିଲ୍ଲୀକୁ ନକଲ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟ ପରିବହନ ବିଭାଗ ଦ୍ୱାରା 'ପିୟୁସିସି ନାହିଁ ତ ତେଲ ନାହିଁ' ଭଳି ଅପରିପକ୍ୱ ନିଷ୍ପତ୍ତି ଯୋଗୁଁ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ପରିବହନ ପ୍ରାଧିକରଣ 'ଏସ୍‌ଟିଏ'ର ଏହି ନିର୍ଦ୍ଦେଶନାମା ଏବେ ପରିବହନ ବିଭାଗ

### ଦିଲ୍ଲୀ ଢାଞ୍ଚାରେ ଓଡ଼ିଶା କଷୁଛି ୧୦,୦୦୦ ଜରିମାନା

### ଅଧିକାଂଶ ରାଜ୍ୟରେ ପିୟୁସିସି ଜରିମାନା ୧୦୦୦ ଟଙ୍କା

ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଶିରପୀଡ଼ାର କାରଣ ହୋଇଛି। ଏପରି ଅପରିଣାମଦର୍ଶୀ ନିଷ୍ପତ୍ତି ପାଇଁ ସରକାର ଅକଳରେ ପଡ଼ିଛନ୍ତି ଓ ପରିସ୍ଥିତି ଖରାପ ହେବା ପୂର୍ବରୁ ୟୁ-ଟର୍ଣ୍ଣ ନେଇ ପ୍ରଦୂଷଣ ଜୋରିମାନା ହ୍ରାସ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ତେବେ ଦିଲ୍ଲୀକୁ ନକଲ କରି ଓଡ଼ିଶାରେ ପରିବହନ ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ହିଁ ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି । ପ୍ରଦୂଷଣ ଯୋଗୁଁ ଦେଶର ସବୁଠୁ ସମ୍ବେଦନଶୀଳ ସହର ଭାବେ ପରିଗଣିତ ହେଉଥିବା ଦିଲ୍ଲୀରେ ଏହି ନିୟମ ପରିଚାଳିତ ହେଉଛି। ଦିଲ୍ଲୀକୁ ଛାଡ଼ି ଦେଲେ ଦେଶର କୌଣସି ସ୍ଥାନରେ ବର୍ତ୍ତମାନ ସମୟରେ ଏଭଳି ବିଚିତ୍ର ନିୟମ କାର୍ଯ୍ୟକାରୀ ହେଉନାହିଁ। ▶ପୃଷ୍ଠା-୭

### ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ଜବାବ ତଲବ



■ କଟକ, ୯ ।୧ (ସମିସ): ଇ-ଚିହ୍ନଟ ମାଧ୍ୟମରେ ଜାରି କରାଯାଉଥିବା ମୋଟାଅଙ୍କର ପ୍ରଦୂଷଣ ଚାଲାଣକୁ ବେଆଇନ ଦର୍ଶାଇବା ସହ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜନୈକା ମହିଳା। ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ଆଜି ନୋଟିସ ଜାରି ସହ ଜବାବ ତଲବ କରିଛନ୍ତି। ଡ. କୀର୍ତ୍ତିଧାରା ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଡିସେମ୍ବର ୨୧ରେ ଆବେଦନକାରୀଙ୍କ କାର୍ (ଓଡି୦୨ଏଟି୭୨୦୦)ର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିବାରୁ ୧୦ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଥିଲା। ଏହି ଚାଲାଣଟି ଗାଡ଼ି ଚେକିଂ ବେଳେ କୌଣସି ▶ପୃଷ୍ଠା-୭

### ଅପରିପକ୍ୱ ନୀତି: ନବୀନ



■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ହଠାତ୍ 'ପିୟୁସି ନାହିଁ ତ ତେଲ ନାହିଁ' ନିୟମକୁ ଲାଗୁ କରିବା ଦ୍ୱାରା ଦେଖାଦେଇଥିବା ଅବ୍ୟବସ୍ଥା

**ସୁସ୍ଥ ପରିବେଶ ସହ ଭଲ ଶାସନ ପାଇବାକୁ ଓଡ଼ିଶାବାସୀ ହକ୍‌ଦାର**

**ପ୍ରଦୂଷଣ ନିୟନ୍ତ୍ରଣ ନାମରେ ରାଜ୍ୟବାସୀଙ୍କୁ ହଇରାଣ କରା ନ ଯାଉ**

ସରକାରଙ୍କ ଅପରିପକ୍ୱ ନୀତି ଓ ବିନା ପ୍ରସ୍ତୁତିର ଫଳ ବୋଲି ନବୀନ କହିଛନ୍ତି। ଶୁକ୍ରବାର ରାଜ୍ୟରେ ପିୟୁସିସି ▶ପୃଷ୍ଠା-୭

### ଇଡି ଚଢ଼ଉ ବିରୋଧରେ ଟିଏମ୍‌ସିର ପ୍ରତିବାଦ

## ମମତାଙ୍କ ମହାରାଲି



■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଥିଲା। ଏହା ବିରୋଧରେ ଟିଏମ୍‌ସି ଶୁକ୍ରବାର ଦିଲ୍ଲୀରୁ କୋଲକାତ ପର୍ଯ୍ୟନ୍ତ ପ୍ରତିବାଦ ଓ ଶୋଭାଯାତ୍ରା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଅପରାହ୍ଣ ୨ଟାରେ ଇଡିର ଚଢ଼ାଉକୁ ବିରୋଧ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏଥିରେ ବହୁସଂଖ୍ୟାରେ ଟିଏମ୍‌ସି ସମର୍ଥକ ଯୋଗ ଦେଇଥିଲେ। ଇଡି ବିରୋଧରେ ସେ ଦୁଇଟି ଏଫ୍‌ଆଇଆର ଦାଏର କରିଛନ୍ତି।

**୮ ସାଂସଦଙ୍କୁ ଅଟକ ରଖିବାର ୨ ଘଣ୍ଟା ପରେ ଛାଡ଼ିଲା ପୁଲିସ**

ସେ ଅମିତ ଶାହାଙ୍କୁ ଖୋଲା ଖୋଲି ଧମକ ଦେଇ କହିଛନ୍ତି ଯେ, ତାଙ୍କ ବରୋଧରେ ମୋ ପାଖରେ ପେନ୍ ଡ୍ରାଇଭ ଅଛି। ମୋ ସହ ଲାଗିଲେ ଛାଡ଼ିବି ▶ପୃଷ୍ଠା-୭

# ରେକର୍ଡ ଭାଙ୍ଗୁଛି ଶୀତ

### ଶିମିଳିପାଳରେ ବିୟୁକ୍ତ ୧ ଡିଗ୍ରୀ

■ ଭୁବନେଶ୍ୱର/ବାରିପଦା, ୯ ।୧ (ସମିସ): ମାଘ ମାସରେ ଅନୁଭୂତ ହେଉଛି ବାଘ ଭଳି ଶୀତ। ଲଗାତାର ଭାବେ ପାରଦ ତଳମୁହାଁ ହେତୁ ଅଧିକାଂଶ ସ୍ଥାନରେ ଶୀତ ଲହରୀ ଜାରି ରହିଛି। ଉପାନ୍ତରୁ ଉପକୂଳ ଯାଏଁ ପ୍ରବଳ ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାଜ୍ୟର ପାହାଡ଼ିଆ ଅଞ୍ଚଳ ଭଳି ସମତଳ ଅଞ୍ଚଳରେ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବା ସଙ୍ଗେ ସଙ୍ଗେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ କାଠୁଆ ଶୀତ ପଡ଼ିଛି। ସ୍ଥିତି ଏମିତି ହୋଇଛି, ଗତ ୨୪ ଘଣ୍ଟାରେ ରାଉରକେଲାର ତାପମାତ୍ରା ସମତଳ

**୧୦ ଡିଗ୍ରୀ ତଳେ ୨୫ ସହର**

**ରବିବାର ପରେ ଶୀତର ପ୍ରଭାବ ସାମାନ୍ୟ କମିବ**

**ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସମତଳ ଅଞ୍ଚଳ**

ଅଞ୍ଚଳରେ ଦେଶର ଚତୁର୍ଥ ସର୍ବନିମ୍ନ ତାପମାତ୍ରା ଭାବେ ରେକର୍ଡ ହୋଇଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଉପରବାର୍‌ହାକାମୁଡା (ୟୁବିକେ)ରେ ତାପାମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ପାରଦ ବିୟୁକ୍ତ ୧ ଡିଗ୍ରୀକୁ ଖସି ଆସିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ▶ପୃଷ୍ଠା-୭

### ବରଫ ପାଲଟିଲା ଡାଲ୍ ହ୍ରଦ



■ ଶ୍ରୀନଗର, ୯ ।୧ (ଏଜେନ୍ସି): ଉତ୍ତର ଭାରତରେ ଶୀତର ଲହର ଜାରି ରହିଛି। ଜମ୍ମୁ-କଶ୍ମୀରରେ ଚିଲାଇ କଲାନ ଯୋଗୁଁ ଚଳିତ ଶୀତ ଋତୁରେ ସବୁଠାରୁ ଥଣ୍ଡା ରାତି ରେକର୍ଡ କରାଯାଇଛି। ପ୍ରବଳ ଥଣ୍ଡା ଯୋଗୁ ଏହି ଋତୁରେ ପ୍ରଥମଥର ପାଇଁ ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ କିଛି ଅଂଶ ଜମାଟ ବାନ୍ଧି ଯାଇଥିଲା। ଶ୍ରୀନଗରର ତାପମାତ୍ର ଶୂନରୁ ତଳକୁ ଖସି ବିୟୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସେପଟେ ରାଜସ୍ଥାନରେ ମଧ୍ୟ ପ୍ରବଳ ଥଣ୍ଡା ପଡିଛି। ଉଦୟପୁର, ଚିତ୍ତୋରଗଡ଼ ଓ ବାଂସୱାଡାରେ ଘନ କୁହୁଡି ଛାଇ ହୋଇ ରହିଥିଲା। ମଧ୍ୟପ୍ରଦେଶର ୧୭ଟି ଜିଲ୍ଲାରେ କୁହୁଡି ପଡିଛି। ଫଳରେ ଏକ ଡଜନ ଟ୍ରେନ୍ ବିଳମ୍ବ ହୋଇଥିଲା। ବିହାରରେ ପ୍ରବଳ ଶୀତ କାରଣରୁ ୧,୦୦୦ରୁ ଅଧିକ ପିଲା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର କାଶୀରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି ଓ ୨୨ ବର୍ଷ ତଳର ରେକର୍ଡ ଭାଙ୍ଗିଛି।

## ଓସ୍କାର ଦୌଡ଼ରେ କାନ୍ତାରା, ତନଭୀ

■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ଓସ୍କାର ଫିଲ୍ମ ସମାରୋହରେ ଅଂଶଗ୍ରହଣ କରିବା, ଏଥିରେ ସାମିଲ ହେବାକୁଥିବା ବିଶ୍ୱର ବିଭିନ୍ନ ଦେଶ ଓ ଭାଷାର ସିନେମା ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବା ସବୁ କଳାକାରଙ୍କର ସ୍ୱପ୍ନ ରହିଥାଏ। କିନ୍ତୁ ସମସ୍ତଙ୍କର ଏହି ସ୍ୱପ୍ନ ପୂରଣ ହୋଇ ନଥାଏ। ଏଥର ଭାରତୀୟଙ୍କ ପାଇଁ ବିଶେଷ ଖୁସି ଖବର ଆସିଛି। ଏବର୍ଷ ଏହି ପ୍ରତିଷ୍ଠିତ ସିନେମା ସମାରୋହରେ ଏଥର ଗୋଟିଏ କିମ୍ବା ଦୁଇଟି ନୁହେଁ ମୋଟ ଉପରେ ୧୧ଟି ଭାରତୀୟ ସିନେମା ଅଂଶଗ୍ରହଣ କରିବ ଓ ପୁରସ୍କାର ଜିତିବା ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ। ଓସ୍କାରର ୯୮ତମ ସଂସ୍କରଣରେ ଋଷଭ ସେଟ୍ଟୀଙ୍କ ▶ପୃଷ୍ଠା-୭

## ସ୍ୱର୍ଗଦ୍ୱାର ଆଗରେ ଗଡ଼ିଲା ମୁଣ୍ଡ

### ଶବଦାହ ପାଇଁ ଆସି ଶବ ହୋଇଗଲେ

■ ପୁରୀ, ୯।୧ (ସମିସ): ଶବଦାହ ପାଇଁ ଆସି ଶବ ପାଲଟିଗଲେ। ବଡ଼ ପାଟିରେ କଥାବାର୍ତ୍ତା ହେବାରୁ ବେକରେ ଛୁରି ଭୁସିଦେଲା ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକରେ ଗୁରୁବାର ରାତିଅଧରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଭଦ୍ରକ ଜିଲ୍ଲା ଆପଣ୍ଡାର ରଞ୍ଜନ ଦାସ। ସମୁଦ୍ରକୂଳ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ତା'ଠାରୁ ଏକ ରକ୍ତଲଗା ଛୁରି ମଧ୍ୟ ଜବତ କରିଛି। କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ତା' ନାମ ପ୍ରକାଶ କରିନାହିଁ। ଘଟଣାରେ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣା ପୁରୀର ଆଇନଶୃଙ୍ଖଳା ଉପରେ

**ବଡ଼ପାଟିରେ କଥା ହେବାରୁ ଛୁରି ଭୁସିଦେଲା ଦୁର୍ବୃତ୍ତ**

ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ମାନସ କୁମାର ନାୟକ ଏ ସଂପର୍କରେ ଏକ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗରୁବାର ▶ପୃଷ୍ଠା-୭









### ୫୦୨ ମେଡିକାଲ୍ ପିଜି ସିଟ୍ ବଢ଼ିବ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପୋଷ୍ଟ ଗ୍ରାଜୁଏଟ (ପିଜି) ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟ୍ ୧୨ ଟି ମେଡିକାଲ୍ କଲେଜରେ ୫୦୨ଟି ନୂଆ ପିଜି ସିଟ୍ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏହି ସିଟ୍ ବୃଦ୍ଧି ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। ଏନେଇ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି) ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ, ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଏବଂ କଟକର ଏଏଚପିଜିଆଇସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

ଡିଏମଇଟି ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଏସ୍‌କେ ମିଶ୍ରଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ସିଟ୍ ବୃଦ୍ଧି ଏବଂ ନୂଆ ପିଜି କୋର୍ସ ଆରମ୍ଭ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଦ ସୃଷ୍ଟି (ଯଦି ଥାଏ) ଏବଂ ତାହାର ଆର୍ଥିକ ପ୍ରଭାବ ସହିତ ଏକ ବ୍ୟାପକ ପ୍ରସ୍ତାବ ▶ପୃଷ୍ଠା-୭

ଅମ୍ବରନାଥରେ ବିଗିଡ଼ିଗଲା ଅଙ୍କ

## ବିଜେପିକୁ ବିଦାକଲେ ଶିବ୍‌ସେନା-ଏନ୍‌ସିପି

ଅମ୍ବରନାଥ, ୯ ।୧(ଏଜେନ୍ସି): ମହାରାଷ୍ଟ୍ର ଥାଣେର ଅମ୍ବରନାଥ ପୌର ପାଳିକାରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଦୁଇଦିନ ତଳେ କଂଗ୍ରେସର ୧୨ଜଣ କାଉନସିଲରଙ୍କୁ ନେଇ ଶିବସେନା (ସିନ୍ଦେ) କୁ ବାହର କରି କ୍ଷମତାକୁ ଆସିଥିବା ବିଜେପି ଏବେ ନିଜ ଜାଲରେ ନିଜେ ଫସିଯାଇଛି। ବିଜେପିକୁ ସମର୍ଥନ ଦେଇଥିବା ଅଜିତ ପାୱାରଙ୍କ ଏନ୍‌ସିପିର ୪ ଜଣ କାଉନସିଲର ଶିବସେନା ସହ ଏକାଠି ହୋଇ କ୍ଷମତାକୁ ଆସିଛି। ଶିବସେନାର ସର୍ବାଧିକ ୨୭ କାଉନସିଲର ବିଜୟ ଲାଭ କରିଥିଲେ। କଂଗ୍ରେସ ସହ ମିଶିବାର କଳଙ୍କକୁ ମୁଣ୍ଡାଇଥିବା ବିଜେପିକୁ ଶେଷରେ ହଟହଟା ହେବାକୁ ପଡ଼ିଛି। ୬୦ ସଦସ୍ୟ ବିଶିଷ୍ଟ ଅମ୍ବରନାଥ ପୌରପାଳିକାରେ ଦୁଇଦିନ ତଳେ ବିଜେପି ନିଜର ୧୪ ସଦସ୍ୟଙ୍କ ସହ କଂଗ୍ରେସର ୧୨ ଓ ଏନ୍‌ସିପିର ୪ ଏବଂ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ ଅମ୍ବରନାଥ ବିକାଶ ଅଘାଡି ଗଠନ କରି କ୍ଷମତାକୁ ଆସିଥିଲା। ଏହିଭଳି ଭାବେ ବିଜେପି ନିଜ ସହଯୋଗୀ ଶିବସେନାଠାରୁ କ୍ଷମତା ଛଡ଼ାଇ ନେଇଥିଲେ ମଧ୍ୟ ଶେଷରେ ନିରାଶ ହୋଇଛି। ଏବେ ରାଜନୀତିର ଏହି ପଟପରିବର୍ତ୍ତନକୁ ନେଇ ଚର୍ଚ୍ଚା ହେଉଛି। ଅମ୍ବରନାଥ ପୌର ନିର୍ବାଚନରେ ଶିବସେନା ୨୭, ବିଜେପି ୧୪, କଂଗ୍ରେସ ୧୨, ଏନ୍‌ସିପି ୪ ଓ ୩ଜଣ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ।

## ଟ୍ରମ୍ପଙ୍କୁ ଭେଟିବେ ମାଚାଡୋ

କାରାକାସ, ୯ ।୧(ଏଜେନ୍ସି): ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ ମାଚାଡୋ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଆସିବେ। ଏ ନେଇ ଟ୍ରମ୍ପ ଗୁରୁବାର ସୂଚନା ଦେଇଛନ୍ତି। ମାଚାଡୋଙ୍କୁ ଭେଟିବାକୁ ଟ୍ରମ୍ପ ଅପେକ୍ଷା କରି ରହିଛନ୍ତି ବୋଲି ସେ କହିଛନ୍ତି। ଆସନ୍ତା ସପ୍ତାହରେ ଦୁଇଜଣଙ୍କ ଭେଟ ହେବା ନିଶ୍ଚିତ ହୋଇଛି। କିଛିଦିନ ପୂର୍ବେ, ରାଷ୍ଟ୍ରପତି ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମାଚାଡୋ ଜଣେ ଉତ୍ତମ ମହିଳା, କିନ୍ତୁ ଭେନେଜୁଏଲାର ନେତୃତ୍ୱ ପାଇଁ ଦେଶରେ ତାଙ୍କର ଜନ ସମର୍ଥନ ନାହିଁ। ମାଚାଡୋ ପୂର୍ବରୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କ ପ୍ରତି ଉତ୍ସର୍ଗ କରିଥିଲେ। ଗତ ଅକ୍ଟୋବରରେ ମାଚାଡୋଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେପଟେ ଟ୍ରମ୍ପଙ୍କ ଅନୁରୋଧ କ୍ରମେ ଭେନେଜୁଏଲା ଏକାଧିକ ରାଜନେତାଙ୍କ ସମେତ ଅନେକ ହାଇ-ପ୍ରୋଫାଇଲ କଏଦୀଙ୍କୁ ମୁକ୍ତ କରିବା ଆରମ୍ଭ କରିଛି।

## ଭ୍ୟାନ୍-ଟ୍ରକ୍ ଧକ୍କାରେ ୪ ମୃତ, ୭ ଆହତ

ବେଙ୍ଗାଲୁରୁ, ୯ ।୧(ଏଜେନ୍ସି): କର୍ଣ୍ଣାଟକର ତୁମକୁରୁ ଜିଲ୍ଲାରେ ବସନ୍ତନରସପୁରା ଶିଳ୍ପାଞ୍ଚଳ ନିକଟ କୋରା ଅଞ୍ଚଳରେ ଏକ କ୍ରୁଜର ଗାଡ଼ି ସହ ଟ୍ରକ୍ ଧକ୍କା ହେବା ଫଳରେ ୪ ଜଣ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ସେମାନେ କେରଳର ସାବରୀମାଲାରୁ ଫେରିବା ବେଳେ ଶୁକ୍ରବାର ଭୋର ୪.୪୦ରେ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି। ମୃତକଙ୍କ ମଧ୍ୟରେ ଜଣେ ଝିଅ ସାମିଲ ଅଛନ୍ତି। ଶ୍ରଦ୍ଧାଳୁଙ୍କୁ ନେଇ ଆସୁଥିବା ଏହି କ୍ରୁଜର ଗାଡ଼ି ସଡ଼କରେ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇ ତା ଭିତରକୁ ପଶି ଯାଇଥିଲା। ଫଳରେ ଜଣେ ଛୋଟ ପିଲା ସହ ୪ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ୭ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି।

## ନ୍ୟୁୟର୍କ ଯିବାକୁ ୬୭୦ କିମି ସଡ଼କରେ ଗଲେ ଜୟଶଙ୍କର

ୱାଶିଂଟନ, ୯ ।୧(ଏଜେନ୍ସି): ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଆମେରିକାରେ ବେଶ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ନ୍ୟୁୟର୍କରେ ପହଞ୍ଚିବା ପାଇଁ ତାଙ୍କୁ ସଡକପଥରେ ଯିବାକୁ ହୋଇଛି। ଏଥିପାଇଁ ସେ ୬୭୦ କିମି କାର୍‌ରେ ହିଁ ଯାତ୍ରା କରିଥିଲେ। ଜୟଶଙ୍କର ଜାତିସଙ୍ଘର ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ସହିତ ନ୍ୟୁୟର୍କରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ମିଳିତ ହେବାର କାର୍ଯ୍ୟକ୍ରମ ଥିଲା। ଆମେରିକା ବୈଦେଶିକ ବିଭାଗ ଅଧିନରେ ଆସୁଥିବା କୂଟନୈତିକ ସୁରକ୍ଷା ସେବା (ଡିଏସ୍‌ଏସ୍) ର ଏକ ରିପୋର୍ଟ ଅନୁଯାୟୀ, ସଟ୍‌ଡାଉନ ଯୋଗୁଁ ସାରା ଦେଶରେ ବାଣିଜ୍ୟିକ ବିମାନ ଚଳାଚଳ ବନ୍ଦ ରହିଥିଲା। ତେବେ ସୁରକ୍ଷା ଏଜେଣ୍ଟମାନେ କାନାଡ଼ା- ଆମେରିକା ସୀମାରେ ଲୁଇଷ୍ଟନ-କୁଇନ୍ସଟନ ସେତୁରେ ଜୟଶଙ୍କରଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ମାନ୍‌ହାଟନକୁ ଯିବା ପାଇଁ ପ୍ରାୟ ସାଢ଼େ ୭ ଘଣ୍ଟା ସମୟ ଲାଗିଥିଲା।

# ଜଳୁଛି ଇରାନ

■ ଦରଦାମ ବୃଦ୍ଧି ବିରୋଧରେ ୧୦୦ ସହରରେ ପ୍ରତିବାଦ
■ ଏପର୍ଯ୍ୟନ୍ତ ୪୫ ଜଣ ମୃତ୍ୟୁବରଣ କରିଛନ୍ତି
■ ଟ୍ରମ୍ପଙ୍କୁ ଖୁସି କରିବାକୁ ଦେଶକୁ ନଷ୍ଟ କରନାହିଁ: ଖାମନେଇ
■ ଦେଶରେ ଇଣ୍ଟରନେଟ୍, ଫୋନ ସେବା ବନ୍ଦ
■ ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରାଯାଇଛି





ଇରାନ, ୯ ।୧(ଏଜେନ୍ସି): ଇରାନରେ ଏବେ ଜେନ୍- ଜେଡ୍ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ବିରୋଧ କରି ସାରା ଦେଶର ୧୦୦ଟି ସହରରେ ପ୍ରତିବାଦ ତଥା ଆନ୍ଦୋଳନ ଦ୍ରୁତବେଗରେ ବ୍ୟାପିବାରେ ଲାଗିଛି। ୧୩ ଦିନ ଧରି ଚାଲିଥିବା ଏହି ପ୍ରତିବାଦରେ ଗୁରୁବାର ରାତିରେ ସ୍ଥିତି ଆହୁରି ଖରାପ ହୋଇଥିଲା। ପ୍ରତିବାଦରେ ଏପର୍ଯ୍ୟନ୍ତ ୪୫ ଜଣ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏଥିରେ ୮ ଜଣ ଶିଶୁ ସାମିଲ ରହିଛନ୍ତି। ଏକାଧିକ ପୁଲିସ ଅଧିକାରୀ ଏଥିରେ ମୃତ୍ୟୁବରଣ କରିଛନ୍ତି। ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି। ୨,୨୭୦ ଲୋକଙ୍କୁ ଅଟକ ରଖାଯାଇଛି। ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସ୍ଥାନରେ ନିଆଁ ଲଗାଇଥିଲେ। ଲୋକେ 'ଖାମନେଇଙ୍କ ମୃତ୍ୟୁ ଓ ଇସ୍‌ଲାମିକ ଗଣରାଜ୍ୟ ଶେଷ ହୋଇଛି' ବୋଲି ସ୍ଲୋଗାନ ଦେଇଥିଲେ। ସାରା ଦେଶରେ ଇଣ୍ଟରନେଟ ଓ ଫୋନ ସେବାକୁ ବନ୍ଦ କରାଯାଇଛି। ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରିଦିଆଯାଇଛି ଓ ସେନାକୁ ସତର୍କ ରଖାଯାଇଛି। ନିର୍ବାସିତ ରାଜକୁମାର ରାଜା ପହଲବୀ ଆନ୍ଦୋଳନ ପାଇଁ ଲୋକଙ୍କୁ ସଡ଼କକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ। ୧୯୭୯ରେ ଇସ୍‌ଲାମିକ କ୍ରାନ୍ତି ଦ୍ୱାରା ପହଲବୀଙ୍କ ପିତାଙ୍କୁ କ୍ଷମତାରୁ ହଟାଯାଇଥିଲା। ଯୁବରାଜ ପହଲବୀ ଏବେ ଆମେରିକାରେ ରହୁଛନ୍ତି। ଦେଶବ୍ୟାପୀ ପ୍ରତିବାଦ ଚାଲିଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଅଲି ଖାମନେଇ ପ୍ରଥମଥର ପାଇଁ ଦେଶକୁ ସମ୍ବୋଧିତ କରିଥିଲେ। ଇରାନର ସରକାରୀ ଟିଭି ଖାମନେଇଙ୍କ ଭାଷଣର ପ୍ରସାରଣ କରିଥିଲା। ସେ କହିଥିଲେ ଯେ, ପ୍ରତିବାଦକାରୀ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କୁ ଖୁସି କରିବାକୁ ପ୍ରୟାସ କରୁଛନ୍ତି ଓ ଏଥିପାଇଁ ନିଜ ଦେଶକୁ ନଷ୍ଟ କରିବାକୁ ପଛାଉ ନାହାନ୍ତି। ବିଦେଶୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଭଡ଼ାଟିଆଙ୍କୁ ଇରାନ ସହ୍ୟ କରିବ ନାହିଁ। ପ୍ରତିବାଦ ପଛରେ ବିଦେଶୀ ଏଜେଣ୍ଟ ଅଛନ୍ତି ଓ ଏମାନେ ହିଁ ଦେଶରେ ହିଂସାକୁ ଉସୁକାଉଛନ୍ତି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଇରାନରେ ଅତ୍ୟଧିକ ଦରଦାମ ବୃଦ୍ଧି କାରଣରୁ ଆର୍ଥିକ ସ୍ଥିତି ଖରାପ ହୋଇଛି। ଫଳରେ ଯୁବ ସମାଜ ଅର୍ଥାତ ଜେନ୍- ଜେଡ ଦେଶବ୍ୟାପୀ ନିଜର ଅସନ୍ତୋଷ ପ୍ରଦର୍ଶନ କରିଛି।

## ହିମାଚଳରେ ଖାଇକୁ ବସ୍ ଖସି ୧୨ ମୃତ, ୩୩ ଆହତ

ହରିପୁରଧର, ୯ ।୧(ଏଜେନ୍ସି): ହିମାଚଳ ପ୍ରଦେଶର ସିରମୌରରେ ଶୁକ୍ରବାର ଏକ ଘରୋଇ ବସ୍ ୨୦୦ମିଟର ଖାଇକୁ ଖସିପଡ଼ିବା ଫଳରେ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି। ଜଣେ ଛୋଟ ଝିଅ ସମେତ ୪ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଝିଅଟିକୁ ନାହାନ ନିଆଯାଇଛି ଓ ଅନ୍ୟ ୩ ଜଣଙ୍କୁ ସିମଲାର ଆଇଜିଏମ୍‌ସି ହସ୍ପିଟାଲକୁ ପଠାଯାଇଛି। ବସ୍‌ରେ ମହିଳା ଓ ପିଲାମାନଙ୍କ ସହ ୪୫ ଜଣ ଯାତ୍ରା କରୁଥିଲେ। ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ସିରମୌରର ହରିଧରପୁର ବଜାରରୁ ୧୦୦ ମିଟର ପୂର୍ବରୁ ଅପରାହ୍ନ ୨.୪୫ରେ ଘଟିଥିଲା। ଏହି ବସ ସିମଲାରୁ କୁପଭି ଅଭିମୁଖେ ଯାତ୍ରା କରୁଥିଲା। ଶିମଲାରୁ ଏହି ବସ୍ ସକାଳ ୭.୩୦ରେ ବାହାରିଥିଲା। କୁପଭିର ୨୮ କିମି ପୂର୍ବରୁ ବସ୍ ଖାଇକୁ ଖସିପଡ଼ିଥିଲା। ବସ୍ ତଳେ ୫ ଜଣ ଦବି ରହିଛନ୍ତି ବୋଲି କୁହାଯାଇଛି। ଘନ କୁହୁଡି କାରଣରୁ ଦୁର୍ଘଟଣା ହୋଇଥିଲା।

ଆମେରିକାକୁ ଡେନ୍‌ମାର୍କର କଡ଼ା ଜବାବ୍

## ପ୍ରଥମେ ଗୁଳି; ତା'ପରେ କଥା

କୋପେନହେଗେନ, ୯ ।୧(ଏଜେନ୍ସି): ଗ୍ରୀନଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଡେନମାର୍କ ଏହାର କଡ଼ା ଜବାବ ଦେଇଛି। ଡେନମାର୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଟ୍ରମ୍ପଙ୍କ ଧମକର ଜବାବ୍ ଦେଇ କହିଛି ଯେ, ଯଦି କୌଣସି ବିଦେଶୀ ଶକ୍ତି ଆକ୍ରମଣ କରନ୍ତି ତେବେ, ଆମ ସୈନିକ କୌଣସି ଆଦେଶ କିମ୍ବା ନିର୍ଦ୍ଦେଶରେ ଅପେକ୍ଷା ନ କରି ତୁରନ୍ତ ଜବାବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୁଳି ଚଳାଇବ। ୧୯୫୨ରୁ ବିନା ଆଦେଶରେ ଗୁଳି ଚଳାଇବାର ନିୟମ ଜାରି ହୋଇଛି। ସେତେବେଳେ ଡେନମାର୍କ ନିଜ ସେନା ପାଇଁ ଏହି ନିୟମ ଜାରି କରିଥିଲା। ଏହି ଅନୁସାରେ ବିଦେଶୀ ଶତ୍ରୁଙ୍କ ଆକ୍ରମଣର ଜବାବ ଦେବା ପାଇଁ ଡେନମାର୍କ ସୈନିକଙ୍କୁ ତୁରନ୍ତ ଲଢ଼ିବାକୁ ହେବ। ଏଥିପାଇଁ ସୈନିକଙ୍କୁ କୌଣସି ବରିଷ୍ଠ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବନାହିଁ। ଏହି ନିୟମ ୧୯୪୦ରେ ପ୍ରଥମଥର ପାଇଁ ଲାଗୁ ହୋଇଥିଲା। ସେତେବେଳେ ଜର୍ମାନୀ ଡେନମାର୍କ ଉପରେ ଆକ୍ରମଣ କରିଥିଲା। ଆମେରିକା ତରଫରୁ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ କିମ୍ବା କ୍ରୟ କରିବାକୁ ମନ୍ତବ୍ୟ ଦେବା ପରେ ଡେନମାର୍କ ତରଫରୁ ଏହି ଚେତାବନୀ ଦିଆଯାଇଛି। ଗ୍ରୀନ୍‌ଲାଣ୍ଡ ଆଟଲାଣ୍ଟିକ ମହାସାଗରରେ ଏକ ବଡ଼ ଦୀପ। ଏହା ଗତ ୩୦୦ ବର୍ଷ ହେବ ଡେନମାର୍କ ସହିତ ଜଡିତ ରହିଆସିଛି। ଏହା ଡେନମାର୍କର ଏକ ସ୍ୱୟଂ ଶାସିତ ଅଞ୍ଚଳ। ଗ୍ରୀନ୍‌ଲାଣ୍ଡର ବୈଦେଶିକ ନୀତିକୁ ଡେନମାର୍କ ହିଁ ପରିଚାଳନା କରିଥାଏ। ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ନେଇ ଆମେରିକା ଦେଇଥିବା ମନ୍ତବ୍ୟକୁ ସାରା ବିଶ୍ୱରେ ବିରୋଧ କରାଯାଇଛି।

● ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ


## ୩୬ ମିସାଇଲ, ୨୪୨ ଡ୍ରୋନ ମାଡ଼; ୪ ମୃତ

କିଭ୍, ୯ ।୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୧, ୪୧୫ ଦିନରେ ପହଞ୍ଚିଛି। ଅର୍ଥାତ ଏହି ଯୁଦ୍ଧ ଏବେ ୪ ବର୍ଷ ପୂରଣ କରିବାକୁ ଯାଉଥିଲେ ମଧ୍ୟ ଥମିବାର ନାଁ ନେଉନାହିଁ। ଗୁରୁବାର ବିଳମ୍ବିତ ରାତିରେ ୟୁକ୍ରେନ ଉପରେ ରୁଷିଆ ବଡ଼ ଧରଣର ଆକ୍ରମଣ କରିଛି। ରୁଷିଆ ୩୬ଟି ମିସାଇଲ ଓ ୨୪୨ଟି ଡ୍ରୋନ ଆକ୍ରମଣ କରିଛି ବୋଲି ୟୁକ୍ରେନ ଦାବି କରିଛି। ଏଥିରେ ୪ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି। ରୁଷ ସେନା ଓରେଶ୍ନିକ ହାଇପରସୋନିକ ଏବଂ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ବ୍ୟବହାର କରି ୟୁକ୍ରେନର ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଥିଲା। ଏହି କ୍ଷେପଣାସ୍ତ୍ର ୟୁରୋପିଆନ ୟୁନିୟନ ଓ ନାଟୋ ସୀମାରେ ହିଁ ପଡ଼ିଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରଣାଳୟ କହିଛି। ଏହି ଆକ୍ରମଣରେ ରାଜଧାନୀ କିଭର ଆପାର୍ଟମେଣ୍ଟ ବ୍ଲକଗୁଡିକ ପୋଡ଼ି ଯାଇଥିଲା। ୟୁକ୍ରେନ ରାଷ୍ଟ୍ରପତି ରୁଷ୍‌ର ଭୋଲୋଦିମିର ଜେଲେଁସ୍କି ଏହି ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି। ଏହି ଆକ୍ରମଣରେ ୨୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି।

## ଗୁଜରାଟରେ ୧୨ ଘଣ୍ଟାରେ ୭ ଭୂକମ୍ପ

ରାଜକୋଟ, ୯ ।୧(ଏଜେନ୍ସି): ଗୁଜରାଟର ରାଜକୋଟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ଟି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି। ଏହି ଝଟ୍‌କା ନିହାତି ମାମୁଲି ଓ ହାଲ୍‌କା ଥିଲା। ଫଳରେ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ। ସେଣ୍ଟର ଫର ସିସ୍‌ମୋଲୋଜି ଅନୁଯାୟୀ, ଭୂକମ୍ପଗୁଡିକର ତୀବ୍ରତା ୨.୭ ଓ ୩.୮ ମଧ୍ୟରେ ମପାଯାଇଛି। ସତର୍କତା ସ୍ୱରୂପ ସ୍କୁଲଗୁଡିକୁ ବନ୍ଦ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ଭୂକମ୍ପର କେନ୍ଦ୍ରସ୍ଥଳ ଉପଲେଟାଠାରୁ ୨୮ କିମି ଦୂରରେ ଥିଲା। ବାରମ୍ବାର ଭୂକମ୍ପ ହୋଇଥିବାରୁ ଏକ ବଡ଼ ଭୂକମ୍ପ ଆସିବ ବୋଲି ଆଶଙ୍କା କରାଯାଉଛି। ଶୁକ୍ରବାର ସକାଳେ ୬ଟି ଭୂକମ୍ପ ଆସିଥିଲା। ତେବେ ପ୍ରଥମ ଭୂକମ୍ପ ଗୁରୁବାର ରାତି ୮.୪୩ରେ ଆସିଥିଲା। ଏହାପରେ ଦ୍ୱିତୀୟ ଭୂକମ୍ପ ସକାଳ ୬.୧୯, ତୃତୀୟ ୬.୫୫, ଚତୁର୍ଥ ୬.୫୮, ପଞ୍ଚମ ୭.୧୦, ଷଷ୍ଠ ୭.୧୩ ଓ ସପ୍ତମ ସକାଳ ୭.୩୩ରେ ଆସିଥିଲା। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଜାନୁଆରୀରେ ଦେଶ ପାଇଁ ଏକ ନୂଆ ଭୂକମ୍ପ ମାନଚିତ୍ର ପ୍ରକାଶ କରିଥିଲା। ଏହି ନୂଆ ମାନଚିତ୍ର ଅନୁସାରେ ଭାରତର ୭୫ ପ୍ରତିଶତ ଜନସଂଖ୍ୟା ବର୍ତ୍ତମାନ ଭୂକମ୍ପ ଜନିତ ବିପଜ୍ଜନକ ଅଞ୍ଚଳରେ ବସବାସ କରୁଛନ୍ତି। ହିମାଳୟ ପର୍ବତମାଳା ଓ ତାର ନିକଟବର୍ତ୍ତୀ ଅଞ୍ଚଳକୁ ଅତି ଉଚ୍ଚ-ବିପଜ୍ଜନକ ଅଞ୍ଚଳ (ଜୋନ-୬)ରେ ରଖାଯାଇଛି।

## ଅଟୋମୋବାଇଲ କମ୍ପାନୀ ହିଁ ସ୍ଲିପର ବସ୍ ତିଆରି କରିବେ: ଗଡ଼କରୀ



ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଶୁକ୍ରବାର ଏକ ବଡ଼ ଘୋଷଣା କରିଛନ୍ତି। ଏବେ କେବଳ ଅଟୋମୋବାଲ କମ୍ପାନୀଗୁଡିକ ହିଁ ସ୍ଲିପର ବସ୍ ପ୍ରସ୍ତୁତ କରିବେ କିମ୍ବା ସରକାରଙ୍କ ଦ୍ୱାରା ଅନୁମୋଦିତ ସଂସ୍ଥା ଦ୍ୱାରା ଏହି ବସଗୁଡିକୁ ତିଆରି କରିବେ। ନୂତନ ସୁରକ୍ଷା ମାନଦଣ୍ଡ ପୂରଣ ପାଇଁ ଏବେ ଚାଲୁଥିବା ସ୍ଲିପର ବସ୍‌ଗୁଡିକୁ ଅପଡେଟ୍ କରିବାକୁ ହେବ ବୋଲି ସେ କହିଛନ୍ତି। ସ୍ଲିପର କୋଚ୍ ବସ୍‌ଗୁଡିକରେ ବୃଦ୍ଧି ପାଉଥିବା ଅଗ୍ନିକାଣ୍ଡ ଘଟଣାଗୁଡିକୁ ରୋକିବାକୁ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଗଡ଼କରୀ କହିଛନ୍ତି ଯେ, ବିଦ୍ୟମାନ ସ୍ଲିପର ବସ୍‌ଗୁଡିକୁ ଅଗ୍ନି ଚିହ୍ନଟ ପ୍ରଣାଳୀ, ଜରୁରୀ କାଳୀନ ପ୍ରସ୍ଥାନ (ହାତୁଡି ସମେତ), ଜରୁରୀ କାଳୀନ ଆଲୋକ ଓ ଡ୍ରାଇଭର ନିଦ୍ରା ସୂଚକ ସହିତ ସଜ୍ଜିତ ହେବା ଆବଶ୍ୟକ। ଗତ ୬ ମାସ ମଧ୍ୟରେ ସ୍ଲିପର କୋଚ୍ ବସ ସହିତ ୬ଟି ବଡ଼ ଅଗ୍ନିକାଣ୍ଡ ଦୁର୍ଘଟଣା ଘଟିଛି ଓ ଏଥିରେ ୧୪୫ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସେ କହିଛନ୍ତି। ସବୁ ବସ୍‌ରେ ନିଆଁ ଲାଗିବା କାରଣ ଏକ ପ୍ରକାର। ସେ କହିଛନ୍ତି ଯେ, ଭାରତରେ ବସ୍ ବଡ଼ି କୋଡ୍, ଏଆଇଏସ୍-୦୫୨ ଏକ ବାଧ୍ୟତାମୂଳକ ମାନକ। ଏହା ଦେଶରେ ନିର୍ମିତ ବସ୍ ବଡ଼ି ପାଇଁ ସୁରକ୍ଷା, ଗଠନମୂଳକ ଓ ଡିଜାଇନ୍ ମାନକ ସ୍ଥିର କରିଥାଏ। ଏହି କୋଡ ପୂର୍ବରୁ ଅସଂଗଠିତ ବସ୍ ବଡ଼ି ବିଲ୍ଡିଂ କ୍ଷେତ୍ରକୁ ନିୟନ୍ତ୍ରଣ କରିବା, ଯାତ୍ରୀ ଓ ଡ୍ରାଇଭର ସୁରକ୍ଷା ବୃଦ୍ଧି କରିବା ଏବଂ ବସ୍ କୋଚ୍ ଉତ୍ପାଦନରେ ସମାନତା ଆଣିବା ପାଇଁ କାର୍ଯ୍ୟକାରୀ ହେଉଥିଲା। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସଡ଼କ ପରିବହନରେ ସୁରକ୍ଷା ମାନକକୁ ଆହୁରି କଠୋର କରିବା ପାଇଁ ୨୦୨୫ ସେପ୍ଟେମ୍ବର ୧ରୁ ସଂଶୋଧିତ ବସ୍ ବଡ଼ି କୋଡ ଆରମ୍ଭ କରିଛି।


## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ବୋମା ଧମକ

କୋଲକାତା, ୯ ।୧(ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିବି ଆନନ୍ଦ ବୋଷଙ୍କୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି ବୋଲି ରାଜଭବନ ସୂତ୍ରରୁ ଜଣାଯାଇଛି। ରାଜଭବନର ଅଧିକାରୀମାନଙ୍କ କହିବା ଅନୁଯାୟୀ ଇ- ମେଲ ମାଧ୍ୟମରେ ଏହି ଧକମ ମିଳିଛି। ଏଥିସହ ମେସେଜରେ ମୋବାଇଲ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି। ପୁଲିସ ମାତ୍ର କେତେ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। କୋଲକାତାର ସଲ୍ଟଲେକ୍ ଅଞ୍ଚଳରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ତାକୁ ପଚରା ଉଚରା କରାଯାଉଛି। ସେ କାହିଁକି ଏପରି ଧମକ ଦେଇଛି ଓ ଏହା ପଛରେ କି ଷଡଯନ୍ତ୍ର ରହିଛି ସେ ନେଇ ପୁଲିସ ଜାଣିବାକୁ ପ୍ରୟାସ କରୁଛି। ଏ ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଧ୍ୟ ଏହି ଧମକ ବିଷୟରେ ଅବଗତ କରାଯାଇଛି। ରାଜ୍ୟପାଳଙ୍କ ସୁରକ୍ଷା ପାଇଁ ପୁଲିସ ଓ ସିଆରପିଏଫ୍‌ର ପ୍ରାୟ ୬୦ରୁ ୭୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟପାଳ ବୋଷ ଜେଡ୍-ପ୍ଲସ୍ ସୁରକ୍ଷା ବଳୟ ମଧ୍ୟରେ ରହିଛନ୍ତି। ପଶ୍ଚିମବଙ୍ଗରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ଧମକ ଆସିଛି। ଜାନୁଆରୀ ୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୋସିଆଲ ମିଡିଆ ତଥା ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ରାଜନୈତିକ ଉଦ୍ଦେଶ ପ୍ରଣୋଦିତ ବୋଲି ବର୍ଣ୍ଣନା କରିଥିଲେ। ଏ ନେଇ ରାଜପାଳ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସାମ୍ବିଧାନିକ ପଦରେ ଅଧିଷ୍ଠିତ ଥିବା ବ୍ୟକ୍ତିମାନେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରୀ କର୍ମଚାରୀମାନଙ୍କୁ ସରକାରୀ କର୍ତ୍ତବ୍ୟ ପାଳନ ବେଳେ ବାଧାଦେବା ଏକ ଦଣ୍ଡନୀୟ ଅପରାଧ। ସେପଟେ ମମତା ଜଣେ ଅସଫଳ ନେତ୍ରୀ ବୋଲି ବିଜେପି ଆଇଟି ସେଲ୍‌ର ମୁଖ୍ୟ ଅମିତ ମାଲବୀୟ କହିଛନ୍ତି। ମମତା ଓ ରାଜ୍ୟପାଳଙ୍କ ମଧ୍ୟରେ ତିକ୍ତତା ବହୁଦିନ ପୂର୍ବରୁ ଚାଲିଆସୁଛି।

ଆମେରିକା ମନ୍ତ୍ରୀଙ୍କ ଦାବି

# ଟ୍ରମ୍ପଙ୍କୁ ମୋଦୀ ଫୋନ୍ ନ କରିବାରୁ ଅଟକିଲା ବାଣିଜ୍ୟ ଚୁକ୍ତି

■ ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଲାଗିଛି
■ ଭାରତର ଜବାବ: ଗତ ବର୍ଷ ୮ ଥର କଥା ହୋଇଥିଲେ ମୋଦୀ
■ ଜୁଲାଇରେ ଟ୍ରମ୍ପଙ୍କ ଫୋନ କଲ୍‌କୁ ୪ ଥର ଉଠାଇ ନ ଥିଲେ ମୋଦୀ
■ ଅହଙ୍କାର ପାଇଁ ଭାରତ ଉପରେ ୫୦% ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ



ୱାଶିଂଟନ, ୯।୧ (ଏଜେନ୍ସି): ଦୀର୍ଘ ଦିନ ହେଲା ଆମେରିକ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଅଟକି ରହିଛି। ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରି ନାହିଁ। ଭାରତର ଡାଏରୀ ଏବଂ କୃଷି କ୍ଷେତ୍ରରେ ଆମେରିକା ପଶିବାକୁ ଚାହୁଁଛି ବୋଲି ଅନେକ ଥର ରିପୋର୍ଟ ଆସିଛି। ମାତ୍ର ଭାରତ ଏପରି ଅନୁମତି ଦେଉ ନ ଥିବାରୁ ଚୁକ୍ତି ଆଗକୁ ବଢ଼ି ପାରୁ ନାହିଁ ବୋଲି କୁହାଯାଉଥିଲା। ଏବେ ଏଫଟିଏକୁ ନେଇ ଲାଗି ରହିଥିବା ଛକାପଞ୍ଝାର କାରଣ ସାମ୍‌ନାକୁ ଆସିଛି। ଟ୍ରମ୍ପଙ୍କ ଅହଙ୍କାର ପାଇଁ ଏଭଳି ହୋଇଛି। ଖୋଦ୍ ଆମେରିକା ବାଣିଜ୍ୟମନ୍ତ୍ରୀ ହାୱାର୍ଡ ଲୁଟନିକ ଏହି ଦାବି କରିଛନ୍ତି। କୌଣସି ନୀତି କିମ୍ବା ବିବାଦ ନୁହେଁ, ବରଂ ଟ୍ରମ୍ପଙ୍କ ଆଭିମୁଖ୍ୟ ଯୋଗୁଁ ଏଫଟିଏ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି। କାରଣ ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ କରି ନ ଥିଲେ। ପ୍ରଧାନମନ୍ତ୍ରୀ ନିଜେ ଫୋନ କରି ଚୁକ୍ତି ଚୂଡ଼ାନ୍ତ କରନ୍ତୁ ବୋଲି ଟ୍ରମ୍ପ ଚାହୁଁଥିଲେ। ମାତ୍ର ମୋଦୀ ଏପରି ନ କରିବାରୁ ଆମେରିକା ରାଷ୍ଟ୍ରପତିଙ୍କ ଅହଙ୍କାରକୁ ଆଘାତ ଲାଗିଥିଲା। ତେଣୁ ଟ୍ରମ୍ପ ଏଫଟିଏକୁ ଅଟକାଇ ରଖିଛନ୍ତି।

ଅନ୍ୟପଟେ ଭାରତ ପକ୍ଷରୁ ହାୱାର୍ଡ ଲୁଟନିକଙ୍କ ଏଭଳି ମନ୍ତବ୍ୟକୁ ଖଣ୍ଡନ କରି ଦିଆଯାଇଛି। ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଗତ ବର୍ଷ ମୋଦୀ ଏବଂ ଟ୍ରମ୍ପ ୮ ଥର ଫୋନରେ କଥା ହୋଇଥିଲେ। ୨୦୨୫, ଫେବୃଆରୀ ୧୩ରୁ ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କାର୍ଯ୍ୟ କରୁଛନ୍ତି। ଏ ନେଇ ଅନେକ ପର୍ଯ୍ୟାୟ ଆଲୋଚନା ହେଲାଣି। ଅନେକ ଥର ଚୁକ୍ତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ କଥା ପହଞ୍ଚିଛି। ଭାରତ ଲାଭଜନକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛି। ଏଥିପାଇଁ ଦୁଇ ଦେଶ ମଧ୍ୟରେ ମୂଳଚାଲ ଜାରି ରହିଛି। ମୋଦୀ-ଟ୍ରମ୍ପ ୮ ଥର କଥା ହେବା ବାଣିଜ୍ୟ ଚୁକ୍ତି ପାଇଁ ଶୀର୍ଷ ନେତୃତ୍ୱ ସ୍ତରରେ ଚର୍ଚ୍ଚା ଜାରି ରହିଛି ବୋଲି ଦର୍ଶାଉଛି।

ଏକ ପୋଡକାଷ୍ଟରେ ଲୁଟନିକ କହିଥିଲେ ଯେ ଭାରତ ସହ ବାଣିଜ୍ୟ ଚୁକ୍ତି ପ୍ରାୟ ଚୂଡ଼ାନ୍ତ ହୋଇ ଯାଇଥିଲା। ଆଲୋଚନା ଚୂଡ଼ାନ୍ତ କରିବା ପାଇଁ ଭାରତକୁ 'ତିନି ଶୁକ୍ରବାର' ସମୟ ଦିଆଯାଇଥିଲା। ଟ୍ରମ୍ପ ମଧ୍ୟ ଚୁକ୍ତିକୁ ମୋହର ମାରିବାକୁ ଚାହୁଁଥିଲେ। ଏଥପାଇଁ କେବଳ ରାଷ୍ଟ୍ରପତିଙ୍କୁ ମୋଦୀ କଲ୍ କରିବାର ଥିଲା। ମାତ୍ର ଭାରତୀୟ ପକ୍ଷ ଏପରି କରିବାରେ ଅସହଜ ଥିଲା ଏବଂ ମୋଦୀ ତାଙ୍କୁ କଲ୍ କରି ନ ଥିଲେ। ଭାରତ ବିଳମ୍ବ କରିବା ଯୋଗୁଁ ଅନ୍ୟ ଦେଶଙ୍କୁ ଲାଭ ମିଳିଥିଲା। ପ୍ରଥମେ ଭାରତ ସହ ଚୁକ୍ତି ହେବ ବୋଲି ଆମେ ଭାବିଥିଲୁ, କିନ୍ତୁ ମୋଦୀ କଲ୍ ନ କରିବାରୁ ଇଣ୍ଡୋନେସିଆ, ଫିଲିପିନ୍ସ ଏବଂ ଭିଏତନାମ ସହ ଚୁକ୍ତି ହୋଇଥିଲା। ବ୍ରିଟେନର ଉଦାହରଣ ଦେଇ ଲୁଟନିକ କହିଥିଲେ ଯେ ସମୟସୀମା ଶେଷ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଟ୍ରମ୍ପଙ୍କୁ ଫୋନ କରିଥିଲେ। ଏହାର ଦିନକ ପରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ଘୋଷଣା କରାଯାଇଥିଲା।

ଏବେ ଆମେରିକା ପୁରୁଣା ସର୍ତ୍ତକୁ ମାନୁନାହିଁ। ନୂଆ ସର୍ତ୍ତ ରଖିଥିବାରୁ ଭାରତ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଲୁଟନିକ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମେ ସହମତି ହୋଇଥିବା ବାଣିଜ୍ୟ ଚୁକ୍ତିରୁ ଆମେରିକା ପଛକୁ ହଟି ଯାଇଛି। ଏବେ ସେହି ପୁରୁଣା ଅଫର ବିଷୟରେ ଚିନ୍ତା କରାଯାଉ ନାହିଁ। ପୁଣି ଆଲୋଚନା ହେଲେ ଭାରତକୁ ନୂଆ ଏବଂ ଅଧିକ କଠୋର ସର୍ତ୍ତରେ ସାମ୍‌ନା କରିବାକୁ ପଡ଼ିପାରେ। ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜୁଲାଇରେ ଟ୍ରମ୍ପ ମୋଦୀଙ୍କୁ ୪ ଥର କଲ୍ କରିଥିଲେ। ମାତ୍ର ପ୍ରତ୍ୟକ ଥର ପ୍ରଧାନମନ୍ତ୍ରୀ ଫୋନ ଉଠାଇ ନ ଥିଲେ। ଆଲୋଚନାର ଫଳାଫଳକୁ ଟ୍ରମ୍ପ ବଢ଼େଇଚଢ଼େଇ କହିପାରିନ୍ତି ବୋଲି ଭାରତ ପକ୍ଷରୁ ଆଶା କରାଯାଇଥିଲା। ଏହା ସହିତ ଭାରତ-ପାକିସ୍ତାନ ସଂଘର୍ଷରେ ମଧ୍ୟସ୍ଥତା କରିଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି। କିନ୍ତୁ, ମୋଦୀ ଏହାକୁ ଖାରଜ କରିଦେଇ ଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଦେଇଥିବାର ଫଳ ଭାରତକୁ ଭୋଗିବାକୁ ପଡୁଛି। ରୁଷଠାରୁ ତୈଳ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ମୋଟ ଶୁଳ୍କକୁ ୫୦ ପ୍ରତିଶତ କରି ଦେଇଥିଲେ। ଏହା ପରେ ସେପ୍ଟେମ୍ବର ୧୭ରେ ମୋଦୀଙ୍କ ଜନ୍ମଦିନ ଅବସରରେ ଟ୍ରମ୍ପ ଫୋନ କରିବାରୁ ମାମଲା ଟିକେ ଶାନ୍ତ ପଡ଼ିଥିଲା। ଉଭୟେ ଦୀପାବଳି ଏବଂ ଡିସେମ୍ବରରେ ମଧ୍ୟ ଫୋନ୍‌ରେ କଥା ହୋଇଥିଲେ। ଏହା ସତ୍ତ୍ୱେ ବି ବାଣିଜ୍ୟ ଚୁକ୍ତି ଅଟକି ରହିଥିଲା। ସୂଚନାଯୋଗ୍ୟ ଯେ ୨୦୨୪ରେ ଭାରତ-ଆମେରିକା ମଧ୍ୟରେ ୧୧ ଲକ୍ଷ କୋଟିର କାରବାର ହୋଇଥିଲା। ଏହି ଅବଧିରେ ଆମେରିକା ଭାରତକୁ ୩.୪୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଥିଲା। ସେହିପରି ଭାରତ ୭.୩୫ ଲକ୍ଷ କୋଟିର ସାମଗ୍ରୀ ପଠାଇ ଥିଲା। କାରବାରରେ ବାଣିଜ୍ୟ ନିଅଣ୍ଟ ବଢୁଥିବାରୁ ଆମେରିକା ଅସନ୍ତୁଷ୍ଟ ଥିଲା।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

କେନ୍ଦ୍ରାପଡ଼ା, ୯ ।୧(ସମିସ): ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା । କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ଆଜି ଏପରି ଏକ ଅଭିଯୋଗ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଯୁବତୀଜଣଙ୍କ ସୁନାଇଲୋ ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ । ପୁଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



ଚକ୍ଷୁ ଦାନ କରାଇଲେ ପରିବାରଲୋକ

ଯୁବତୀଙ୍କ ବାପାଙ୍କ ଏତଲା ଅନୁଯାୟୀ, ତାଙ୍କ ଝିଅ ୨୦୨୪ରୁ କେନ୍ଦ୍ରାପଡ଼ା ପୌରପାଳିକାରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ । ୨୦୨୫ରେ ଚାକିରି ଛାଡ଼ି ଉଚ୍ଚଶିକ୍ଷା ସ୍ୱପ୍ନ ପୂରଣ ପାଇଁ ବିଇଡି ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ନିମନ୍ତେ ସୁନାଇଲୋ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ । ଗୁରୁବାର ଅପରାହ୍ଣରେ ତାଙ୍କ ମାଆ ବାରମ୍ବାର ଫୋନ କରିଥିଲେ ହେଁ ସେ ଫୋନ୍ ନ ଉଠାଇବାରୁ ପରିବାରଲୋକ ଚିନ୍ତାରେ ପଡ଼ିଥିଲେ । କେନ୍ଦ୍ରାପଡ଼ା ପୌରପାଳିକାର ଜଣେ ଅଧିକାରୀଙ୍କଠାରୁ ଖବର ପାଇ ଯୁବତୀଙ୍କ ବାପା ସଂଧ୍ୟାରେ ଉକ୍ତ ଭଡ଼ା ଘରେ ପହଞ୍ଚିଥିଲେ । ଘର ଭିତରେ ଯୁବତୀଜଣଙ୍କ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ଗୋଟିଏପଟେ ତାଙ୍କ ଓଢ଼ଣୀ ପଡ଼ିଥିଲା । ଯୁବତୀଙ୍କ ଏପରି ଅସ୍ୱାଭାବିକ ମୃତ୍ୟୁକୁ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି । କେହି ଦୁର୍ବୃତ୍ତ ତାଙ୍କ ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରିଛି ବୋଲି ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବତୀଙ୍କ ମୃତ୍ୟୁ ରହସ୍ୟ ଖୋଲିବ ବୋଲି ପୁଲିସ କହିଛି । ଅପରପକ୍ଷେ ଝିଅର ଚକ୍ଷୁକୁ ପରିବାରଲୋକେ ଦାନ କରିଥିବା ଜଣାପଡ଼ିଛି ।

### ସତ୍କାର ପାଇଁ ଭାଇ-ଭାଇ ମଧ୍ୟରେ ବିବାଦ

# ୪୦ ଘଣ୍ଟା ପଡ଼ିରହିଲା ବାପାର ଶବ

ଜଳେଶ୍ୱର, ୯।୧ (ସମିସ): ଶବ ସଂସ୍କାର ପାଇଁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଯୋଗୁଁ ୪୦ଘଣ୍ଟା ପଡ଼ିରହିଲା ବାପାର ଶବ । ମୟୂରଭଞ୍ଜ ଜିଲ୍ଲା ରାଇବଣିଆ ଥାନା କାଳିକ ପଞ୍ଚାୟତର ରଙ୍ଗାମାଟିଆ ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି । ଶେଷରେ ପୁଲିସ ହସ୍ତକ୍ଷେପ ପରେ ଶବ ସଂସ୍କାର କରାଯାଇଥିଲା ।

ସୂଚନାନୁଯାୟୀ, ରଙ୍ଗମାଟିଆ ଗାଁର ଛୁଟା ହାଁସଦା(୯୫)ଙ୍କ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା ତାଙ୍କ ସାନପୁଅ ଭୀମା ହାଁସଦା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିବାରୁ ବାପାଙ୍କ ଶବକୁ ନିଜ ବାଡ଼ିରେ କବର ଦେବାକୁ ଚାହିଁଥିଲା । କିନ୍ତୁ ଏହାକୁ ଅନ୍ୟ ଭାଇମାନେ ବିରୋଧ କରିଥିଲେ । ଆଦିବାସୀଙ୍କ ଗ୍ରାମସଭାର ସଦସ୍ୟମାନଙ୍କ ସହ ମିଶି ଶବକୁ କବର ନ ଦେଇ ସାନ୍ତାଳ ରୀତିନୀତିରେ ସତ୍କାର କରିବା ପାଇଁ ଜିଦ୍ କରିଥିଲେ । ଫଳରେ ଭାଇମାନଙ୍କ ମଧ୍ୟରେ ବିବାଦ ଯୋଗୁଁ ଛୁଟାଙ୍କ ଶବ ପ୍ରାୟ ୪୦ ଘଣ୍ଟା ଧରି ଘରେ ପଡ଼ି ରହିଥିଲା । ଖବର ପାଇ ରାଇବଣିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ନମାଣିଆଠାରେ ଛୁଟାଙ୍କ ଶବ ସତ୍କାର କରାଯାଇଥିଲା ।

### ୮ ଟି ବିଭାଗର ୧୧ ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର

# ଜଳ ଜୀବନ ମିଶନରେ କେନ୍ଦ୍ର ଭାଗ ଟଙ୍କା ଭରିବ ଓଡ଼ିଶା

ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟରେ ଜଳ ଜୀବନ ମିଶନରେ ଗ୍ରାମାଞ୍ଚଳ ପରିବାରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଏହି ପ୍ରମୁଖ ଯୋଜନା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ୫୦ ପ୍ରତିଶତ ଲେଖାଏଁ ପାଣ୍ଠି ଯୋଗାଇ ଦେଇଥାନ୍ତି । ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ଯୋଜନାରେ କେନ୍ଦ୍ର ସରକାର ନିଜ ଭାଗ ଠିକ୍ ଭାବରେ ପ୍ରଦାନ କରୁନାହାନ୍ତି । ଫଳରେ ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି । ଏହି ଆହ୍ୱାନକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ନିଜ ଅଂଶଧନ ସହ କେନ୍ଦ୍ର ସରକାରଙ୍କ ଭାଗ ମଧ୍ୟ ରାଜ୍ୟ ରାଜକୋଷରୁ ପ୍ରଦାନ କରିବେ । ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୩୪ ତମ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏହାସହ ୮ ବିଭାଗର ୧୧ଟି ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି ।

**ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬ ଉପରେ ଲାଗିଲା ମୋହର**

**ମୃତ ହିତାଧିକାରୀଙ୍କ ତଥ୍ୟ ନ ଦେଲେ ଆଦାୟ ହେବ ରାସନ**

**ପ୍ରତି ୫ ବର୍ଷରେ ନବୀକରଣ ହେବ ହିତାଧିକାରୀଙ୍କ କେୱାଇସି**

**ଗ୍ରାମାଞ୍ଚଳରେ ରାସନ କାଡର୍ ପାଇଁ ଆୟରାଶି ୧୫ ହଜାରକୁ ବୃଦ୍ଧି**

**ଆପାର୍ଟମେଣ୍ଟ କମନ ଏରିଆ ପଞ୍ଜିକରଣ ଫି’ ୫ ହଜାରକୁ ହ୍ରାସ**

ଜଳଜୀବନ ମିଶନକୁ ରାଜ୍ୟ ରାଜକୋଷରୁ ଅର୍ଥ ବରାଦ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଏହି ଯୋଜନା ପାଇଁ କେନ୍ଦ୍ରପ୍ରଦତ୍ତ ୫୦ ପ୍ରତିଶତ ଅର୍ଥ ଆସିବାରେ ବିଳମ୍ବ ହୋଇଛି । ତେଣୁ ଉକ୍ତ ଅର୍ଥ ନଆସିବା ପର୍ଯ୍ୟନ୍ତ ରାଜ୍ୟ ସରକାର ଏହା ବହନ କରିବେ ।

ରାଜ୍ୟରେ ବିରୋଧୀ ଅଭିଯୋଗ କରି ଆସୁଛନ୍ତି ଯେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରି ପାରୁ ନ ଥିବା ଯୋଗୁଁ ଅନେକ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ହ୍ରାସ ପାଉଛି । ଏବେ ରାଜ୍ୟର ଏକ ପ୍ରମୁଖ ଯୋଜନା ପାଇଁ ରାଜ୍ୟ ସରକାର କେନ୍ଦ୍ରଠାରୁ ଅର୍ଥ ଆଣିବାରେ ବିଫଳ ହେବା ପରେ ଡବଲ ଇଞ୍ଜିନ ସରକାରକୁ ବଡ଼ ଝଟକା ଲାଗିଛି । ଏହି ନିଷ୍ପତ୍ତି ବ୍ୟତୀତ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ପାଇଥିବା ହିତାଧିକାରୀଙ୍କୁ ଏକ ବଡ଼ ଧକ୍କା ଲାଗିବାକୁ ଯାଉଛି । କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (କଣ୍ଟ୍ରୋଲ) ରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଫଳରେ ରାଜ୍ୟରେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରାଯିବ । ଏହାସହ ପ୍ରତି ୫ ବର୍ଷରେ ଇ-କେୱାଇସି କରାଯିବ । ପୁନଶ୍ଚ ୬ ମାସ ପର୍ଯ୍ୟନ୍ତ ଯଦି କୌଣସି ହିତାଧିକାରୀ କାର୍ଡ ବ୍ୟବହାର କରି ନ କରନ୍ତି ତେବେ ଏହି କାର୍ଡକୁ ବାତିଲ କରାଯିବ । ଏହା ବ୍ୟତୀତ କୌଣସି ହିତାଧିକାରୀଙ୍କ କାର୍ଡରେ ଥିବା ସଦସ୍ୟଙ୍କର ମୃତ୍ୟୁ ହେଲେ ସେମାନେ ତୁରନ୍ତ ଏ ସଂକ୍ରାନ୍ତରେ ପିଡିଏସ୍ କେନ୍ଦ୍ରରେ ଜଣାଇବେ । ଯଦି ସେ ଏହା ନ ଜଣାଇ ରାସନ ସାମଗ୍ରୀ ନିଅନ୍ତି, ତେବେ ତାଙ୍କଠାରୁ ସମସ୍ତ ସାମଗ୍ରୀ ଆଦାୟ କରାଯିବ । ଏହା ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପୂର୍ବରୁ ଗ୍ରାମାଞ୍ଚଳ ୧୦ହଜାର ଓ ସହରାଞ୍ଚଳରେ ୧୫ହଜାର ଟଙ୍କା ପାଉଥିଲେ ସେମାନଙ୍କୁ କାର୍ଡ ପାଇବାରୁ ବାଦ୍ ଦିଆଯାଉଥିଲା । ଏବେ ଗ୍ରାମାଞ୍ଚଳ ପାଇଁ ୧୫ହଜାର ଓ ସହରାଞ୍ଚଳ ପାଇଁ ୨୦ହଜାରକୁ ବୃଦ୍ଧି କରାଯାଇଛି ।



ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬କୁ ଅନୁମୋଦନ ମିଳିଛି । ଏହା ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ବଦଳରେ ଲାଗୁ ହେବ । ଏହି ନୀତିରେ ହୋଟେଲ ଓ ମୋଟେଲ ପାଇଁ ସବସିଡି ବ୍ୟବସ୍ଥାରେ ସରଳୀକରଣ କରାଯାଇଛି । ଜଳସମ୍ପଦ ବିଭାଗର ଦୁଇଟି ନିଷ୍ପତ୍ତି ଭାବେ ପାର୍ବତୀଗିରି ବୃହତ ଉଠାଜଳସେଚନ ୧୯୦ କୋଟିର ଗୋଟିଏ ପ୍ରକଳ୍ପର ଟେଣ୍ଡରକୁ ମଞ୍ଜୁରି ମିଳିଛି । ଏଥିରେ ଗଞ୍ଜାମର ୮୫ ଟି ଗାଁ ଗାଁ ଉପକୃତ ହେବ ।

ସେହିପରି ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପର କେନାଲ ସିଷ୍ଟମ ପାଇଁ ୩୨୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହା ବ୍ୟତୀତ ଶିଳ୍ପ ବିଭାଗର ଟାଟା ପାୱାର ନବୀକରଣୀୟ ଶକ୍ତି ସମନ୍ୱିତ ଉତ୍ପାଦନ ସୁବିଧାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଗୋପାଳପୁରଠାରେ ଏହାର ନିର୍ମାଣ ହେବ । ଏହି ପ୍ରକଳ୍ପ ପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଏହାଦ୍ୱାରା ୫୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ସରକାର କହିଛନ୍ତି । ଗୃହ ବିଭାଗ ପକ୍ଷରୁ ରାଜ୍ୟ ପ୍ରସିକ୍ୟୁସନ ସର୍ଭିସ କ୍ୟାଡରରେ ସଂଶୋଧନ ପ୍ରସ୍ତାବ ସହ ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ ମିଳିଛି । ଏହା ବ୍ୟତୀତ ରାଜସ୍ୱ ବିଭାଗର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆକ୍ଟର କମନ ଏରିଆ ପଞ୍ଜିକରଣ ପାଇଁ ପୂର୍ବରୁ ୫ ପ୍ରତିଶତ ଫି ଦେବାକୁ ପଡୁଥିଲା ବେଳେ ଏହାକୁ ୫୦ ହଜାର ଟଙ୍କାକୁ ଖସାଇ ଦିଆଯାଇଛି । ଏହି ନିଷ୍ପତ୍ତିକୁ ଅଧ୍ୟାଦେଶ ଜରିଆରେ ଲାଗୁ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି ।

### ପିଏମ୍ ଆବାସ

# ଆବେଦନ ୩୭ ଲକ୍ଷ; ପାଇବେ ୧୦ ଲକ୍ଷ

ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ କଚ୍ଚା ଘର ସଂଖ୍ୟାକୁ ନେଇ ତୁଟୁନାହିଁ ଦ୍ୱନ୍ଦ୍ୱ । ୨୦୨୦ ମସିହାରେ ରାଜ୍ୟରେ ୨୦ ଲକ୍ଷ କଚ୍ଚା ଘର ଥିବା ତତ୍‌କାଳୀନ ସରକାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଥିବାବେଳେ ନୂଆ ସରକାର କରିଥିବା ସର୍ଭେରେ ଏହି ସଂଖ୍ୟା ୩୭.୮୯ ଲକ୍ଷକୁ ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏତେ ସଂଖ୍ୟକ ଲୋକ କଚ୍ଚା ଘରେ ରହୁଥିବାବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୧୦ ଲକ୍ଷ ଲୋକଙ୍କୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ୨୦୧୧ ମସିହାରେ ଜନଗଣନା ଅନୁସାରେ ରାଜ୍ୟରେ ମୋଟ କଚ୍ଚା ଘର ସଂଖ୍ୟା ଥିଲା ୫୬.୫୧ ଲକ୍ଷ । ତତ୍‌କାଳୀନ କେନ୍ଦ୍ର ସରକାରଙ୍କ ଇନ୍ଦିରା ଆବାସ, ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଯୋଜନା (ଗ୍ରାମୀଣ), ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଘର ଯୋଗାଇବା ପ୍ରକ୍ରିୟା ଯୋଗୁଁ ୨୦୨୦ବେଳକୁ ଏହି କଚ୍ଚାଘର ସଂଖ୍ୟା ୨୦ ଲକ୍ଷକୁ ହ୍ରାସ ପାଇଥିଲା । ମାତ୍ର ଇତିମଧ୍ୟରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ୨୦୨୪ରେ ହୋଇଥିବା ସର୍ବେକ୍ଷଣରେ ରାଜ୍ୟରେ କଚ୍ଚା ଘର ସଂଖ୍ୟା ୩୭୮୯୨୩୪ ବୋଲି କୁହାଯାଇଛି ।

ସେହିପରି ରାଜ୍ୟରେ ୩୭ ଲକ୍ଷରୁ ଅଧିକ ଲୋକ ପକ୍କା ଘର ପାଇଁ ଆବେଦନ ମଧ୍ୟ କରିଛନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି ।

ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ରାଜ୍ୟରେ ପକ୍କା ଘର ପାଇଁ ୩୭ ଲକ୍ଷ ଆବେଦନ କରିଥିଲେ । ତାହା ମଧ୍ୟରୁ ସଂକ୍ଷିପ୍ତିକରଣ କରାଯାଇ ୩୪ ଲକ୍ଷ ଲୋକଙ୍କ ନାମ ସୂଚୀଭୁକ୍ତ କରାଯାଇଛି । ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ଲୋକଙ୍କୁ ରାଜ୍ୟ ସରକାର ନୂଆବର୍ଷ ଉପହାରସ୍ୱରୂପ ବାସଗୃହ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଲକ୍ଷ୍ୟ ରଖାଯାଇଛି । ଏହି ତାଲିକା ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ!

ବଲାଙ୍ଗିର, ୯।୧(ସମିସ): ବଲାଙ୍ଗିର ସଦର ଥାନା ପଥରଚେପାସ୍ଥିତ ଏକ ପୋଖରୀରୁ ଆଜି ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି । ମୃତକ ହେଲେ, ଶାନ୍ତିପଡ଼ାର ପ୍ରବୀଣ ମହାଲିଙ୍ଗ ଓରଫ୍ ମୁଟୁ । ସେ ୫ଦିନ ତଳୁ ନିଖୋଜ ଥିଲେ । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାରଲୋକ ସନ୍ଦେହ କରିଛନ୍ତି । କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ଶବକୁ ପୋଖରୀରେ ଫିଙ୍ଗି ଦେଇଥିବା କୁହାଯାଉଛି । ବ୍ୟବଚ୍ଛେଦ ପରେ ମୁଟୁଙ୍କ ଶବ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଗିରଫ ଦାବିରେ ପରିବାର ଓ ସ୍ଥାନୀୟଲୋକେ ଶବ ରଖି ବଲାଙ୍ଗିର-ପାଟଣାଗଡ଼ ରାସ୍ତା ଅବରୋଧ କରିଥିଲେ ।

ସୂଚନାନୁଯାୟୀ, ୫ ଦିନ ତଳେ ମୁଟୁ ନିଖୋଜ ହୋଇଯାଇଥିଲେ । ପଥରଚେପାରୁ ତାଙ୍କର ବାଇକ୍ ମିଳିଥିଲା । ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା । ପରିବାରଲୋକେ ଏ ସଂପର୍କରେ ସଦର ଥାନାରେ ଅଭିଯୋଗ କରିଥିଲେ । ଏ ସଂପର୍କରେ ପରିବାରଲୋକ ଏସ୍‌ପିଙ୍କୁ ମଧ୍ୟ ଭେଟିଥିଲେ । କିଛି ଲୋକଙ୍କ ଉପରେ ତାଙ୍କର ସନ୍ଦେହ ରହିଛି ବୋଲି ଅଭିଯୋଗ କରିଥିଲେ । ତେବେ ଆଜି ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ପରିବାରଲୋକଙ୍କ କହିବା କଥା, ନିଖୋଜ ପରେ ମୁଟୁଙ୍କ ବାଇକ୍ ଯେଉଁଠାରୁ ମିଳିଥିଲା, ତା’ ନିକଟରେ ଥିବା ଏକ ଘରକୁ ମୁଟୁ ସବୁବେଳେ ଯା’ ଆସ କରୁଥିଲେ । ସେ ଘରେ ରହୁଥିବା ଜଣେ ମହିଳାଙ୍କ ବିରୋଧରେ ମୁଟୁଙ୍କ ପରିବାରଲୋକ ଅଭିଯୋଗ କରିଥିଲେ । ଅଭିଯୋଗ ଆଣିବାର ୨ଦିନ ପରେ ମୃତଦେହ ମିଳିବା ଭିନ୍ନ ଦିଗକୁ ସୂଚାଉଛି । ତେବେ ସେ ୫ ତାରିଖରୁ ନିଖୋଜ ଥିବା ବେଳେ ତାଙ୍କର କେବେ ମୃତ୍ୟୁ ହୋଇଛି; ଯଦି ପୂର୍ବରୁ ତାଙ୍କର ପୋଖରୀରେ ମୃତ୍ୟୁ ଘଟିଛି ତେବେ ଆଜି ଯାଏଁ କେହି କେମିତି ଦେଖିପାରି ନ ଥିଲେ ବୋଲି ପରିବାରଲୋକେ ପ୍ରଶ୍ନ କରିଛନ୍ତି । ତାଙ୍କର ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି । ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଏହାକୁ ଅପମୃତ୍ୟୁ ଦର୍ଶାଇବା ପାଇଁ ଅପଚେଷ୍ଟା କରାଯାଇଛି ବୋଲି ସେମାନେ କହିଛନ୍ତି । ଘଟଣାର ବିଭିନ୍ନ ଦିଗକୁ ନେଇ ସଦର ପୁଲିସ ଛାନଭିନ୍ ଚଳାଇଛି । ରିପୋର୍ଟ ଆସିବା ପରେ ସ୍ପଷ୍ଟ ବୋଲି ସଦର ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳ କହିଛନ୍ତି ।

**ନିଖୋଜର ୫ ଦିନ ପରେ ମିଳିଲା ଶବ**

**ତଦନ୍ତ ଦାବିରେ ଶବ ରଖି ରାସ୍ତା ଅବରୋଧ**




### ପୋଲାଭରମ୍ ସମସ୍ୟାର ତୁରନ୍ତ ସମାଧାନ ଦାବି

# ଡବଲ ଇଞ୍ଜିନ ସରକାର ବିରୋଧରେ ରାସ୍ତାକୁ ଓହ୍ଲାଇବ ବିଜେଡି



ଭୁବନେଶ୍ୱର, ୯ ।୧(ସମିସ): ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାର ମାଲକାନଗିରି ଓ ଓଡ଼ିଶାର ଲୋକଙ୍କ ପ୍ରତି ସମ୍ପୂର୍ଣ୍ଣ ଭାବେ ଅସମ୍ବେଦନଶୀଳ ହୋଇଯାଇଛି । ପୋଲାଭରମ ପ୍ରକଳ୍ପ ପାଣିରେ ଆଦିମ ଜନଜାତି ପରିବାର ଭାସିଯିବାକୁ ବସିଲେଣି; କିନ୍ତୁ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ସରକାର ଏଥିପ୍ରତି ଚିନ୍ତିତ ନାହାନ୍ତି । ଯଦି ଡବଲ ଇଞ୍ଜିନ ସରକାର ଏହି ସମସ୍ୟାର ସମାଧାନ କରିପାରିବ ନାହିଁ, ବିଜୁ ଜନତା ଦଳ ଆଦିବାସୀ ଓ ମାଲକାନଗିରବାସୀଙ୍କ ଅଧିକାର ଓ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡି ଚେତାବନୀ ଦେଇଛି । ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ୨୦୦୬ ମସିହାରେ ଓଡିଶା ସମେତ ପ୍ରଭାବିତ ରାଜ୍ୟଗୁଡିକ ସହିତ କୌଣସି ଆଲୋଚନା ନ କରି ବନ୍ୟା ନିଷ୍କାସନ କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଛି । ରାଜ୍ୟ ସରକାର ୨୦୦୭ ମସିହାରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରି ପ୍ରକଳ୍ପ ନିମନ୍ତେ ମିଳୁଥିବା ଅନୁମତିଗୁଡିକର ନିୟମ ଉଲ୍ଲଂଘନ ନେଇ ପ୍ରତିବାଦ ଜଣାଯାଇଥିଲା । ଆନ୍ଧ୍ରପ୍ରଦେଶ ସରକାର ୫୦ ଲକ୍ଷ କ୍ୟୁସେକ ଆଧାରରେ ବ୍ୟାକ୍ ୱାଟର ଅଧ୍ୟୟନ କରିଥିଲେ, ଯାହା ଅନୁଯାୟୀ କୋଣ୍ଟାରେ ଜଳମଗ୍ନତା ସ୍ତର ୨୨୦ ଫୁଟ୍ ହେଇଥିଲା । ପରେ ଓଡ଼ିଶା ସରକାର ଆଇଆଇଟି ରୁରକୀ ଦ୍ୱାରା ବ୍ୟାକ୍ ୱାଟର ଅଧ୍ୟୟନ କରାଇଥିଲେ । ଏହି ଅନୁଯାୟୀ ବନ୍ୟା ଜଳ ନିଷ୍କାସନ କ୍ଷମତା ୫୮ ଲକ୍ଷ କ୍ୟୁସେକ ଓ କୋଣ୍ଟା ପଏଣ୍ଟରେ ଜଳମଗ୍ନତା ସ୍ତର ୨୩୨ ଫୁଟ୍ ହେବ ବୋଲି ରିପୋର୍ଟ ଆସିଥିଲା । ତେଣୁ ପ୍ରକଳ୍ପର ସଂଶୋଧିତ କ୍ଷେତ୍ର ଅନୁଯାୟୀ ଏକ ସ୍ୱତନ୍ତ୍ର ଓ ପ୍ରାଯୁକ୍ତିକ ଅଭିଜ୍ଞ ସଂସ୍ଥା ଦ୍ୱାରା ନୂତନ ବ୍ୟାକ୍ ୱାଟର ଅଧ୍ୟୟନ ହେବା ଦରକାର ବୋଲି ବିଜେଡି ଦାବି କରୁଛି । ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ ହଜାର ହଜାର ଆଦିମ ଆଦିବାସୀ ଓ ସେମାନଙ୍କ ଜୀବିକା ଏହି ପ୍ରକଳ୍ପ ସମାପ୍ତ ହେଲେ ଗଭୀର ଭାବେ ପ୍ରଭାବିତ ହେବ । ଅନେକ ଜଙ୍ଗଲ ସମ୍ପଦ, ଯାହା ଏହି ଆଦିବାସୀ ଓ ଅନ୍ୟ ଜାତିଗୋଷ୍ଠୀ ଉପର ନିର୍ଭର କରନ୍ତି, ସେଗୁଡିକ ମଧ୍ୟ ନଷ୍ଟ ହେବ । ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ବିଜେଡି ଏହି ପ୍ରସଙ୍ଗ ଅନେକ ଥର ସଂସଦରେ ଉଠାଇଛି ଓ ସମ୍ବନ୍ଧିତ ମନ୍ତ୍ରୀମାନଙ୍କୁ ପ୍ରଶ୍ନ କରିଆସୁଛି; ତଥାପି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପାରଦର୍ଶିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଦଳର ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝି କହିଛନ୍ତି ଯେ ଓଡିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଚାଲିଛି । କିନ୍ତୁ ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ହଜାର ହଜାର ଆଦିମ ଆଦିବାସୀ ଓ ଅନ୍ୟ ଜାତି ସମୁଦାୟ ପ୍ରଭାବିତ ହୋଇଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନିରବ ରହିଛନ୍ତି ।



## ନାଲକୋର ୪୬ତମ ପ୍ରତିଷ୍ଠା ଦିବସ ପାଳିତ

# 'ଆଧୁନିକ ଟ୍ରେନ୍ ଆଲୁମିନିୟମରେ ହିଁ ନିର୍ମାଣ ହେବ'

ନାଲକୋ ନଗର, ୯ ।୧(ସମିସ)



ନବରତ୍ନ କମ୍ପାନୀ ନାଲକୋ ଏହାର ୪୬ତମ ପ୍ରତିଷ୍ଠା ଦିବସ ଅନୁଗୋଳର ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସରେ ପାଳନ କରିଛି । ନାଲକୋ ନଗର ଟାଉନସିପସ୍ଥିତ ଗୋପବନ୍ଧୁ ଓପନ ପେଣ୍ଡାଲରେ ଏହି ଦୁଇଦିନିଆ ଉତ୍ସବ ପାଳନ କରାଯାଇଛି । ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଏଥିରେ ପୌରୋହିତ୍ୟ କରିଥିଲେ । ଏହି ଅବସରରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଅଫିସର ସଂଘ ଓ ଏସସି/ଏସଟି ୱେଲଫେୟର ଆସୋସିଏସନ୍ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା । ଅବସରପ୍ରାପ୍ତ ଭାରତୀୟ ରେଳବାଇ ଅଧିକାରୀ ତଥା ବନ୍ଦେ ଭରତ ଟ୍ରେନର ପ୍ରତିଷ୍ଠାତା ଡ. ସୁଧାଂଶୁ ମଣି ମୁଖ୍ୟଅତିଥି, ନାଲକୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିୟ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଡ. ମଣି ତାଙ୍କ ଭାଷଣରେ ବନ୍ଦେ ଭରତ ଟ୍ରେନର ସୃଷ୍ଟି ଓ ବିଭିନ୍ନ ସ୍ତରରେ ହୋଇଥିବା ମାନବବାଦୀ ପ୍ରୟୋଗ, କିଛି ନୂଆ କରି ଦେଖାଇବାର ଅଦମ୍ୟ ଇଚ୍ଛା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଧୁନିକ ଟ୍ରେନ ନିର୍ମାଣ ବେଳେ ଆଲୁମିନିୟମରେ ହିଁ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ସ୍ୱାଇଁ ବିଶ୍ୱ ବଜାରରେ ନାଲକୋ ଉତ୍ପାଦର ଚାହିଦା ଓ ଗ୍ରହଣୀୟତା ବିଷୟରେ ଆଲୋକପାତ କରିଥିଲେ । ସମାରୋହକୁ ସମ୍ବୋଧନ କରି ଇଡି ଜେନା ଅନୁଗୋଳ ନାଲକୋରେ ହୋଇଥିବା ଉତ୍ପାଦକତା ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ । ମାନବ ସମ୍ବଳ ବିଭାଗ ମହାପ୍ରବନ୍ଧକ ହିମାଂଶୁ ଭୂଷଣ ପ୍ରଧାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାପ୍ରବନ୍ଧକ ରାଜରାମ ମିଶ୍ର ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ବାର୍ତ୍ତା ପାଠ କରିଥିଲେ । କୁଶଳୀ କାର୍ଯ୍ୟ ପାଇଁ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସର ୩୨ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ସିଜିଏମ (ଏଚଆଣ୍ଡଏ)ଙ୍କ ମାର୍ଗଦର୍ଶନରେ ଓ ରାଜରାମ ମିଶ୍ରଙ୍କ ନେତୃତ୍ୱରେ ଲୋକସମ୍ପର୍କ ଅଧିକାରୀ ସମୀର ମାଝି, କେକେ ବେହେରା, ହରିହର ସା, ପିକେ ମଲ୍ଲିକଙ୍କ ସମେତ ୱେଲଫେୟର କମିଟି ସଦସ୍ୟମାନେ ସହଯୋଗ କରିଥିଲେ । ଏଜିଏମ ଲାଇଟହାଉ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ପିକେ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ● ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ

# ଜିଲ୍ଲା ବାହାର ଠିକାଦାରଙ୍କୁ ବାରଣ



**ସରକାରଙ୍କ ଟେଣ୍ଡର ପଲିସିକୁ ବିରୋଧ**

ଅନୁଗୋଳ, ୯ ।୧(ସମିସ): ସ୍ଥାନୀୟ ସଭାଗୃହରେ ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ୧୫୦ରୁ ଅଧିକ ଠିକାଦାର ସାମିଲ ହୋଇ ସମ୍ପ୍ରତି ସରକାରଙ୍କ ଟେଣ୍ଡର ପଲିସି ଉପରେ ଆଲୋଚନା କରିଥିଲେ । ପୂର୍ବ ପ୍ରଚଳିତ ପ୍ରଥା ଅନୁସାରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଠିକାଦାରମାନେ ୧୪.୯୯ ପ୍ରତିଶତ କମ୍ ଦରରେ ଟେଣ୍ଡର ପକାଇବା ସହ ସଂଘ ସହମତି ଭିତ୍ତିରେ କାମ ନେଉଥିଲେ । ହେଲେ ଗତ ୩ ତାରିଖ ସରକାରଙ୍କ ୱାର୍କସ୍ ବିଭାଗ ଏହି ସୀମାକୁ ଉଠାଇ ଦେଇଥିବାବେଳେ ଠିକାଦାରମାନେ ମନଇଚ୍ଛା ଦର ପକାଇ ପାରିବେ । ଏହାଦ୍ୱାରା ଅଯଥା ପ୍ରତିଯୋଗିତା ବଢ଼ିବ ଏବଂ କାମର ମାନ କମିବ । ଏଣୁ ଏହି ନୂଆ ନୀତିକୁ ବିରୋଧ କରାଯିବା ସହ ଜିଲ୍ଲା ବାହାର ଠିକାଦାରମାନଙ୍କୁ ଅନୁଗୋଳରେ ଟେଣ୍ଡର ପକାଇବାକୁ ବାରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ସ୍ଥାନୀୟ ଠିକାଦାରଙ୍କ ସ୍ୱାର୍ଥରକ୍ଷା ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଅନୁଗୋଳର ଠିକାଦାରମାନେ ନିର୍ଦ୍ଧାରିତ ଦର ଅନୁସୂଚୀ ଅନୁଯାୟୀ ଟେଣ୍ଡର ପକାଇବେ ବୋଲି ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଂଘ ସଭାପତି ସୁନୀଲ କୁମାର ପ୍ରଧାନ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଅଜିତ ପ୍ରସାଦ ଦ୍ୱିବେଦୀ, ସମ୍ପାଦକ ସୁବୋଧ ମହାପାତ୍ର, ରାମଚନ୍ଦ୍ର ଜେନା, ସନ୍ଦୀପ ନାଥ, ସୁବୋଧ ସିଂହ, ପଦ୍ମ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ● ଖମାର ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ଚୟନ

# ଶୈଳେନ୍ଦ୍ର ସଭାପତି, ପ୍ରସନ୍ନ ସମ୍ପାଦକ

ଖମାର, ୯ ।୧(ସମିସ): ପାଲଲହଡ଼ା ଉପଖଣ୍ଡ ଖମାର ସତ୍ୟବନ୍ଧ ଖେଳ ପଡ଼ିଆରେ ଖମାର ନାଗରିକ ମଞ୍ଚର ନୂତନ କାର୍ଯ୍ୟକର୍ତ୍ତା ଚୟନ ସ୍ଥାୟୀ ସମ୍ପାଦକ ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ଶୈଳେନ୍ଦ୍ର କୁମାର



ପ୍ରଧାନ, ଉପସଭାପତି ଭୀଷ୍ମ କୁମାର ଗଡ଼ନାୟକ, ବିରଞ୍ଚି ନାରାୟଣ ନାଏକ, ସମ୍ପାଦକ ପ୍ରସନ୍ନ କୁମାର ଜେନା, ସହ ସମ୍ପାଦକ ପରମାନନ୍ଦ ସାହୁ, ଯୁଗଳ କିଶୋର ଜିତ, କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ, ଉପଦେଷ୍ଟା ସନ୍ତୋଷ କୁମାର ସାହୁ, ଦୁଃଖବନ୍ଧୁ ପ୍ରଧାନ, ଖଗେଶ୍ୱର ପ୍ରଧାନ, ପ୍ରମୋଦ କୁମାର ସାହୁ, ଚିତ୍ତରଞ୍ଜନ ପରିଡ଼ା, ମଦନ ମୋହନ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଧରଣୀଧର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି । ୨୦୧୨ରୁ ଗଠିତ ଏହି ଅନୁଷ୍ଠାନ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି । ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ବିଭିନ୍ନ ମୌଳିକ ସମସ୍ୟା ଉପରେ କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା ।

# ମା' ତାରିଣୀଙ୍କ ବାର୍ଷିକ ଉତ୍ସବ



କୁଇଓ, ୯ ।୧(ସମିସ): ଛେଣ୍ଡିପଦା ବ୍ଲକ ନତଡ଼ା ପଞ୍ଚାୟତ ନୂଆମୌଜା ଭାଲୁଗାଡ଼ିଆ ଗ୍ରାମରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃ ସମୟରେ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ଗୋପାଳ ପୋଖରୀରୁ ପବିତ୍ର ଜଳ ଉଠାଇ କଳସଯାତ୍ରାରେ କରି ମଣ୍ଡପରେ ସ୍ଥାପନ କରିଥିଲେ । ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ସାଂସଦ ମହେଶ ସାହୁ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ମାଝୀ ଯୋଗଦେଇଥିଲେ । କମିଟି ସଭାପତି ସନାତନ ସାହୁ, ସମ୍ପାଦକ ଦୁଷ୍ମନ୍ତ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ପିଙ୍କୁ ପ୍ରଧାନ, ମାଗୁଣି ପ୍ରଧାନ, ନରୋତ୍ତମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂଜକ ଅତୁଲ୍ୟ ମିଶ୍ର ପୂଜାର୍ଚ୍ଚନା କରିଥିଲେ ।

# ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପେନସନଭୋଗୀ ସଂଘର ଧାରଣା



ଅନୁଗୋଳ, ୯ ।୧(ସମିସ): ଅଲ ଓଡ଼ିଶା ପେନସନର୍ସ ଆସୋସିଏସନ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନରେ ଇପିଏସ ୯୫ ପେନସନ ଯୋଜନା ନଭେମ୍ବର ୧୬ରେ ଆରମ୍ଭ ହୋଇଥିଲା । ଏହି ଯୋଜନାରେ ଓଡ଼ିଶାର ୨.୨ ଲକ୍ଷ ସମେତ ଦେଶର ୮୨ ଲକ୍ଷ ଇପିଏସ-୯୫ ପେନସନଭୋଗୀ ପରିବାରର ଅନ୍ତର୍ଭୁକ୍ତ । ଏହି ଯୋଜନାର ହିତାଧିକାରୀମାନେ ୨୦୧୪ ସେପ୍ଟେମ୍ବରରୁ ସର୍ବନିମ୍ନ ୧୦୦୦ ଟଙ୍କାରୁ କମ୍ ପେନସନ ପାଉଛନ୍ତି ଏବଂ ବଞ୍ଚିବା ପାଇଁ ଉପଯୁକ୍ତ ଖାଦ୍ୟ ଏବଂ ଔଷଧ ଅଭାବରୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଜୀବନ ବିତାଉଛନ୍ତି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ପେନସନ ହିତାଧିକାରୀଙ୍କ ସମସ୍ୟା ସୁଧାରିବା ନିମନ୍ତେ ପେନସନ ଆଇନ ସଂଶୋଧନ ପାଇଁ ଦୀର୍ଘବର୍ଷ ଧରି ଗଣତାନ୍ତ୍ରିକ ଉପାୟରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି । ମାତ୍ର ୩୦ବର୍ଷ ବିତିଯାଇଥିଲେ ବି ଏହାର ସୁଫଳ ମିଳୁନାହିଁ । ଦେଶର ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା, ନ୍ୟାୟ ପ୍ରଦାନ ଦିଗରେ କେନ୍ଦ୍ର ସରକାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି । ସର୍ବନିମ୍ନ ମାସିକ ପେନସନକୁ ୯୦୦୦ ଟଙ୍କାକୁ ବୃଦ୍ଧି କରିବ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପେନସନ ପ୍ରଦାନ, ମୂଲ୍ୟ ନିର୍ଦ୍ଧାରଣକୁ ନିରପେକ୍ଷ କରିବା ପାଇଁ ମହଙ୍ଗା ଭତ୍ତା ପ୍ରଦାନ । ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ ସମସ୍ତ ଇପିଏସ ୯୫ ପେନସନଭୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରିବା ଆଦି ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଧାରଣା

**● ଅଭିଜ୍ଞ ଡାକ୍ତର ନିଯୁକ୍ତି ଓ ରୋଗୀ ଚିକିତ୍ସା ଦାବି**

**● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଅନୁଗୋଳ, ୯ ।୧(ସମିସ): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ପ୍ରବେଶ ପରେ ତାଳଚେରବାସୀ ଖୁସି ହୋଇଥିଲେ । ମେଡିକାଲ କଲେଜ ପାଇଁ ନିଯୁକ୍ତ ଡାକ୍ତରମାନେ ଜିଲ୍ଲା ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି । ସେଠାରେ ପ୍ରାକ୍ଟିକାଲ କ୍ଲାସ ମଧ୍ୟ ଚାଲିଛି । ଅନ୍ୟପଟେ ତାଳଚେରରେ ମେଡିକାଲ



କଲେଜ ଏବଂ ଅନ୍ୟାନ୍ୟ ଆବଶ୍ୟକ କୋଠା ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ହସ୍ପିଟାଲରେ ଉପକରଣ, ପାରାମେଡିକାଲ୍ କର୍ମଚାରୀ, ସୁରକ୍ଷା ଇତ୍ୟାଦି ସଜ୍ଜିତ ଅଛି । କାମାକ୍ଷାନଗର ଉପଖଣ୍ଡର ମୁଖ୍ୟ ଅଂଶ, ଅନୁଗୋଳ ଏବଂ ଦେବଗଡ଼ ଜିଲ୍ଲାର କିଛି ଅଂଶ ତାଳଚେର ଉପଖଣ୍ଡର ରୋଗୀମାନେ ତାଳଚେର ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ଉପଯୁକ୍ତ ସୁବିଧା ଏବଂ ମେଡିକାଲ କଲେଜ ଚିକିତ୍ସାର ଅଭାବ ହେତୁ ରୋଗୀମାନଙ୍କୁ କଟକ, ଭୁବନେଶ୍ୱର ଘରୋଇ ମେଡିକାଲ ଏବଂ ନର୍ସିଂ ହୋମ ଯିବାକୁ ବାଧ୍ୟ ହେଉଛନ୍ତି । ଏପରି ସ୍ଥଳେ ରୋଗୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସବୁ ସମସ୍ୟାର ସମାଧାନ ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୁନଶ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ଜିନ୍ଦଲ ଷ୍ଟିଲ୍‌ରେ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍ ଉଦଘାଟନ କଲେ ନବୀନ ଜିନ୍ଦଲ

## ● 'ସଂକଳ୍ପ' ଜିମ୍ ଓ 'ସମୃଦ୍ଧି' ମାର୍କେଟ୍ କମ୍ପ୍ଲେକ୍ସ ବି ଉଦଘାଟିତ

ଅନୁଗୋଳ, ୯ ।୧(ସମିସ): କୌଶଳ ବିକାଶକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ମାନବଶକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ଅନୁଗୋଳର ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟରରେ ଅତ୍ୟାଧୁନିକ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍ ଉଦଘାଟନ କରିଛନ୍ତି । ଏହି ପଦକ୍ଷେପ, କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍କର୍ଷତା, ସୁରକ୍ଷା ମାନଦଣ୍ଡ ଏବଂ ପ୍ରାୟୋଗିକ କ୍ଷମତା ବୃଦ୍ଧି କରିବା ଦିଗରେ ସହାୟକ ହୋଇପାରିବ ବୋଲି ଏହି ଅବସରରେ ସେ କହିଥିଲେ । ଉଦଘାଟନୀ



କାର୍ଯ୍ୟକ୍ରମରେ ନବୀନ ଜିନ୍ଦଲ ସମସ୍ତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଉତ୍ସର୍ଗ ଏବଂ ଉତ୍ସାହ ସହ ତାଲିମ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ଏକ ସୋସିଆଲ ମିଡିଆ ପୋଷ୍ଟରେ ମଧ୍ୟ ସେ ଲେଖିଛନ୍ତି, 'ଯେତେବେଳେ ଆମେ ଲୋକଙ୍କ ଉପରେ ନିବେଶ କରୁ, ଆମେ ସ୍ଥାୟୀ ପ୍ରଗତିରେ ନିବେଶ କରୁ । ସଶକ୍ତ ଦକ୍ଷତା-ଆତ୍ମବିଶ୍ୱାସୀ ବୃତ୍ତିଧାରୀ, ଶକ୍ତିଶାଳୀ ଶିଳ୍ପ ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରେ ।'

କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ମାଲହୋତ୍ରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନ-ଚାର୍ଜ, ପଙ୍କଜ ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସମସ୍ତ ବିଭାଗ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଅଧ୍ୟକ୍ଷ ଶ୍ରମିକ ବିହାର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ 'ସଂକଳ୍ପ' ନାମକ ଏକ ଖୋଲା ଜିମ୍ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ କଲ୍ୟାଣ ପାଇଁ ବିକଶିତ ମାର୍କେଟ କମ୍ପ୍ଲେକ୍ସ 'ସମୃଦ୍ଧି'ର ଉଦଘାଟନ କରିଥିଲେ ।

# ନାବାଳିକାଙ୍କୁ ଅସଦାଚରଣ; ଦୋଷୀକୁ ୩ବର୍ଷ ଜେଲ୍

ଅନୁଗୋଳ, ୯ ।୧(ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ କୋର୍ଟ ଶୁକ୍ରବାର ଅଭିଯୁକ୍ତଙ୍କୁ ୩ବର୍ଷ ଜେଲଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଛେଣ୍ଡିପଦା ଥାନା ବାଲିପଟା ଗ୍ରାମର ଜନକ ନାଏକ (୪୧) । ଜନକ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ନାବାଳିକାଙ୍କ ମା' ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ବିଭିନ୍ନ ଦଫା ସମେତ ପୋକସୋ ଆଇନ ଅନୁଯାୟୀ ମାମଲା ରୁଜୁକରି ଜନକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ସୌମ୍ୟା ଶୁଭଦର୍ଶିନୀ ଜନକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦିଲୀପ କୁମାର ଦାସ ଏହି ମାମଲା ପରିଚାଳନା କରୁଥିଲେ ।

# ୩ ଲକ୍ଷର ବ୍ରାଉନସୁଗର ଜବତ; ମହିଳା ଗିରଫ

ଅନୁଗୋଳ, ୯ ।୧(ସମିସ): ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଜଣେ ମହିଳାଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୩୦ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି । ଗିରଫ ମହିଳା ହେଲେ ହେମସୁରପଡ଼ା ମୋଚିସାହିର ନମିତା ପଲେଇ । ନମିତା ବ୍ରାଉନସୁଗର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବା ନେଇ ଅପରାହ୍ନ ୩ଟାରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ବିଭାଗୀୟ ଅଧିକାରୀମାନେ ସେଠାରେ ଅତର୍କିତ ଚଢ଼ଉ ନମିତାଙ୍କୁ ଗିରଫ କରିଛନ୍ତି । ଜବତ ବ୍ରାଉନସୁଗରର ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି ।

# ଦୁଇ ବାଇକ୍ ଧକ୍କା; ୨ ଗୁରୁତର

ଜଗନ୍ନାଥପୁର, ୯ ।୧(ସମିସ): ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥପୁର ମେଡିକାଲ ଛକ ପାଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଜଗନ୍ନାଥପୁର ଅଞ୍ଚଳର ଚିନୁ ସାହୁ (୧୮) ହୋଇଥିବା ବେଳେ ଅନ୍ୟ ଜଣେ ବନ୍ତଳା ଥାନା କଲେଇପଦା ଗ୍ରାମର ବୋଲି ଜଣାପଡ଼ିଛି । ଏହି ଦୁର୍ଘଟଣାରେ ବାଇକ୍ ଦୁଇଟି ସମ୍ପୂର୍ଣ୍ଣ ଚୂର୍ମାର ହୋଇଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଆରୋହୀ ଦ୍ୱୟ ପ୍ରାୟ ୫୦ ଫୁଟ୍ ଦୂରକୁ ଚିଟକି ପଡ଼ିଥିଲେ । ବିସ୍ଫୋରଣ ପରି ଶବ୍ଦ ଶୁଣି ଆଖପାଖ ଲୋକେ ଧାଇଁ ଆସିଥିଲେ । ଆହତ ଦୁଇ ଯୁବକଙ୍କୁ ଉଦ୍ଧାର କରି ପୁରୁଣାକୋଟ ଥାନାକୁ ଖବର ଦେଇଥିଲେ । ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇ ଯୁବକଙ୍କୁ ଥାନା ଗାଡ଼ିରେ ଅନୁଗୋଳ ସରକାରୀ ମେଡିକାଲ ପହଞ୍ଚାଇବା ବ୍ୟବସ୍ଥା କରାଇଥିଲେ ।

# ନାଲକୋ ଆଦର୍ଶ ଥାନାରେ ନୂଆ ଅଧିକାରିଣୀ



ବଣ୍ଡାଁରପାଳ, ୯ ।୧(ସମିସ): ନାଲକୋନଗର ଥାନାରେ ନୂତନ କରି ଯୋଗଦାନ କରିଛନ୍ତି ଇନ୍ସପେକ୍ଟର ନମିତା ନାୟକ । ଗୁରୁବାର ସନ୍ଧ୍ୟାରେ ବଣ୍ଡାଁରପାଳ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସହ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଅବସରରେ ନାଲକୋ ଥାନା ଅଞ୍ଚଳରେ ବଢ଼ୁଥିବା ନିଶା କାରବାରରେ ଲଗାମ ଲଗାଇବା, ଟ୍ରଫିକ ସମସ୍ୟା ଓ ଅମାନିଆଙ୍କୁ ସାବଡ଼ କରିବା ପାଇଁ ପ୍ରାଥମିକତା ଦେବେ ବୋଲି ଥାନା ଅଧିକାରିଣୀ ସୂଚନା କହିଛନ୍ତି ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



କିଶୋରନଗର, ୯ ।୧(ସମିସ): ଆଠମଲ୍ଲିକ ଏନଏସି ୧୦ନଂ ୱାର୍ଡ ଚାରିଘରିଆ ସାହି ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବ କୁମାର ଭୁକ୍ତା (୯୩)ଙ୍କର ପରଲୋକ ହୋଇଛି । ସେ ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ବହୁ ମେଧାବୀ ଛାତ୍ରଛାତ୍ରୀ ଗଢ଼ିଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ, ଛାତ୍ରବତ୍ସଳ ଶିକ୍ଷକ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ ଅବଳା ଭୁକ୍ତା, ପୁଅ ବିବେକାନନ୍ଦ ଭୁକ୍ତା, ବୋହୂ ବିଦ୍ୟୁତପ୍ରଭା ଭୁକ୍ତା, ମନ୍ଦାକିନୀ ସାହୁ, ନାତି ବିକି, ଆକାଶ, ପିଣ୍ଟୁଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ । ପୂର୍ବତନ ଆଠମଲ୍ଲିକ ଏନଏସି ଅଧ୍ୟକ୍ଷ ନୀହାର ହୋତା, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଅବସରପ୍ରାପ୍ତ ଶିକ୍ଷକ ଭବାନୀଶଙ୍କର ମିଶ୍ର, ବିପିନ ବିହାରୀ ସାହୁ, ବରିଷ୍ଠ ସାମ୍ବାଦିକ ହରପ୍ରସାଦ ମିଶ୍ରଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ ।

# ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

କଣିହାଁ, ୯ ।୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ଏମ୍ପ୍ଲଇଜ ରିକ୍ରେସନ ସେଣ୍ଟର ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ସରୋଜ ବହିଦାର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । କ୍ଲବ୍ ସଭାପତି ବୀରେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ସାଧାରଣ ପରିଚାଳକ ଏମଡି. ଫାକ୍ରୁଦ୍ଦିନ ଅଲ୍ଲୀ ଅହମଦ, ପୂର୍ବତନ ଡିଜିଏମ ପ୍ରଦୀପ ପ୍ରଧାନ, ସାମ୍ବାଦିକ ସୀମାଞ୍ଚଳ ସାବତ ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ ଦୀପକ ସାହୁ, ବିଷ୍ଣୁ ପ୍ରସାଦ ଦେହୁରୀଙ୍କ ଯୋଡ଼ି ଓ ହେମାଞ୍ଜୟ କିଷାନ, ରଶ୍ମିରମଣ ବେହେରାଙ୍କ ଯୋଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହେମାଞ୍ଜୟ ଓ ରଶ୍ମିଙ୍କ ଯୋଡ଼ି ବିଜୟୀ ହୋଇଛି । ରେଫରି ଦିଲୀପ କିଶାନ ମ୍ୟାଚ ପରିଚାଳନା କରିଥିବା ବେଳେ ବହୁ କ୍ରୀଡ଼ାପ୍ରେମୀ ଏଥିରେ ଯୋଗଦେଇଥିଲେ ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ




କଣିହାଁ, ୯ ।୧(ସମିସ): ସମଲ ଜଳସମ୍ପଦ ବିଭାଗ ପକ୍ଷରୁ ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ଆରମ୍ଭ ହୋଇଛି । ସମଲ ଜଳଭଣ୍ଡାର ପ୍ରକଳ୍ପ ଅତିଥି ଭବନରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ସମଲ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଭଗବାନ ଚନ୍ଦ୍ର ଦାସ, ଅଧିକ୍ଷଣ ଯନ୍ତ୍ରୀ ସମ୍ୟକ ବିକାଶ ସୁବୁଦ୍ଧି, ଆଇଆଇସି ମୃଣାଲୋ କାଲୋ, ଚାଷୀ ଶ୍ରୀକାନ୍ତ ସାହୁ, ବିଦେଶୀ ମହାନ୍ତି, ସତ୍ୟାନନ୍ଦ ଗଡ଼ନାୟକ, ଜିଲ୍ଲା କୃଷି ଅଧିକାରିଣୀ ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମଲ ମୁଖ୍ୟକର୍ମ ବିଭାଜନ ଅଧୀନରେ ଥିବା ତିନି ପାଣି ପଞ୍ଚାୟତର ଚାଷୀଙ୍କୁ ମୁଖ୍ୟଅତିଥି ବିଭିନ୍ନ ଯୋଜନା ଓ ସୁବିଧା ବିଷୟରେ ଅବଗତ କରାଇଥିଲେ । ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ କଣିହାଁ ଓ ତାଳଚେର ବ୍ଲକର ସମସ୍ତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ପାଣି ପଞ୍ଚାୟତ ସମ୍ବନ୍ଧୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ବେହେରା ଓ ଗୌରାଙ୍ଗ ଚରଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

# ମୁଖ୍ୟ ଶାସନ ସଚିବଙ୍କୁ ବିଧାୟକଙ୍କ ଦାବିପତ୍ର

ତାଳଚେର, ୯ ।୧(ସମିସ)



ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସାକ୍ଷାତ କରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ତାଳଚେର ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟର ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରି ଏହାକୁ ଟିର୍ଟିଂ ହସ୍ପିଟାଲରେ ପରିଣତ କରିବା, ଓଡ଼ିଶା ଆର ଆଣ୍ଡ ଆର ନୀତି-୨୦୦୬ ଅନୁଯାୟୀ ପିଡିଏଫ୍ ତାଲିକାକୁ ଅପଡେଟ୍ କରି ଗ୍ରାମର ସମ୍ପୂର୍ଣ୍ଣ ବିସ୍ଥାପନ ସମୟରେ ସମସ୍ତ ସାବାଳକଙ୍କୁ ନିଯୁକ୍ତି ଏବଂ ପୁନର୍ବାସ ବ୍ୟବସ୍ଥା କରିବା ହନିକମ୍ବ ହାଉସର ଆଖ୍ୟା ଦେଇ ଜମିହରାମାନଙ୍କୁ ହକରୁ ଏମସିଏଲ ବଞ୍ଚିତ କରୁଥିବାରୁ ଏମସିଏଲ ଦ୍ୱାରା ସର୍ଭେ ଏବଂ ମାପ କରିଥିବା ସମସ୍ତ ନିର୍ମାଣ ପାଇଁ କ୍ଷତିପୂରଣ ରାଶି ପ୍ରଦାନ, ଏମସିଏଲରୁ ବିଭିନ୍ନ ଶିଳ୍ପକୁ ପରିବହନ ହେଉଥିବା ୪୦ ପ୍ରତିଶତ କୋଇଲାକୁ ସଡ଼କ ଯୋଗେ ପରିବହନ କରିବା ପାଇଁ ଉଭୟ ଏମ୍‌ସିଏଲ୍ ଓ ସମସ୍ତ ଶିଳ୍ପାନୁଷ୍ଠାନକୁ ନିର୍ଦ୍ଦେଶ ଦେବା ଲୋକଙ୍କୁ ସମସ୍ତ ଏକ୍ସପ୍ରେସ୍ ଓ ରେଳସେବା ଯୋଗାଇବା ପାଇଁ ତାଳଚେର ରେଳ ଷ୍ଟେସନରୁ ଅନୁଗୋଳ ରେଳ ଷ୍ଟେସନ ପର୍ଯ୍ୟନ୍ତ ଏଫସିଆଇ ଦେଇ ନୂତନ ରେଳଲାଇନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ତାଳଚେର-ପୁରୀ ଟ୍ରେନକୁ ଏନଟିପିସି, କଣିହାଁକୁ ସମ୍ପ୍ରସାରଣ କରିବା, ରାଷ୍ଟ୍ରକୁ ରାଜସ୍ୱ ବଣ୍ଟନର ପ୍ରମୁଖ ଅଂଶୀଦାରୀକୁ ଦୃଷ୍ଟିରେ ରଖି ତାଳଚେର ରେଳ ଷ୍ଟେସନକୁ ଏକ ମଡେଲ ଏବଂ ଆଧୁନିକ ରେଳ ଷ୍ଟେସନ ଭାବେ ବିକଶିତ କରିବା, ଅଧିକ ଭାରୀଯାନ ଚଳାଚଳ ଯୋଗୁଁ ହେଉଥିବା ଦୈନନ୍ଦିନ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ୧୪୯ ନଂ ଜାତୀୟ ରାଜପଥର କଣିହାଁଠାରୁ ଗୋଡ଼ିବନ୍ଧା ଏବଂ ତାଳଚେରଠାରୁ ବଣ୍ଡାଁରପାଳ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ବାଙ୍କଧରା ଛକରେ ଏକ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ, ଛାତ୍ରଛାତ୍ରୀଙ୍କୁ ଉନ୍ନତ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ନୂତନ ଡିଗ୍ରୀ ଇଞ୍ଜିନିୟରିଂ କଲେଜ ଖୋଲିବା ଏବଂ ତାଳଚେର ସ୍ୱୟଂଶାସିତ କଲେଜକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାବେ ପରିଣତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ତାଳଚେରରେ ଧୂଳି ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନିଯୁକ୍ତି ସୃଷ୍ଟି ପାଇଁ କୋଇଲା ବୋଝେଇ ଟ୍ରେନ୍‌ଗୁଡ଼ିକୁ ପାଲ ଦ୍ୱାରା ଘୋଡ଼ାଇବାକୁ ଦାବି କରାଯାଇଛି । ଯଥାଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଉ,
ନାତୁଣୀ - ଆରୁଷି

### ଅଣ୍ଡରପାସ ଦାବିରେ ଅନଶନ ପଞ୍ଚମ ଦିବସରେ

# ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇନେବା ଘଟଣାକୁ ନିନ୍ଦା

ମାର୍ଶାଘାଇ, ୯ ।୧(ସମିସ)



ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥରେ ଅଣ୍ଡରପାସ ଦାବିରେ ମାର୍ଶାଘାଇ ବ୍ଲକ ଶିଳିପୁର ଛକରେ ଅନଶନ ପଞ୍ଚମ ଦିବସରେ ପହଞ୍ଚିଛି । ଗୁରୁବାର ଉପଜିଲ୍ଲାପାଳ ଅରୁଣ ନାୟକ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ ଅନଶନକାରୀଙ୍କୁ ଭେଟିଥିଲେ । ଜିଲ୍ଲା ପ୍ରଶାସନ ଅଣ୍ଡରପାସ ସମସ୍ୟା ଦୂର କରିବା ନିଷ୍ପତ୍ତି ଶୁକ୍ରବାର ୧୧ଟା ମଧ୍ୟରେ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପୂର୍ବରୁ ଶିଳିପୁର ଗାଁରେ ସ୍ୱତନ୍ତ୍ର ପୁଲିସ ଫୋର୍ସ ଘରକୁ ଘର ଯାଇ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇ ଅଜ୍ଞାନ୍ତ ସ୍ଥାନରେ ଅଟକ ରଖିଥିଲା । ପୁଲିସର ମାତ୍ରାଧିକ କାର୍ଯ୍ୟ ପ୍ରତିବାଦରେ ଶତାଧିକ ମହିଳା ସଂଗଠନ ସଦସ୍ୟ, ଛାତ୍ରଛାତ୍ରୀ ମାର୍ଶାଘାଇ ଥାନାକୁ ଘେରଉ କରି ଆନ୍ଦୋଳନ କରିଥିଲେ । ଆନ୍ଦୋଳନକରୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତିରେ ୪ ଜଣ ମହିଳା ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ ଥାନା ପରିସରରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏଥିସହ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ ବିଏନ୍‌ଏସ୍ ୧୬୩ ଧାରା ଲାଗୁ କରିବା ସମ୍ପର୍କରେ ଜଣାଇ ଘଟଣାସ୍ଥଳ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଭ୍ରୁକ୍ଷେପ ନକରି ଆନ୍ଦୋଳନକାରୀ ମହିଳା ପୁଲିସ ଉଠାଇନେଇ ଅଟକ ରଖିଥିବା ଯୁବକ, ବୃଦ୍ଧଙ୍କୁ ନ ଛାଡ଼ିଲେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ । ପୁଲିସ ଓ ଆନ୍ଦୋଳନକାରୀଙ୍କୁ ନେଇ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସରପଞ୍ଚ ଯୁଗଳ ଦାସ, କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା, ସମିତି ସଭ୍ୟ ଭାରତୀ କାନୁନଗୋ ଆଲୋଚନା ପରେ ଆଇଆଇସି ତପନ ନାୟକ ୧ ଘଣ୍ଟା ମଧ୍ୟରେ ଗିରଫ ହୋଇଥିବା ସମସ୍ତଙ୍କୁ ମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ପରେ ମହିଳା, ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ । ପୁଲିସ ପ୍ରତିଶ୍ରୁତି ମୁତାବକ ଘରୁ ଉଠାଇ ନେଇଥିବା ୯ ଜଣ ଆନ୍ଦୋଳନକରୀଙ୍କୁ ମୁକ୍ତ କରିଥିଲା । ଅନ୍ୟପକ୍ଷରେ ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ସ୍ଥାୟୀ ନିସ୍କର୍ଷ ନ ବାହାରିବ ତେବେ ଆସନ୍ତାକାଲି ପୁର୍ନବାର ଛାତ୍ରଛାତ୍ରୀ, ମହିଳା ଓ ଯୁବକ ରାଜପଥକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି ।

## ଦେଉଳପଡ଼ା ଉପ-ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ମାନ୍ୟତା

ମହାକାଳପଡ଼ା, ୯ ।୧(ସମିସ): ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଥିବା ଉପ-ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୩ଟିକୁ ଜାତୀୟ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ବଳ କେନ୍ଦ୍ର ପକ୍ଷରୁ ଆଭାସୀ ମୂଲ୍ୟାଙ୍କନ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଯେଉଁଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅର୍ଥାତ୍ ଉପ-ସ୍ୱାସ୍ଥ୍ୟକେନ୍ଦ୍ର, ଦେଉଳପଡାକୁ ତୃତୀୟ ସ୍ଥାନ ମିଳିଛ । ରାଜ୍ୟମାନଙ୍କରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୭ ମୁଖ୍ୟ ଆବଶ୍ୟକ ଚିକିତ୍ସା ସୁବିଧା ମାତୃ, ଶିଶୁ, ସଂକ୍ରାମକ ଓ ଅଣସଂକ୍ରାମକ, ପରିବାର ନିୟୋଜନ, ଚକ୍ଷୁ, କର୍ଣ୍ଣ,ନାଶା ଓ ଗଳା ଯତ୍ନ ଠିକ୍ ଭାବେ ପରିଚାଳନା ହେଉଛି କି ସେ ସମ୍ପର୍କରେ ଆଭାସୀ ମାଧ୍ୟମରେ ସମୀକ୍ଷା କରାଯାଇଥିଲା । ଯେଉଁଥିରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-ସ୍ୱାସ୍ଥ୍ୟକେନ୍ଦ୍ରକୁ ୮୫.୯୦ ଶତକଡ଼ା ମୂଲ୍ୟାଙ୍କନ କରାଯାଇ ତୃତୀୟ ସ୍ଥାନ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ମୀନାରାଣୀ ସେଠୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ଅଧକ୍ଷତାରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ବେଶ୍ ଗୁରୁତ୍ୱ ଓ ଉତ୍ତମ ଚିକିତ୍ସା ସୁବିଧା ପାଇଁ ଲୋକଙ୍କ ମଧ୍ୟରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି ।

## ଏବିଭିପି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ମହାକାଳପଡ଼ା, ୯ ।୧(ସମିସ): ଆଜି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବାୟାବାବା ମହାବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ତଥା ରାଜ୍ୟ ସିଡିଡି ସହସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ ଓ ଜିଲ୍ଲା ସହସଂଯୋଜକ ଅଭିଜିତ ସାମଲଙ୍କ ନେତୃତ୍ୱରେ ଏସଏଫଡି ଦ୍ୱାରା ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ୫୦ରୁ ଅଧିକ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ମହାବିଦ୍ୟାଳୟ କ୍ୟାମ୍ପସର ଚତୁଃପାଶ୍ୱର୍ ସଫେଇ କରିଥିଲେ ।

## ଭେଣ୍ଡିଂ ଜୋନ କ୍ୟାବିନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ପଟ୍ଟାମୁଣ୍ଡାଇ, ୯ ।୧(ସମିସ): ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ୧ନଂ ଭେଣ୍ଡିଂ ଜୋନର ଏକ କ୍ୟାବିନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଭେଣ୍ଡିଂ ଜୋନରେ ୨୫ନଂ କ୍ୟାବିନରେ ଅଢ଼ାଖଣ୍ଡ ଗ୍ରାମର ଗୌତମ ମଲିକ ବ୍ୟବସାୟ କରି ଚଳୁଥିଲେ । ଗତକାଲି ଅପରାହ୍ନ ୩ଘଟିକା ସମୟରେ ଗୌତମଙ୍କ ଅନୁପସ୍ଥିତିରେ କେହି ଦୁର୍ବୃତ୍ତ ତାଙ୍କ କ୍ୟାବିନରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ କରିଛନ୍ତି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । କ୍ୟାବିନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ିଯାଇଥିବା ଗୌତମ କହିଛନ୍ତି । ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବାକୁ ଗୌତମ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଲିଖିତ ଅନୁରୋଧ କରିଥିବାବେଳେ ପ୍ରଶାସନ ପକ୍ଷରୁ ଗୌତମଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ରାଜନଗର, ୯ ।୧(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି । ମୁଖ୍ୟଅତିଥି ରୂପେ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧାପକ ପ୍ରଣୟ ବେହେରା ଓ ସମ୍ମାନିତ ଅତିଥି ରୂପେ ଅଧାପକ ଅଭିମନ୍ୟୁ ରାଉତ ଯୋଗଦେଇ ଏହି ପ୍ରଶିକ୍ଷଣର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରୋଗ୍ରାମ ସଂଯୋଜିକା ଅଧାପିକା ଡକ୍ଟର ମୁମୁନ ଦାସ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧାପିକା ଶୁଭଦର୍ଶିନୀ ପ୍ରଧାନ ଓ କବିତା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ +୩ ପ୍ରଥମ ବର୍ଷର ୧୬୧ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ମାଷ୍ଟର ଟ୍ରେନର ପ୍ରୀତିପ୍ରଭା ରାଉତ ଓ ଝିଲ୍ଲୀ ଜେନା ପ୍ରଶିକ୍ଷଣ ଦେଉଛନ୍ତି ।

## ଭଉଣୀର ଜୁଇ ଶିତଳାଇବା ବେଳେ ଭାଇର ମୃତ୍ୟୁ

ଡେରାବିଶ, ୯ ।୧(ସମିସ): ଚାନ୍ଦୋଳ ପଞ୍ଚାୟତରେ ଭଉଣୀ ମୃତ୍ୟୁର ଦିନକ ପରେ ଭାଇର ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ଘଟିଛି । ବ୍ଲକ୍‌ର ପୂର୍ବତନ ଅଧକ୍ଷା ସବିତା ସେଠୀଙ୍କର ବୁଧବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଥିଲା । ଗୁରୁବାର ସକାଳେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ଅପରାହ୍ନରେ ମାଲ୍ଲଭାଇ ଜୁଇ ଶିତଳାଇବାକୁ ଯାଇ ଫେରିବା ପରେ ଅସୁସ୍ଥ ଥିବା ସବିତାଙ୍କ ଅବିବାହିତ ବଡ଼ଭାଇ ବାଇଧର ସେଠୀ (୫୫)ଙ୍କ ମୃତ୍ୟୁ ହୋଇଯାଇଥିଲା । ଏଭଳି ଘଟଣା ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କୁ ଶୋକାବିଭୂତ କରିଦେଇଥିଲା । ଆଜି ପୂର୍ବାହ୍ନରେ ବାଇଧରଙ୍କ ଜୁଇ ଭଉଣୀ ସବିତାଙ୍କ ଜୁଇ ନିକଟରେ କରାଯାଇ ଶେଷକୃତ୍ୟ କରାଯାଇଥିଲା ।

## ଚାନ୍ଦୋଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଦେଖିଲେ ଜିଲ୍ଲାପାଳ

ଡେରାବିଶ, ୯ ।୧(ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ଚାନ୍ଦୋଳ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଓ ଆବାସ ହିତାଧିକାରୀଙ୍କ ଗୃହ ନିର୍ମାଣର ସ୍ଥିତି ସମ୍ପର୍କରେ ବୁଲି ଦେଖିଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାର ଖରିଦାସାହିର ଅନ୍ତ୍ୟୋଦୟ ହିତାଧିକାରୀ ସଞ୍ଜୟ ଜେନା ଓ ଉମା ମଲିକଙ୍କ ଗୃହ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଦେଖିବା ସହ ଆଲୋଚନା କରିଥିଲେ । ପରେ ବିଧାୟକଙ୍କ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଚାନ୍ଦୋଳ ବସ୍‌ଷ୍ଟାଣ୍ଡରେ ନିର୍ମିତ ହେଉଥିବା ଶୌଚାଳୟ ବୁଲି ଦେଖିଥିଲେ । ସରପଞ୍ଚ ସୁରେନ୍ଦ୍ର ମଲିକଙ୍କ ଅନୁରୋଧ କ୍ରମରେ ଚାନ୍ଦୋଳ ହାଟର ସ୍ଥିତି ବୁଲି ଦେଖିଥିଲେ । ହାଟରେ ଏକ ଶୌଚାଳୟ ନିର୍ମାଣ କରାଇବା ପାଇଁ ସରପଞ୍ଚ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ ସହିତ ଡେରାବିଶ ବିଡିଓ ନମିତା ବାରିକ, କନିଷ୍ଠ ଯନ୍ତ୍ରୀ ହିମାଂଶୁ ପତି, ଦେବେଶ ବେହେରା, ପଞ୍ଚାୟତ ପିଇଓ ପ୍ରଣବ ଦାଶ, ଏଡିଇଓ କ୍ଷଣପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ





ମହାକାଳପଡ଼ା, ୯ ।୧ (ସମିସ): ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୯ରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ବିଭାଗ ଜରିଆରେ ୧୨୦ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଧାନ କ୍ରୟ କରାଯିବ । ଏ ପରିପ୍ରେକ୍ଷୀରେ ମହାକାଳପଡା ବ୍ଲକ ଅନ୍ତର୍ଗତ ବେନୁପାଳ ଓ ବରକନ୍ଧା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି । କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ (ସିସିବି) ମହାକାଳପଡା ଶାଖା ପ୍ରବନ୍ଧକ ଅକ୍ଷୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇଟି ମଣ୍ଡି ଉଦଘାଟନ କରିଥିଲେ । ବଡକୂଳ ଓ କରଞ୍ଜି ପଞ୍ଚାୟତ ସଂଲଗ୍ନ ବେନୁପାଳ ପ୍ୟାକ୍ସରେ ସମ୍ପାଦକ ଚୌଧୁରୀ ଚିଦାନନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭୁବନେଶ୍ୱର କିଶାନ, ସଭାପତି ଚୌଧୁରୀ ଉମାକାନ୍ତ ଦାସ, ଉପସଭାପତି ପ୍ରତୀମା ସାହୁ, ନିର୍ଦ୍ଦେଶକ ଗଜେନ୍ଦ୍ର ନାୟକ, ଦୁଷ୍ମନ୍ତ ସାମଲ, ଧୀରେନ୍ଦ୍ର ଦାସ, ପୂଜକ ଯାମିନୀକାନ୍ତ ତ୍ରିପାଠୀ ସହ ଅନେକ ଚାଷୀ ଉପସ୍ଥିତ ଥିଲେ । କର୍ମଚାରୀ ଗଦାଧର ରାଉତ ଓ ଜ୍ଞାନେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ବରକନ୍ଧା, ଖରିନାସୀ, ମଙ୍ଗଳପୁର ଓ ବତୀଘର ପଞ୍ଚାୟତ ସଂଲଗ୍ନ ବରକନ୍ଧା ପ୍ୟାକ୍ସରେ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ବାଦଲ ସେନାପତି, ନୋଡାଲ ଅଧିକାରୀ ପଙ୍କଜ କହଁର, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅଜୟ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ ।

**ଗୋବିନ୍ଦପୁର:** ଆଳି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ସଭାପତି ଧନରଞ୍ଜନ ବୋଷ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମ୍ପାଦକ ବିରଜା ଦାସ, ସମିତି କର୍ମଚାରୀ ସୌମ୍ୟରଞ୍ଜନ ପରିଡ଼ା, ସାଗର ବିଶ୍ୱାଳ, ପ୍ରଶାନ୍ତ ରାଉତ, ଯୁଧିଷ୍ଠିର ମଲ୍ଲିକ, ସଦସ୍ୟ ସୁବ୍ରଜିତ ସାମଲ, ସୁବାସ ଦାସ, ସରୋଜ କର, କୃଷକ ବ୍ରହ୍ମାନନ୍ଦ ମଲ୍ଲିକ, ଉତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

**ଗରଦପୁର:** ଗରଦପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି । ମୁଖ୍ୟଅତିଥି ଭାବେ ତହସିଲଦାର ତୃପ୍ତି ଦାଶ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ରେଭେନ୍ୟୁ ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ନାୟକ, ମଣ୍ଡି ନୋଡାଲ ଅଫିସର ବାଦଲ ପରିଡ଼ା ଉପସ୍ଥିତ ଥିଲେ । ସମିତି ସଭାପତି ଟଂଜିତ ପଣ୍ଡା, ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା, ସହସମ୍ପାଦକ ରଞ୍ଜିତ କୁମାର ପଣ୍ଡା ଓ ପରିଚାଳନା ପରିଷଦ ସଭ୍ୟ ପ୍ରତିନିଧି ଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ ।

## ଗଙ୍ଗାରାମପୁର ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ, ୯ ।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖୋଲାଯିବାକୁ ଥିବା ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିଡିଓ କନଫରେନ୍ସ ଯୋଗେ ଶିଳାନ୍ୟାସ କରିଛନ୍ତି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଗଙ୍ଗାରାମପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ହୋଇଛି । ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସାଂସଦ ପ୍ରତିନିଧି ସୁନାକାର ବେହେରା, ସରପଞ୍ଚ ସନ୍ତୋଷିନୀ ଜେନା, ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ଜିଲ୍ଲା ଶିକ୍ଷା ବିଭାଗ ବୈଷୟିକ ବିଶାରଦ ନିବେଦିତା ସାହୁ, ବିଆରସିସି ପ୍ରେମବାଳା ମହାପାତ୍ର ଓ ବ୍ଲକ ସହକାରୀ ଶିକ୍ଷା ଅଧିକାରିଣୀ ସୁନିତୀ ଦାଶ, ସିଆରସିସି ମଳୟ ଜେନା, ସଂଘମିତ୍ରା ନାୟକ, ଗଙ୍ଗାରାମପୁର ହାଇସ୍କୁଲ ପରିଚାଳନା କମିଟି ସଭାପତି ବଙ୍ଗାଳି ତରାଇ, ଆଳି ବ୍ଲକ ପ୍ରାକ୍ତନ ବିଆରସିସି ଉଦକର ସାମଲ, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ପୂର୍ବତନ ସ୍କୁଲ ଏସଆଇ ବିଜୟ ଜେନା, ପୂର୍ବତନ ସିଆଇସିସି ରମେଶ ମହାନ୍ତି ଓ ସଞ୍ଜୟ ପୃଷ୍ଟି, ସମାଜସେବୀ ପ୍ରମୋଦ ଗାହାଣ, ଲୋକନାଥପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ରଞ୍ଜନ ବେହେରା ସ୍ୱାଗତ ଭାଷଣ ଓ ସନ୍ତୋଷ ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ଅକ୍ଷୟ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ମା’ ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା

ମହାକାଳପଡ଼ା, ୯ ।୧ (ସମିସ): ଜୟଚନ୍ଦ୍ରପୁରସ୍ଥ ମା’ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଛି । ଅଧକ୍ଷ ଉମାକାନ୍ତ ଦାସ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ଅଧାପକ ବିକାଶ ଦାସ, ସମୀର ରାଉତ, ମନୋଜ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ସୁଶାନ୍ତ ବିଶୋଇ, ଶୈଳବାଳା ମହାନ୍ତି, ମମତା ଶତପଥି, ସୁଜାତା ସ୍ୱାଇଁ, ସରୋଜ ସେଠୀ, ଅପରାଜିତା ଦାସ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ପବିତ୍ର ନାଥ କ୍ରୀଡା ପରିଚାଳନା କରିଥିଲେ । ଅଣଶିକ୍ଷକ କର୍ମଚାରୀ ମହନି ସାମଲ, କିଶୋର ଜେନା, ପ୍ରଦୀପ ମହାନ୍ତି, ତ୍ରିଲୋଚନ ବାରିକ, ଗଗନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ରାହ୍ମଣୀ ମହାବିଦ୍ୟାଳୟରେ ପରିବେଶ ସୁରକ୍ଷା ଅଭିଯାନ




ପଟ୍ଟାମୁଣ୍ଡାଇ, ୯ ।୧(ସମିସ): ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦାଣ୍ଡିସାହି ବ୍ରାହ୍ମଣୀ ମହାବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡ. ଗୌରୀ ସାମଲଙ୍କ ଦ୍ୱାରା ଉଦଘାଟିତ ଏହି ଅଭିଯାନରେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ସହିତ ସ୍ୱଚ୍ଛତା, ବିଶେଷକରି ପ୍ଲାଷ୍ଟିକ ଦ୍ରବ୍ୟ କିପରି ଆମ ପାଇଁ କ୍ଷତିକାରକ, ସେ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା । ଜାତୀୟ ସେବା ଯୋଜନା ସଂଯୋଜକ ଅଧାପକ ନଟବର ସୂତାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ଡ. ଚିନ୍ମୟ ପ୍ରଧାନ, ଅଧାପକ ମାନସ ନାୟକ, ଅଧାପକ ସତ୍ୟଜିତ ବେହେରା, ଅଧାପକ ମନୋରଞ୍ଜନ ସାହୁ, ଅଧାପକ ଗୌତମ ବେହେରା, ଅଧାପକ ନିରଞ୍ଜନ ବାରିକ ଓ ଅଧାପକ ଜଗନ୍ନାଥ ବେହେରା ପରିବେଶ ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ରଚନା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା ।

## ଲକ୍ଷ୍ମୀଧର ପାତ୍ରଙ୍କ ପରଲୋକ



ପଟ୍ଟାମୁଣ୍ଡାଇ, ୯ ।୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବର୍ଷିଆନ ନେତା, ବହୁ ଅନୁଷ୍ଠାନର ପ୍ରତିଷ୍ଠାତା, ବାଟିପଡ଼ା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପାତ୍ରଙ୍କ ଗତକାଲି ବେଲତଳ ବାସଭବନରେ ପରଲୋକ ହୋଇଯାଇଛି । ସେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ବାଚସ୍ପତି ରବି ରାୟଙ୍କ ଘନିଷ୍ଠ ସହଯୋଗୀ ଥିଲେ । ଶିକ୍ଷକନେତା ଭାବେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଅଲେଖ ଜେନା, ବରିଷ୍ଠ ନେତା ନୃସିଂହ ଆଚାର୍ଯ୍ୟ, ବାସୁଦେବ ପାତ୍ର, ବିଜୟ ସ୍ୱାଇଁ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡ଼ା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରା, ଜିଲ୍ଲା ବିଜେପି ଉପସଭାପତ ଭାରତ ଭୂଷଣ ଦାସ, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଜନମଞ୍ଚ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଗୃହସ୍ଥ ସନ୍ନ୍ୟାସୀ ବୁଦ୍ଧଦେବଙ୍କ ପରଲୋକ



ରାଜନଗର, ୯ ।୧(ସମିସ): ରାଜନଗର ବ୍ଲକ୍ ବେଲପାଳ ଗ୍ରାମର ଗୃହସ୍ଥ ସନ୍ନ୍ୟାସୀ ବୁଦ୍ଧଦେବ ସ୍ୱାଇଁଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ସ୍ୱାଇଁ ବାଲ୍ୟକାଳରୁ ଆଦି ଅନାଦୀ ପରମବ୍ରହ୍ମ ସନାତନ ଧର୍ମୀୟ ଭାବ ଧାରାରେ ନିଜକୁ ସାମିଲ କରି ଦୀକ୍ଷା ଗ୍ରହଣ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ମୁଖଶାଳାରେ ଆଶ୍ରମ ଗଢିଥିଲେ । ଗ୍ରାମର ଯୁବକ ଓ ବୟସ୍କ ଲୋକଙ୍କୁ ଏହି ଆଧାତ୍ମିକ ଭାବ ଧାରାରେ ସାମିଲ କରିଥିଲେ । ତାଙ୍କ ମରଶରୀରକୁ ସାଧୁସନ୍ଥ ପରମ୍ପରା ଅନୁଯାୟୀ ଗ୍ରାମ ପରିକ୍ରମା କରାଇବା ପରେ ନିଜ ଜନ୍ମମାଟିରେ ସମାଧିସ୍ଥ କରାଯାଇଥିଲା । ସମାଧି ସ୍ଥଳରେ ବୈଷ୍ଣବ ଧର୍ମୀୟଭକ୍ତ ନାମସଂକୀର୍ତ୍ତନ କରିଥିବାବେଳେ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ସରପଞ୍ଚ ପତିତପାବନ ପଣ୍ଡା, ବାଇଧର ସ୍ୱାଇଁ, ସୁଧାକର ପଣ୍ଡା, ଅଧିକାରୀ ସ୍ୱାଇଁ, ଆଡଭୋକେଟ ନଳିନୀକାନ୍ତ ମଙ୍ଗରାଜ, ସାମ୍ବାଦିକ ଭାସ୍କର ରାଉତରାୟ, ବସନ୍ତ ହାତି, ସୂର୍ଯ୍ୟନାରାୟଣ ଲେଙ୍କା, ଜଗନ୍ନାଥ ଦାସ, ଅଲେଖ ପରିଡା, ବିଜୟ ଗୁପ୍ତା, ଅଭିରାମ ଦାସ, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, କୃତ୍ତିବାସ ପ୍ରଧାନ, ନିରଞ୍ଜନ ରାଉତ, ତାପସ ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ




କେନ୍ଦ୍ରାପଡ଼ା/ଡେରାବିଶ, ୯ ।୧(ସମିସ): ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରୀକୃତ ନିୟମାବଳୀ ବିଷୟରେ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି ଉପନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା, ବିକ୍ରମ ରାଉତରାୟ, ଆରଏମସି ଉପସଭାପତି ବିଜୟ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଜମଧର ପାକ୍ସ ସମ୍ପାଦକ ବୈରାଗୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚାଷୀ ସଂଘ ସଭାପତି ଶରତ ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ୍ତ ମହାନ୍ତି ଯୋଗ ଦେଇଥିଲେ । ଜମଧର ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବାବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ମହାନ୍ତି ସଭା ପରିଚାଳନା କରିଥିଲେ । ସମବାୟ ସମିତି ପରିଚାଳନା ପରିଷଦ ସଭାନେତ୍ରୀ ମମତା ପ୍ରଧାନ, କୈଳାସ ଦାସ, ବସନ୍ତ ଜେନା, ଅମୀୟ ମଲିକ, ଅକ୍ଷୟ ବାରିକ, ନମିତା ଦାସ, କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଅଭିନାଶ ବାରିକ, ସଂଗ୍ରାମ ସାମଲ ପ୍ରମୁଖ ସହଯୋଗ କରିଥିଲେ । ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୯ ।୧(ସମିସ)




ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ସକାଳ ୮.୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ । ରାମଧୂନ ପରିବେଷଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସମେତ ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜେଲ୍‌ରେ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ସଚ୍ଚିଦାନନ୍ଦ ମିଶ୍ର, ଡିଏସପି ଡିଆଇବି ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

ସକାଳ
THE SAKALA



# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା। ସେଠି ସତ୍ୟର କିଛି ମୂଲ୍ୟ ନାହିଁ, କୃତ୍ରିମ ଭାବମୂର୍ତ୍ତି ହିଁ ସବୁକିଛି।
-ସୁନ ତ୍ସୁ, ଚୀନ୍ ଦାର୍ଶନିକ

## ଅଦାଲତକୁ ବୋମାଧମକ

ରାଜ୍ୟର କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ଇ-ମେଲ ମାଧ୍ୟମରେ ଗୁରୁବାର ସକାଳେ ବୋମା ବିସ୍ଫୋରଣ ଧମକ ଏକପ୍ରକାର ଆତଙ୍କର ବାତାବରଣ ସୃଷ୍ଟି କରିଥିଲା। ଉଚ୍ଚ ନ୍ୟାୟାଳୟଠାରୁ ନିମ୍ନଅଦାଲତ ପର୍ଯ୍ୟନ୍ତ ସବୁଠାରେ ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ୨.୪୫ ସୁଦ୍ଧା ସମ୍ଭାବ୍ୟ ବିସ୍ଫୋରଣକୁ ନେଇ ଅଦାଲତର ବିଚାରପତି, କର୍ମଚାରୀ ଓ କାର୍ଯ୍ୟରତ ଆଇନଜୀବୀ ଆତଙ୍କିତ ଅବସ୍ଥାରେ କୋର୍ଟ ପରିସରରୁ ବାହାରକୁ ପଳାଇ ଆସିଥିଲେ। ଏ ସଂପର୍କରେ ହାଇକୋର୍ଟ ରେଜିଷ୍ଟ୍ରାର କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ବୋମା ନିରୋଧକ ସ୍କ୍ୱାଡ, ସଂଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ତନାଘନା କରିଥିଲେ। ପୁଲିସ ଡିଜିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଯାଞ୍ଚରୁ ସେଭଳି କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି।

ଅଦାଲତକୁ ବୋମାରେ ଉଡ଼ାଇଦେବା ଭଳି ଧମକ ଆମରାଜ୍ୟରେ ନୂଆ ଘଟଣା। ହୋଇପାରେ ଏହା ମିଛ ଡରାଣ, ହେଲେ କାହିଁକି? ଏହି ଧମକ ପଛରେ କ'ଣ କାରଣ ଥାଇପାରେ ସେ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେବା ସ୍ୱାଭାବିକ। ଧମକ ପଛରେ ଥିବା ବ୍ୟକ୍ତି ବା ସଂଗଠନ ଧରା ନପଡ଼ିବା ପର୍ଯ୍ୟନ୍ତ ଏହାର ଉଦ୍ଦେଶ୍ୟ ଜଣାପଡ଼ିବା ସହଜ ନୁହେଁ। ଏକଥା ସତ ଯେ ଅଦାଲତର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ବିଭିନ୍ନ ମାମଲାର ଶୁଣାଣି ଅନ୍ୟ ଏକ ତାରିଖକୁ ଘୁଞ୍ଚାଯାଇଥିବ। ମନେହୁଏ ଗୁରୁବାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଥିଲା, ଯାହାକୁ ଏହି ଧମକ ମାଧ୍ୟମରେ ଘୁଞ୍ଚାଇବାକୁ ସମର୍ଥ ହୋଇଛି ଇ-ମେଲ ପଠାଇଥିବା ବ୍ୟକ୍ତି। ତେଣୁ ସେଦିନର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ମାମଲାଗୁଡ଼ିକର ତର୍ଜମା କରି ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଅନୁସନ୍ଧାନ ପରିସରକୁ ଅଣାଯିବା ଉଚିତ। ଅଦାଲତ କାର୍ଯ୍ୟରେ ପୁଲିସ ପ୍ରଶାସନ କେତେଦୂର ହସ୍ତକ୍ଷେପ କରିପାରିବ ତାହା ଭିନ୍ନ କଥା। ଇ-ମେଲ ଆଇଡିର ମୂଳଉତ୍ସ ଜାଣିବା ପାଇଁ ଆଜିକାଲି ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେଉଛି। ରାଜ୍ୟର ସାଇବର ଅପରାଧ ଯାଞ୍ଚ କରୁଥିବା ଅଧିକାରୀ ଏସଂପର୍କରେ କେତେଦୂର ଯୋଗ୍ୟ ଓ ଅଭିଜ୍ଞ ତାହା ଉପରେ ନିର୍ଭର କରେ ବୋମା ଧମକ ଦେଇଥିବା ଅପରାଧୀକୁ ଧରିବା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହାକୁ ମିଛ ଧମକ କହି ଘଟଣାର ଗୁରୁତ୍ୱକୁ ଗୌଣ ବିଚାର କରିବା ଆଦୌ ଉଚିତ ନୁହେଁ। କାରଣ ଏ ପ୍ରକାର ମାନସିକତା ଅନୁସଂଧାନ ପ୍ରକ୍ରିୟାରେ ଅଯଥା ଶିଥିଳତା ସୃଷ୍ଟି କରିବାର ଆଶଙ୍କା ରହିଛି। ଅଦାଲତକୁ ବୋମା ଧମକ ଦେବା କିଛି ଛୋଟକଥା ନୁହେଁ। ଏହାର ବୃହତ୍ତମ ଦିଗ ଓ ସୁଦୂରପ୍ରସାରୀ ପ୍ରଭାବ ରହିଛି। ରାଜ୍ୟରେ ପୁଲିସ ଡିଜି ସମ୍ମିଳନୀ ବେଳେ ମଧ୍ୟ ଅନୁରୂପ ବୋମା ଧମକ ମିଳିଥିଲା। ତାହାର ଅନୁସଂଧାନ କେତେଦୂର ଆଗେଇଛି କାହାକୁ ଜଣାନାହିଁ।

ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି। ଘଟଣାର ସବିଶେଷ ଅନୁସଂଧାନ ପାଇଁ ନିର୍ଦ୍ଦେଶ ଦେଇ ଅପରାଧୀକୁ ଧରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଦାଲତରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ମୁତୟନ କରାଗଲା ତାହା ପ୍ରଶଂସନୀୟ। ତେବେ ପୁନର୍ବାର ଆମେ ସ୍ପଷ୍ଟ କରିଦେଇଛୁ ଯେ ମିଛ ଧମକ କହି ଘଟଣାର ଯେପରି ଗୁରୁତ୍ୱହାନି କରାନଯାଏ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ।

## ଜିଡିପି ଅଭିବୃଦ୍ଧି ଓ ଋଣ ବୋଝ

ଆମେରିକାର ଅତିରିକ୍ତ ଟାରିଫ ଭଳି ବହିର୍ବାଣିଜ୍ୟକ ଚାପ ସତ୍ତ୍ୱେ ଆମଦେଶର ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ବେଶ ଉତ୍ସାହଜନକ। ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ଦର୍ଶାଯାଉଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଡିପି ୭.୪ % ହେବ। ଯାହାକି ଗତ ଆର୍ଥିକବର୍ଷ ତୁଳନା ୦.୯% ଅଧିକ। ଦେଶର ଅର୍ଥନୀତିକୁ ଗତି ଦେବାରେ ଏହା ସହାୟକ ହେବ। ସେବା କ୍ଷେତ୍ରରେ ୯.୯%, ବିନିର୍ମାଣ ଓ ନିର୍ମାଣ କ୍ଷେତ୍ରରେ ୭ % ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଏହି ଅଭିବୃଦ୍ଧି ହାର ୩.୧ % ରହିବ। ସରକାରଙ୍କ ଏହି ଅଗ୍ରୀମ ଆକଳନ ସଂପର୍କରେ ଉଲ୍ଲେଖ କଲାବେଳେ ମନେ ରଖିବାକୁ ହେବ ଯେ ଦେଶର ଋଣ ଭାର ଏହି ଦଶନ୍ଧି ମଧ୍ୟରେ ୩ ଗୁଣ ବୃଦ୍ଧି ପାଇଛି। ଅଧିକାଂଶ ରାଜ୍ୟର ଆର୍ଥିକ ଶୃଙ୍ଖଳା ଏକପ୍ରକାର ଉଜୁଡି ଯାଇଛି କହିଲେ ଭୁଲ ହେବ ନାହିଁ। ବିଶେଷକରି ନିର୍ବାଚନ ରାଜନୀତିରେ ଜନକଲ୍ୟାଣକାରୀ ଯୋଜନା ନାମରେ ମତଦାତାଙ୍କୁ ପ୍ରଭାବିତ କରିବା ସକାଶେ ଆଖିବୁଜା ଆର୍ଥିକ ସହାୟତା ପ୍ରଦାନ ଫଳରେ ବିଦ୍ୟୁତ ସଂଯୋଗ ରାସ୍ତାଘାଟ ଓ ଗୃହନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ କ୍ଷେତ୍ରରେ ଅର୍ଥାଭାବ ପରିଲକ୍ଷିତ ହେଉଛି। ରାଜସ୍ୱର ୮୦ % ବେତନ ଭତ୍ତା ଓ ଘୋଷିତ ରିହାତି ତଥା ସହାୟତା ରାଶି ବାବଦରେ ବ୍ୟୟ କରାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ କିଛି ରାଜ୍ୟକୁ ଋଣ ପରିଶୋଧ ପାଇଁ ଋଣ କରିବାକୁ ପଡୁଛି।

ଜିଡିପି ଅଭିବୃଦ୍ଧି ହାରକୁ ଯଦି ଜାତୀୟ ଆର୍ଥିକ ଅଗ୍ରଗତିର ପରିମାପକ ବୋଲି ବିଚାର କରାଯାଏ, ତେବେ କ'ଣ ରାଜ୍ୟର ବିନା ସହାୟତାରେ ଏହି ସମ୍ଭାବନାର ଅଙ୍କ କଷା ଯାଇପାରିବ? ଏଭଳି ଏକାଧିକ ପ୍ରଶ୍ନ ବେଳେ ବେଳେ ଦେଶବାସୀଙ୍କୁ ବ୍ୟସ୍ତ, ବିବ୍ରତ କରିବା ସ୍ୱାଭାବିକ। ନିକଟରେ ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଛି। ନିର୍ବାଚନ ପୂର୍ବରୁ ସବୁସ୍ତରର ମତାଦାତାଙ୍କୁ ସନ୍ତୁଷ୍ଟ କରିବା ସକାଶେ ଯେଉଁଳି ଆଖିବୁଜା ସହାୟତା ରାଶି ବଣ୍ଟନ କରାଯାଉଛି ତାହା ବିହାରକୁ ଦେବାଳିଆ କରିଦେବା ଏକପ୍ରକାର ନିଶ୍ଚିତ। ଆର୍ଥିକ ଦୃଷ୍ଟିରୁ ସବୁଠାରୁ ସମୃଦ୍ଧ ଓ ସମର୍ଥ ରୂପେ ପରିଚିତ ମହାରାଷ୍ଟ୍ରର ଆର୍ଥିକ ସ୍ଥିତି ଏଭଳି ନିମ୍ନଗାମୀ ହୋଇଛି ଯେ ରାଜ୍ୟର ୯୦୩ ପ୍ରକଳ୍ପ ଅଗ୍ରଗତି କରିପାରୁନାହିଁ। ବଜେଟ ବ୍ୟବସ୍ଥାରେ ସେଥିରୁ ଅର୍ଥ ବରାଦ କରିବା ଅସମ୍ଭବ ହୋଇପଡ଼ିଛି। ରାଜ୍ୟୱାରୀ ବିଚାର କଲେ ପଞ୍ଜାବ, ରାଜସ୍ଥାନ ଓ ହରିୟାଣା ସବୁଠାରୁ ଭୟଙ୍କର ଦୁର୍ଗତି ଦେଇ ଗତି କରୁଛନ୍ତି। ପଞ୍ଜାବ ଚଳିତ ଆର୍ଥିକ ବର୍ଷରେ ୯୦ ହଜାର କୋଟି ଟଙ୍କା ମୂଳଧନ ପରିଶୋଧ କରିବାର ଅଛି। ବିପୁଳ ପରିମାଣର ଋଣ ନକଲେ ପରିସ୍ଥିତିର ମୁକାବିଲା ଅସମ୍ଭବ। ଗତ ଅକ୍ଟୋବରରେ ରାଜ୍ୟ ସରକାର ଖୋଲାବଜାରରୁ ୨୦ ହଜାର କୋଟି ଟଙ୍କାର ଋଣ ଉଠାଇଥିଲେ। ସେହିଭଳି ରାଜସ୍ଥାନକୁ ଚଳିତ ବର୍ଷ ୧.୫୦ ଲକ୍ଷ କୋଟି ଟଙ୍କାର ଋଣ ପରିଶୋଧ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ତାହାର ୫୩.୧ % କେବଳ ଋଣ ପରିଶୋଧରେ ବ୍ୟୟ ହେବ। ଅବଶିଷ୍ଟ ଅର୍ଥରେ ଘୋଷିତ ରିହାତି ଓ ଅନ୍ୟାନ୍ୟ ସୁବିଧା ଦେବାରେ ଖର୍ଚ୍ଚ ହେବା ପରେ ବିକାଶ ଧାରା କେଉଁଆଡ଼କୁ ମୁହାଁଇବ ତାହା ଅନୁମାନ କରାଯାଇପାରେ।

ତେଣୁ ଜିଡିପି ହାରକୁ ନେଇ ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଦୃଢ଼ ଓ ସଶକ୍ତ ହେଉଛି ବୋଲି ଯେଉଁ ଆକଳନ କରାଯାଇଛି ତାହା କେତେ ଦୂର ଗ୍ରହଣୀୟ ବିଚାରସାପେକ୍ଷ।

# ଅମୂଳକ ବିଶ୍ୱାସର ଆତଙ୍କବାଦ

ନମ୍ରତା ମିଶ୍ର

ଆତଙ୍କବାଦର ସମାଚାର ଆମ ପାଇଁ ଆଉ ନୂଆ ନୁହଁ। ଆମେ ବହୁବର୍ଷ ଧରି ଏହି ପ୍ରକାର ଖବର ଶୁଣିବା, ପଢ଼ିବା ବା କିଛିକ୍ଷେତ୍ରରେ ଅନୁଭବ କରିବାରେ ଏକପ୍ରକାରେ ଅଭ୍ୟସ୍ତ ହୋଇସାରିଛେ। ଭାରତ ଓ ବିଶ୍ୱରେ ଘଟିଥିବା ହୃଦୟବିଦାରକ ଆତଙ୍କବାଦୀ ଆକ୍ରମଣ ଘଟଣା ଲେଖିବସିଲେ ତାଲିକା ଲମ୍ବା ହୋଇଚାଲିବ। ଆତଙ୍କବାଦ ପଛରେ ପ୍ରାଣ ଭୟ, ପ୍ରତିଶୋଧର ଇଚ୍ଛା, ଅର୍ଥଲୋଭ ଇତ୍ୟାଦି କାରଣ ସମେତ ପ୍ରମୁଖ ଥାଏ ଧର୍ମ ଉପରେ ଭିତ୍ତିହୀନ ବିଶ୍ୱାସ। ତୈମୁରଲଙ୍ଗ, ଔରଙ୍ଗଜେବଙ୍କ ନାରକୀୟ ଆତଙ୍କଠାରୁ ଆରମ୍ଭ କରି ଭାରତ ବିଭାଜନ ସମୟର ନରହତ୍ୟା, ସମ୍ପତ୍ତି ଲୁଣ୍ଠନ ଆଦି ହିଂସା ଓ ଆତଙ୍କର କଳଙ୍କିତ ଅଧ୍ୟାୟ ଆମ ଇତିହାସରେ ଲେଖାସାରିଛି।

ବର୍ତ୍ତମାନ ଆମ ଚାରିପାଖରେ ଘଟୁଥିବା କିଛି ଘଟଣା ଉପରେ ଦୃଷ୍ଟି ଦେବା। ଖବରକାଗଜ ଖୋଲିବା ମାତ୍ରେ ଗୁଣିଆ ସନ୍ଦେହରେ ହତ୍ୟା, ଜାତିଆଣ ହତ୍ୟା କିମ୍ବା ବାସନ୍ଦ, ଯୌତୁକ ହତ୍ୟା, ଗୋଷ୍ଠୀ କନ୍ଦଳ, ଅନ୍ଧବିଶ୍ୱାସ ଜନିତ ବଳି, ଧର୍ମାନ୍ତରଣଜନିତ ହିଂସା, ଦଳଚକଟା ଜନିତ ମୃତାହତ ଆଦି ଖବର ଆମ ଆଖିରେ ପଡ଼େ। ଏ ସବୁ ପ୍ରଥାରେ ଅଯୌକ୍ତିକ ବିଶ୍ୱାସ କେବଳ ଅଶିକ୍ଷିତଙ୍କ ମଧ୍ୟରେ ସୀମିତ ନଥାଏ, ତଥାକଥିତ ଶିକ୍ଷିତ ଓ ଉଚ୍ଚବର୍ଗ ଏପରିକି ସମାଜ ସଂସ୍କାରକମାନଙ୍କ ପାଖରେ ମଧ୍ୟ ଥାଏ। ଆଜି ମଧ୍ୟ କେତେକ ମନ୍ଦିରରେ ମହିଳା ଓ ଦଳିତମାନଙ୍କର ପ୍ରବେଶ ନିଷେଧ। ଏ ସବୁ ମଧ୍ୟ ଭିତ୍ତିହୀନ ବିଶ୍ୱାସର ପରିଣତି।

ଆହୁରି ମଧ୍ୟ ଦୈନନ୍ଦିନ ଜୀବନରେ ଜାମାଖଣ୍ଡେ ପିନ୍ଧୁ ପିନ୍ଧୁ ଯଦି ଛିଙ୍କ ହୁଏ ଆମେ ତା'କୁ ବାହାର କରିଦେଉ ଓ ପୁଣି ପିନ୍ଧୁ। ଝିଟିପିଟି ମୁଣ୍ଡ ଉପରେ ପଡ଼ିଲେ ଶୁଭ ନା ଅଶୁଭ ବିଚାର କରୁ। ସ୍ୱପ୍ନ ଦେଖି ତାହା ଶୁଭ ନା ଅଶୁଭ ବିଶ୍ଳେଷଣ କରୁ। ମାଙ୍କଡ଼ ଡେଇଁ ପଡ଼ିଲେ, ବିରାଡ଼ି ରାସ୍ତା କାଟିଲେ, ବିଲୁଆ ଦେଖିଲେ. ପେଚା ବୋବାଇଲେ ଶୁଭ ନା ଅଶୁଭ ଚିନ୍ତା କରୁ। ନାଗ ସାପକୁ କ୍ଷୀର ପିଆଇବା ପାଇଁ ଚେଷ୍ଟା କରୁ। ନାଗ ସାପ ଆଖିରେ କ୍ୟାମେରା ଲାଗିଛି, ସାପ ଖେଳିବା ବସ୍ତ୍ର ଶୁଭ ଇତ୍ୟାଦି ଆମ ସମାଜରେ ଖୁବ୍ ପ୍ରଚଳିତ। ଠାକୁରଙ୍କୁ ନଡ଼ିଆ କଦଳୀ ପୂଜାକରି ଆମକୁ ମଟନ୍ ମିଳୁ ବୋଲି ଆଶା କରୁ। ଘରର କେହି ମୃତ୍ୟୁବରଣ କଲେ କିଛି ରୀତିନୀତି ଅନୁସାରେ ଗୁଆକଦଳି ଖାଇ ପୁତ୍ର ଆଶା କରୁ। ଦେହ ଖରାପ ହେଲେ ଗୁଣିଆ, ଝାଡ଼ଫୁଙ୍କ ମାନସିକ ଇତ୍ୟାଦି ଆମେ କରୁ। ଲକ୍ଷ୍ମୀ ପୂଜାରେ ଦଶ ଟଙ୍କାର ଶାଗ, ମୁଆଁ, ପିଠା ପୂଜା କରି ବିନା କଷ୍ଟ ପରିଶ୍ରମରେ ଆମକୁ ବହୁ ସମ୍ପତ୍ତି ମିଳୁ ବୋଲି ଆଶା କରୁ। ସରକାରୀ ତହସିଲରୁ ଅର୍ଥ ଆତ୍ମସାତ କରି ମନ୍ଦିରରେ କିଛି ଦାନପୁଣ୍ୟ କରିଦେଇ ନିଜକୁ ଖୁବ୍ ଧାର୍ମିକ ମନେକରୁ। ସକାଳୁ ଉଠି ଆମେ ରାଶିଫଳ ଦେଖୁ। ଜାତକ ମେଳଣ କରୁ। ଠାକୁରାଣୀଙ୍କୁ ଶୁଖୁଆ ତରକାରୀ ପୂଜା କରି ବସନ୍ତ ମିଳିମିଳା ଆଦି ରୋଗରୁ ରକ୍ଷା ମିଳିଯିବ ବୋଲି ଆଶା କରୁ। ମୃତ ଶରୀର ପଛରେ ଫିଙ୍ଗା ଯାଇଥିବା ମୁଦ୍ରାକୁ ଘରେ ସାଇତି ରଖୁ। କୂଅ ପୋଖରୀ, ଜଳ ଭଣ୍ଡାର ଦେଖିଲେ ସେଥିରେ ପଇସା ପକାଇ ମାନସିକ କରୁ। ଠାକୁରଙ୍କୁ ମାନସିକ କରି, ଦାନ ଧର୍ମ କରି ୟୁପିଏସସି ଭଳି ପରୀକ୍ଷାରେ ମଧ୍ୟ ସଫଳତା ମିଳିବ ବୋଲି ବିଶ୍ୱାସ ରଖୁ।

ତେଣୁ ଅନ୍ଧବିଶ୍ୱାସ ବା ଅମୂଳକ ବିଶ୍ୱାସ କେବଳ ଆତଙ୍କବାଦୀ ବା ଦଙ୍ଗାକାରୀଙ୍କ ପାଖରେ ନାହିଁ, ଏହା ଆମ ପାଖରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଛି। ଏହି ଦୁରାରୋଗ୍ୟ ବ୍ୟାଧିରୁ ବଞ୍ଚିବାର କୌଣସି ରାସ୍ତା ହଠାତ୍ ଦେଖାଯାଏ ନାହିଁ। କାରଣ ଏହା ଆମ ଭିତରେ ବହୁ ପିଢ଼ି ଧରି ବଞ୍ଚି ରହିଥିବା ସେହି ନିର୍ମୂଳି ଲତା, ଯାହା ଆମ ସଭ୍ୟତା ଓ ସଂସ୍କୃତି ରୂପକ ମହାଦ୍ରୁମରୁ ଅହରହ ରସ ଶୋଷି ଚାଲିଛି। ଏହା ଏଭଳି କାୟାବିସ୍ତାର କରିଛି ଯେ ଆମେ ଜାଣିନାହୁଁ ଆମ ସଂସ୍କୃତି କ'ଣ ଓ ଅମୂଳକ ବିଶ୍ୱାସ କ'ଣ। ବୈଜ୍ଞାନିକ ମନୋଭାବ ବା ଚିନ୍ତାଧାରାକୁ ଆପଣେଇନେବା ଛାଡ଼ନ୍ତୁ, ଏହାକୁ ଆମେ ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନୁହେଁ। ଯୁଗ ଯୁଗ ଧରି ଚାଲିଥିବା, ପିଲାଦିନରୁ ଶୁଣିଥିବା ବା ଆପଣେଇ ନେଇଥିବା ବିଶ୍ୱାସକୁ ଭାଙ୍ଗିଦେବା ସହଜ ନୁହେଁ। ବିଶ୍ୱାସକୁ ଛାଡ଼ିଦେଲେ ମଣିଷ ନିଜକୁ ଅନାଥ ମନେକରେ। ହୁଏତ ସେଥିପାଇଁ ମଣିଷ ଅମୂଳକ ବିଶ୍ୱାସକୁ ମଧ୍ୟ ଛାଡ଼େନା, ଯେପରି ନିଶାଦ୍ରବ୍ୟର ପୁରୁଣା ଅଭ୍ୟାସକୁ ଛାଡ଼ିବା ସହଜ ନୁହେଁ।

ପୁଣି ଏହି ସବୁ ବିଶ୍ୱାସ ଯୋଗୁଁ କିଛି ଲୋକଙ୍କ ବେଉସା ଚାଲେ, ପ୍ରାଧାନ୍ୟ ବଢ଼େ। ଆତ୍ମଘୋଷିତ ଈଶ୍ୱରମାନେ ଅଲୋଡ଼ା ହୋଇଯାଇପାରନ୍ତି। ଖାସ୍ ସେଇଥିପାଇଁ ସମାଜ ସଂସ୍କାରକ ରୂପରେ ବା ସଂସ୍କୃତି ରକ୍ଷକ ରୂପରେ ସମାଜ ସଂସ୍କାରକୁ ଅଟକାଇ ରଖିବା କାମ ସେଇମାନେ ହିଁ କରିଥା'ନ୍ତି। ମଣିଷ-ମଣିଷ ଭିତରେ ଉଚ୍ଚ-ନୀଚର ଭାବ ସୃଷ୍ଟି କରିବା, ଜାତି-ଧର୍ମ ନାମରେ ସମାଜରେ ବିଭ୍ରାଟ କରିବା କିଛି ଅଳ୍ପସଂଖ୍ୟକ ଲୋକଙ୍କ କାମ। କିନ୍ତୁ ଏହାର ଫଳ ସମସ୍ତ ସମାଜ ଭୋଗ କରନ୍ତି। ଅମୂଳକ ବିଶ୍ୱାସ ରୂପକ ଲତାର ଚେର ହେଉଛନ୍ତି ଭୟ ଓ ଲାଳସା। ପତିଆରା ଯିବାର ଭୟ ଏବଂ ବିନା ପରିଶ୍ରମରେ ଅର୍ଥ ଓ ସମ୍ମାନ ଲାଭର ଲାଳସା। ଯଦି ଆପଣ ସେମାନଙ୍କ ଜୀବନକୁ ଅତି ପାଖରୁ ଦେଖିବେ, ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେମାନେ ନିଜେ କୌଣସି ଅମୂଳକ ବିଶ୍ୱାସର ବଶବର୍ତ୍ତୀ ନୁହନ୍ତି। ଠିକ୍-ଭୁଲ୍ର ପାର୍ଥକ୍ୟ ଖୁବ୍ ଭଲରେ ବୁଝି କେବଳ ସରଳ ଲୋକଙ୍କ ଫାଇଦା ଉଠାନ୍ତି।

ନିଜ ଧର୍ମ, ନିଜ ଜୀବନ, ନିଜ ସଂସ୍କୃତି, ନିଜ ପରିବେଶକୁ ଠିକ୍ ଭାବେ ବୁଝିବା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ କେବଳ ନିଜର। ଯେଉଁ ବିଜ୍ଞାନ ଆମ ଜୀବନକୁ ଆଜି ଏତେ ସରଳ କରିଛି, ଯାହା ଏତେ ସୁବିଧା ଦେଇଛି, ଆଦିମାନବରୁ ସଭ୍ୟମାନବ କରି ତିଆରି କରିଛି, ଆମର ସେଥିରେ କୌଣସି ଆଗ୍ରହ ନାହିଁ। ଆମେ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି କି ଆମ ମୋବାଇଲ୍, ହ୍ୱାଟ୍ସଆପ, ମେସେଞ୍ଜର, ଫେସବୁକ, ଫୋନ୍ ପେ, ପେଟିଏମ, ପ୍ଲେଷ୍ଟୋର କିପରି କାମ କରେ? ଅନେକଙ୍କ ପାଇଁ ଏହା ସମୟ ଅପଚୟକାରୀ ଓ ନିରର୍ଥକ ଉଦ୍ୟମ। କିନ୍ତୁ ହ୍ୱାଟ୍ସଆପ, ଫେସବୁକ ବା ଯେକୌଣସି ସୋସିଆଲ୍ ମିଡିଆରେ ଆସୁଥିବା ଖବର, ଚିନ୍ତାଧାରା, ପ୍ରବଚନ, ମୋଟିଭେଶନ୍, ବାସ୍ତୁ, ରାଶିଫଳ, ଶକୁନ ବିଚାର, ଘୃଣା ବିସ୍ତାର ଇତ୍ୟାଦିକୁ ଖୁବ୍ ସହଜରେ ବିଶ୍ୱାସ କରୁ। ଆମେ କେବେ ଭାବୁ ଯେ ଅମୁକ ଖବରରେ ମିଛ ଥାଇପାରେ? କେହି ଏହା ସମାଜକୁ ଭ୍ରାନ୍ତ ବା ଉତ୍ୟକ୍ତ କରିବା ପାଇଁ ଜାଣିଶୁଣି ପ୍ରଚାର ପ୍ରସାର କରିପାରେ?

ଅମୂଳକ ବିଶ୍ୱାସର ପରିଣତି ଯେ କେତେ ଭୟଙ୍କର ହୋଇପାରେ ତାହା ଆତଙ୍କବାଦର ପରିଣାମରୁ ଅନୁମେୟ। ଅତୀତରେ ହୋଇଥିବା ଦେଶ ବିଭାଜନ ପଛରେ ମଧ୍ୟ କିଛିମାତ୍ରାରେ ଅମୂଳକ ବିଶ୍ୱାସ ରହିଥିଲା ବୋଲି ଆମର ମତ। ଏହି ଅମୂଳକ ବିଶ୍ୱାସ ଜୀବନ ବଞ୍ଚାଉଥିବା ଡାକ୍ତରମାନଙ୍କୁ ଜୀବନ ନେବା ପାଇଁ ମଧ୍ୟ ବାଧ୍ୟ କରିପାରେ। ଶିକ୍ଷିତ ଯୁବକଯୁବତୀଙ୍କୁ ଆତ୍ମଘାତୀ ବିସ୍ଫୋରଣ କରିବା ପାଇଁ ପ୍ରେରିତ କରିପାରେ। ଦେଶରେ ଦଙ୍ଗା ପରିସ୍ଥିତି ସୃଷ୍ଟି କରିପାରେ। ତେଣୁ ପ୍ରତିଟି ସଭ୍ୟ, ଶିକ୍ଷିତ, ସଚେତନ, ସୁନାଗରିକର କାର୍ଯ୍ୟ ସମାଜରେ ଥିବା କୁସଂସ୍କାର ଓ ଅମୂଳକ ବିଶ୍ୱାସକୁ ଦୂର କରିବା ପାଇଁ ଚେଷ୍ଟା କରିବା ହିଁ ଧ୍ୟେୟ ହେବା ଆବଶ୍ୟକ। ପରିବର୍ତ୍ତନର ସ୍ୱର ପ୍ରଥମେ ନିଜ ଭିତରୁ ଶୁଣାଯିବା ଉଚିତ। ସମାଜ ପରିବର୍ତ୍ତନ ପୂର୍ବରୁ ପ୍ରଥମେ ଆମେ ନିଜେ ପରିବର୍ତ୍ତିତ ହେବା ଆବଶ୍ୟକ। ବୈଜ୍ଞାନିକ ମନୋଭାବ ପୋଷଣ କରିବା ଆମ ପାଇଁ କେବଳ ଉଚିତ ନୁହଁ, ଏହା ସମ୍ବିଧାନ ଅନ୍ତର୍ଗତ କର୍ତ୍ତବ୍ୟ ମଧ୍ୟ। ଦିନ ଥିଲା ସତୀଦାହ ଭଳି କୁପ୍ରଥା ମଧ୍ୟ ସମାଜରେ ଯୁକ୍ତିଯୁକ୍ତ ଥିଲା। କିନ୍ତୁ ଆଜିର ଦିନରେ ଯଦି ଏହା ପୁନଃପ୍ରଚଳିତ ହୁଏ ତେବେ ଆମେ ଏହାର ବିରୋଧ କରି ଅଦାଲତର ଦ୍ୱାରସ୍ଥ ହେବା ନିଶ୍ଚୟ।

(ପ୍ରାଣୀ ବିଜ୍ଞାନ ଅଧ୍ୟାପିକା, ଗଞ୍ଜାମ)

# ପୁନଶ୍ଚ ଯୌବନ ସମ୍ଭବ!

ପ୍ରଫେସର୍ ଫକୀରମୋହନ ସାହୁ

ଶାରୀରିକ ବାର୍ଦ୍ଧକ୍ୟର ଏକ ବିକଳ ଅବସ୍ଥା ହେଉଛି ମସ୍ତିଷ୍କର ବାର୍ଦ୍ଧକ୍ୟ। ମସ୍ତିଷ୍କର ବାର୍ଦ୍ଧକ୍ୟର ବିଭିନ୍ନ ପରିପ୍ରକାଶ ସଂପର୍କରେ ସମସ୍ତେ ଅଳ୍ପେବହୁତ ପରିଚିତ। ବିଶେଷତଃ ଆଧୁନିକ ଜୀବନର ସ୍ମୃତିଭ୍ରଂଶ ଓ ଆଲ୍‌ଜେମର୍ ରୋଗର ଭୟାବହତା ଏତେ ଦ୍ରୁତଗତିରେ ପ୍ରସାରିତ ହେଉଛି ଯେ ବର୍ଷୀୟାନ୍ ବ୍ୟକ୍ତିମାନଙ୍କର ଯତ୍ନ ନେଉଥିବା ପରିବାରରେ ଏହା ଏକ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଏହାର ପ୍ରତିରୋଧ ଓ ପ୍ରତିକାର ପାଇଁ ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ଏଠାରେ ଆଲୋଚ୍ୟ ନୁହେଁ। କିନ୍ତୁ ଏହାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି ମସ୍ତିଷ୍କବିଜ୍ଞାନର ଏକ ବିସ୍ମୟକର ଆବିଷ୍କାର: ମସ୍ତିଷ୍କର ଷ୍ଟେମ୍ ସେଲ୍। ଏପରି ଆବିଷ୍କାର ପ୍ରୌଢ଼ ଅବସ୍ଥାରେ କେବଳ ନବଯୌବନର ସମ୍ଭାବନା ଆଣି ନାହିଁ, ଦୀର୍ଘଜୀବନର ଅନୁଭବ ସହିତ ଜୀବନର ବିଶିଷ୍ଟ ଲକ୍ଷ୍ୟପୂରଣରେ ନୂତନ ଆଶାର ସଞ୍ଚାର କରିଛି।

ଏପରି ସମ୍ଭାବନାର ମୂଳପିଣ୍ଡ ହେଉଛି ମସ୍ତିଷ୍କର ଷ୍ଟେମ୍ ସେଲ୍ ବା ଆଦିକୋଷ। ଆମେ ସମସ୍ତେ ଜାଣୁ ଯେ ଆମର ଚର୍ମରେ କୌଣସି କ୍ଷତ ହେଲେ ଏହା ସ୍ୱତଃ ଧୀରେ ଧୀରେ ପୂରଣ ହୋଇଥାଏ। ଛୋଟ ଧରଣର ହାଡ଼ ଭାଙ୍ଗିଗଲେ ତାହା ମଧ୍ୟ ଠିକ୍‌ଠାକ୍ ହୋଇଯାଏ। ପାକସ୍ଥଳୀର କେତେକ କ୍ଷତ ମଧ୍ୟ ସ୍ୱତଃ ଆରୋଗ୍ୟଲାଭ କରେ। ଏସବୁ କ୍ଷତ ସ୍ଥାନରେ ଶରୀରରେ ଥିବା ଷ୍ଟେମ୍ ସେଲ୍ ଭରଣା କରିବାରେ ସହାୟକ ହୁଏ। ମାତ୍ର ଦେଖାଗଲା ଯେ ମସ୍ତିଷ୍କ ଏ ଦୃଷ୍ଟିରୁ ଏକ ବ୍ୟତିକ୍ରମ। ଅଜସ୍ର ବର୍ଷଧରି କ୍ରମାଗତ ବିବର୍ତ୍ତନ ମାଧ୍ୟମରେ ମସ୍ତିଷ୍କ ଏକ ବିକଶିତ ସ୍ତର ହାସଲ କରିଥିବାରୁ ଏହା ସମ୍ଭବପର ହୋଇନଥାଏ ବୋଲି ବିଶେଷଜ୍ଞମାନେ ବିଚାର କରୁଥିଲେ। କେବଳ ଝିଟିପିଟି ପରି ସରଳତମ ଜୀବମାନଙ୍କରେ ଏହା କିଛିପରିମାଣରେ ସମ୍ଭବ ହୋଇଥାଏ। କିନ୍ତୁ ମନୁଷ୍ୟ ମସ୍ତିଷ୍କରେ ଷ୍ଟେମ୍ ସେଲ୍ ବା ଆଦିକୋଷ ନ ଥିବାରୁ ସ୍ୱୟଂସୁସ୍ଥତା ସମ୍ଭବ ହୋଇନଥାଏ।

ଏପରି ବଦ୍ଧମୂଳ ଧାରଣା ବିଂଶଶତକର ଆରମ୍ଭ ପର୍ଯ୍ୟନ୍ତ ସକ୍ରିୟ ଥିଲା। ଏପରିକି ୧୯୧୩ ମସିହାରେ ମସ୍ତିଷ୍କର ସ୍ନାୟୁ ଗଠନ ସଂପର୍କରେ ଯୁଗାନ୍ତକାରୀ ତଥ୍ୟ ପ୍ରଦାନ କରି ନୋବେଲ୍ ପୁରସ୍କାର ପାଇଥିବା ସାଣ୍ଟିଆଗୋ କାଜଲ୍ ଦର୍ଶାଇଥିଲେ ଯେ ନୂତନ ସ୍ନାୟୁଗଠନ କରି କ୍ଷତକୁ ପୂରଣ କରିବାର ସାମର୍ଥ୍ୟ ମସ୍ତିଷ୍କ କୋଷରେ ଅନୁପସ୍ଥିତ। ପୁରସ୍କାର ପ୍ରାପ୍ତିର ପରବର୍ତ୍ତୀ ପର୍ଯ୍ୟାୟରେ କାଜଲ୍ ମସ୍ତିଷ୍କ ଓ ମେରୁମଜ୍ଜା(ସ୍ପାଇନାଲ୍ କର୍ଡ)ରେ ଷ୍ଟେମ୍ ସେଲ୍ର ଅନୁସନ୍ଧାନ କରି ବ୍ୟର୍ଥ ହୋଇଥିଲେ। ଭବିଷ୍ୟତର ରୂପରେଖ କ'ଣ ହେବ, ସେ ବିଷୟରେ ତାଙ୍କର ସଂଶୟ ଥିଲା। ମସ୍ତିଷ୍କର ଷ୍ଟେମ୍ ସେଲ୍ ପରିକଳ୍ପନା ବେଶ୍ କିଛିବର୍ଷ ଅବହେଳିତ ରହିଗଲା। ଅନେକ ବିଶେଷଜ୍ଞ ମସ୍ତିଷ୍କକୁ ଗୋଟିଏ ଜଟିଳ ମେସିନ୍ ବୋଲି ଭାବୁଥିବାରୁ ସେମାନଙ୍କର ଧାରଣା ଥିଲା ଯେ ମେସିନ୍‌ଟି ଖରାପ ହୋଇଗଲେ ନିଜେ ନିଜକୁ ଠିକ୍ କରିପାରିବ ନାହିଁ। ଏଥିପାଇଁ ବାହାରର ଯାନ୍ତ୍ରିକ ହସ୍ତକ୍ଷେପ ଆବଶ୍ୟକ ହେବ। ୧୯୬୫ ମସିହାରେ ଏକ ବିଚିତ୍ର ଘଟଣା ଘଟିଲା। ଆମେରିକାର ଅଗ୍ରଣୀ ଅନୁଷ୍ଠାନ ଏମ୍.ଆଇ.ଟି ର ଦୁଇଜଣ ବିଶେଷଜ୍ଞ ଅଲ୍ଟମ୍ୟାନ ଓ ଦାସ ପ୍ରଥମେ ଆବିଷ୍କାର କଲେ ଯେ ମୂଷାର ମସ୍ତିଷ୍କରେ ଷ୍ଟେମ୍ ସେଲ୍ ରହିଛି। କିନ୍ତୁ ଏହା ସେ ସମୟର ବାତାବରଣର ଅନୁକୂଳ ନ ଥିବାରୁ ଏହା ବିଶ୍ୱାସର ବଳୟରେ ପ୍ରବେଶ କଲା ନାହିଁ।

ବିଂଶଶତକର ଅଷ୍ଟମ ଦଶକରେ ଜଣେ ପକ୍ଷୀ ବିଶେଷଜ୍ଞ ଲକ୍ଷ୍ୟ କଲେ ଯେ ଋତୁର ପରିବର୍ତ୍ତନ ସହିତ ଗୀତ-ପକ୍ଷୀମାନେ ନୂଆ ନୂଆ ସ୍ୱରରେ ଶବ୍ଦ କରୁଛନ୍ତି। ଏହା ବିଶେଷଜ୍ଞଙ୍କୁ ଚମତ୍କୃତ କଲା। ସେ ଦେଖିଲେ ଯେ ପକ୍ଷୀମାନଙ୍କ ମସ୍ତିଷ୍କରେ ନୂଆ ନୂଆ ସ୍ନାୟୁଗଠିତ ହେବା ଫଳରେ ଏହା ସମ୍ଭବ ହେଉଛି। ପକ୍ଷୀ ମସ୍ତିଷ୍କରେ ଷ୍ଟେମ୍ ସେଲ୍ର ଉପସ୍ଥିତି ଏକ ପ୍ରାମାଣିକ ରୂପ ନେଲା। ଏହା ପରେ ପରେ ଆଦିକୋଷର ଅନ୍ୱେଷଣ ପାଇଁ ଗବେଷଣା ପ୍ରକ୍ରିୟା ତୀବ୍ରତର ହେଲା। ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ଏଲିଜାବେଥ୍ ଗୋଲ୍ଡ ପ୍ରଥମେ ଉଚ୍ଚତର ପ୍ରାଣୀମାନଙ୍କ ମସ୍ତିଷ୍କରେ ଷ୍ଟେମ୍ ସେଲ୍ର ସନ୍ଧାନ ଦେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଜଣ ବିଶେଷଜ୍ଞ (ଏରିକ୍‌ସନ୍ ଓ ଗେଜ୍) ଅନନ୍ୟ ଉପାୟ ଅବଲମ୍ବନ କରି ମରଣାପନ୍ନ ବ୍ୟକ୍ତିଙ୍କ ଅନୁମତି ନେଇ ସେମାନେ ମସ୍ତିଷ୍କର ସୂକ୍ଷ୍ମାତିସୂକ୍ଷ୍ମ କାର୍ଯ୍ୟକଳାପ ଲକ୍ଷ୍ୟ କଲେ। ସେମାନେ ଦର୍ଶାଇଲେ ଜୀବନର ଶେଷବିନ୍ଦୁ ପର୍ଯ୍ୟନ୍ତ ମସ୍ତିଷ୍କରେ ନୂତନ ସ୍ନାୟୁଗଠନ ଚାଲୁରହିଥାଏ। ତାହା ଏକ ବହୁସମ୍ଭାବନାପୂର୍ଣ୍ଣ ବିସ୍ମୟକର ଆବିଷ୍କାର ଥିଲା।

ବର୍ତ୍ତମାନ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି: ମସ୍ତିଷ୍କରେ ଷ୍ଟେମ୍ ସେଲ୍ ଗଠନର ସମ୍ଭାବନା ଥିବାରୁ ଏପରି କୋଷିକାର ଦ୍ରୁତ ବିକାଶକୁ ତ୍ୱରାନ୍ୱିତ କରାଯିବ କିପରି? ଗେଜ୍ ଓ ତାଙ୍କର ସହଯୋଗୀମାନେ ଏ ଦିଗରେ ବିଧିବଦ୍ଧ ଗବେଷଣା ଆରମ୍ଭ କଲେ। ସେମାନେ ପ୍ରଥମେ ମୂଷାମାନଙ୍କ ଉପରେ ପରୀକ୍ଷା ନିରୀକ୍ଷା କଲେ। ସେମାନେ ମୂଷାମାନଙ୍କୁ ଗତାନୁଗତିକ ଯନ୍ତାରେ ନ ରଖି ବିକଶିତ ପରିବେଶସମ୍ପନ୍ନ ଯନ୍ତାରେ ରଖିଲେ। ଏପରି ଯନ୍ତାରେ ଗଡ଼ାଇବା ପାଇଁ ବଲ୍ ଥିଲା, ବିଭିନ୍ନ ଧରଣର ଖେଳଣା ଥିଲା ଏବଂ ତଳୁ ଉପରକୁ ଓ ଉପରୁ ତଳକୁ ଦୌଡ଼ିଯିବା ପାଇଁ ଯାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ଥିଲା। କେବଳ ୪୫ ଦିନର ଏପରି ପରିବେଶ ଆୟୋଜନ ପରେ ଦେଖାଗଲା ଯେ ମୂଷାମାନଙ୍କର ମସ୍ତିଷ୍କର ଓଜନର ୧୫ % ବୃଦ୍ଧି ପାଇଛି। ପ୍ରାୟ ୪୦ ହଜାର ନୂଆ ସ୍ନାୟୁ ଗଠିତ ହୋଇଛି। ଅନ୍ୟପକ୍ଷରେ ଗତାନୁଗତିକ ପରିବେଶର ଯନ୍ତା ମଧ୍ୟରେ ରହୁଥିବା ମୂଷାମାନଙ୍କର ମସ୍ତିଷ୍କର ଓଜନ ଅପରିବର୍ତ୍ତିତ ରହିଥିଲା। ଗବେଷକମାନେ ପରୀକ୍ଷାନିରୀକ୍ଷା କରୁଥିବା ମୂଷାମାନେ ସାଧାରଣତଃ ଦୁଇବର୍ଷ ବଞ୍ଚିଥା'ନ୍ତି। ଜୀବନର ଦ୍ୱିତୀୟ ବର୍ଷରେ ପ୍ରାୟ ଦଶମାସ ଧରି ପୂର୍ବବର୍ଣ୍ଣିତ ସମୃଦ୍ଧ ପରିବେଶରେ ଜୀବନଧାରଣ କରିଥିବା ମୂଷାମାନଙ୍କ କ୍ଷେତ୍ରରେ ସେମାନଙ୍କ ହିପୋକ୍ୟାମ୍ପସ୍‌ରେ (ମୁଖ୍ୟ ସ୍ମୃତିଭଣ୍ଡାର) ସ୍ନାୟୁସଂଖ୍ୟା ପାଞ୍ଚଗୁଣ ବୃଦ୍ଧି ପାଇଥିବାର ଦେଖାଗଲା। କେବଳ ସେତିକି ନୁହେଁ, ଏହି ମୂଷାମାନଙ୍କର ଶିକ୍ଷଣ ପ୍ରକ୍ରିୟା, ଉନ୍ନତ ଅନ୍ୱେଷଣ, ଗତିଶୀଳତା ଏବଂ ବୁଦ୍ଧିମତ୍ତାର ଅନ୍ୟସବୁ ସୂଚକ ମଧ୍ୟ ବେଶୀ ବିକଶିତ।

ଗେଜ୍‌ଙ୍କ ତତ୍ତ୍ୱକୁ ଆଧାର କରି ମନୁଷ୍ୟ ମସ୍ତିଷ୍କର ବିକାଶ ଏବଂ ବିଶେଷକରି ବାର୍ଦ୍ଧକ୍ୟ ଅବସ୍ଥାରେ ନବଯୌବନର ସମ୍ଭାବନା ସଂପର୍କରେ କ'ଣ କୁହାଯିବ? ପ୍ରଥମତଃ, ନୂତନ ସ୍ନାୟୁଗଠନ ଓ ମସ୍ତିଷ୍କରେ ଷ୍ଟେମ୍ ସେଲ୍ର ଗଠନ ପାଇଁ ସମୃଦ୍ଧ ପରିବେଶ ଅତ୍ୟାବଶ୍ୟକ। ଗତାନୁଗତିକ ଶିକ୍ଷଣ ଓ ରୁଟିନ୍‌ବନ୍ଧା ବ୍ୟବହାର ପରିବର୍ତ୍ତେ ନୂଆ କିଛି ଶିଖିବାର ଅଭୀପ୍‌ସା ଓ ଅଭିନବ ପରିବେଶ ଷ୍ଟେମ୍ ସେଲ୍ ଗଠନକୁ ତ୍ୱରାନ୍ୱିତ କରେ। ଶାରୀରିକ ବ୍ୟାୟମ ଏବଂ ଦ୍ରୁତଗତିରେ ଚାଲିବା ମଧ୍ୟ ଏ ଦିଗରେ ସହାୟକ ହୁଏ।

ନୂତନ ସ୍ନାୟୁର ଗଠନ ଏବଂ ଅଧିକ ସଂଖ୍ୟକ ଷ୍ଟେମ୍ ସେଲ୍ ଗଠନରେ ଯେଉଁ ଉପାଦାନଟି ସବୁଠାରୁ ଅଧିକ ଭୂମିକା ନିର୍ବାହ କରେ, ତାହା ହେଉଛି କୌଣସି ଏକ ଆହ୍ୱାନଭରା କାର୍ଯ୍ୟରେ ମନୋନିବେଶ କରିବା। ନୃତ୍ୟ କରିବା ଏବଂ ନୃତ୍ୟର ପରିକଳ୍ପନା କରିବା ଗୋଟିଏ ସୁନ୍ଦର ଉଦାହରଣ। ନୃତ୍ୟର ପରିକଳ୍ପନା ସମୟରେ ଅଙ୍ଗଚାଳନାର ମାନସିକ ଯୋଜନା ଏକ ଆହ୍ୱାନମୂଳକ (କଷ୍ଟକର କିନ୍ତୁ ଅସାଧ୍ୟ ନୁହେଁ) କାର୍ଯ୍ୟ। ଏହିପରି ସମଧର୍ମୀ କାର୍ଯ୍ୟରେ ନିମଗ୍ନ ରହୁଥିବା ବ୍ୟକ୍ତିମାନେ ବୟସାଧିକ୍ୟରେ ମଧ୍ୟ ତାରୁଣ୍ୟର ଅନୁଭବ ପାଆନ୍ତି। ଇସ୍ରାଏଲ୍ର ପ୍ରଥମ ପ୍ରଧାନମନ୍ତ୍ରୀ ବେନ୍-ଗୁରିଅନ୍ ଜୀବନର ଶେଷ ପର୍ଯ୍ୟାୟରେ ମୂଳ କ୍ଲାସିକ୍ ପଢ଼ିବା ପାଇଁ ଗ୍ରୀକ୍ ଭାଷା ଶିଖିବାକୁ ଆରମ୍ଭ କଲେ। ବେଞ୍ଜାମିନ୍ ଫ୍ରାଙ୍କଲିନ୍ ୭୮ ବର୍ଷ ବୟସରେ ବାଇଫୋକାଲ୍ ଚଷମା ଉଦ୍‌ଭାବନ କଲେ। ନବେବର୍ଷ ବୟସରେ ହାର୍ଭାର୍ଡ ଭଳି ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟରୁ ବିଏ ପାଶ୍ କରିବାର ଉଦାହରଣ ରହିଛି। ବିଶିଷ୍ଟ କୋଷବିଜ୍ଞାନୀ ପାବ୍‌ଲୋ କାସ୍‌ଲସ୍‌ଙ୍କୁ ୯୧ ବର୍ଷ ବୟସରେ ଗବେଷଣାଗାରରେ ଦେଖିବା ପରେ ତାଙ୍କୁ ଜଣେ ଛାତ୍ର ପଚାରିଲେ- ଆପଣ ଏ ବୟସରେ କ'ଣ କରୁଛନ୍ତି? ପାବ୍‌ଲୋ ବିନମ୍ର ସ୍ୱରରେ କହିଲେ- 'ମୁଁ ଦେଖୁଛି ମୁଁ ଅଗ୍ରସର ହେଉଛି।'

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା

ବୌଦ୍ଧକାଳରେ ଓଡ଼ିଶା ବୌଦ୍ଧଧର୍ମର ଅନ୍ୟତମ ମୁଖ୍ୟ କେନ୍ଦ୍ର ହୋଇପାରିଥିଲା। ଉଭୟ ଉପକୂଳ ଓଡ଼ିଶା ଅଥବା ପ୍ରାଚୀନ ଓଡ୍ର ଦେଶ ଅଞ୍ଚଳ, ଯାହାକି ପୁରୀଠାରୁ ତାମ୍ରଲିପ୍ତ ବା ତାମଲୁକ ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା ଏବଂ ଦକ୍ଷିଣକୋଶଳ ଅଞ୍ଚଳ, ଯାହାକି ବଉଦ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ମହାନଦୀ ଅବବାହିକା - ଏସବୁ ପ୍ରସିଦ୍ଧ ବୌଦ୍ଧଧର୍ମ ତଥା ବୌଦ୍ଧ କୀର୍ତ୍ତିରାଜି ବ୍ୟାପି ରହିଥିବା ଅଞ୍ଚଳଭାବେ ପ୍ରସିଦ୍ଧି ଲାଭ କରିଥିଲା। ଦକ୍ଷିଣ କୋଶଳର ରାଜଧାନୀ ଶ୍ରୀପୁର (ଶିରପୁର) ଏକ ପ୍ରମୁଖ ବୌଦ୍ଧ କେନ୍ଦ୍ର ଭାବେ ଖ୍ୟାତି ଲାଭ କରିଥିଲା ଏବଂ ଏ ଅଞ୍ଚଳ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ନାଗାର୍ଜୁନଙ୍କ ରହଣିସ୍ଥଳ ଥିଲା। ମହାନଦୀର ଉଭୟ ତଟରେ ରହିଥିବା ଅଞ୍ଚଳଗୁଡ଼ିକରେ ବହୁ ବୌଦ୍ଧ କୀର୍ତ୍ତିରାଜି ରହିଥିଲା ଏବଂ ଏବେ ମଧ୍ୟ ଅନାବିଷ୍କୃତ ଭାବରେ ଅନେକ ମାଟିତଳେ ଓ ନଦୀ ଭିତରେ ରହିଛି। ବ୍ୟାପକଭାବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଯାଇ ବିଭିନ୍ନ ବୌଦ୍ଧ ସ୍ଥାନ, କୀର୍ତ୍ତିରାଜି, କଳା ଓ ସ୍ଥାପତ୍ୟର ଅନୁସନ୍ଧାନ ତଥା ଉଦ୍ଧାର କରାଯିବାର ଜରୁରୀ ଅବଶ୍ୟକତା ଏବେ ମଧ୍ୟ ରହିଛି।

ସେହିଭଳି ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ଇନ୍ଦ୍ରଭୂତିଙ୍କ ପୋଷ୍ୟ ପୁତ୍ର ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଆଦି ସମ୍ପର୍କରେ ଅଧିକ ସ୍ଥାନୀୟ ଗବେଷଣାର ମଧ୍ୟ ଆବଶ୍ୟକତା ରହିଛି। ଏହାଫଳରେ ଏସବୁ ପ୍ରସଙ୍ଗ ସମ୍ପର୍କରେ ନୂତନ ତଥ୍ୟ ଲୋକଲୋଚନକୁ ଆସିପାରିବ। ପଦ୍ମସମ୍ଭବଙ୍କ ନିଜର ଜନ୍ମସ୍ଥାନ ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ଲଖଣପୁର ଅଞ୍ଚଳର ପଦ୍ମପୁର ବୋଲି ଚିହ୍ନଟ କରାଯାଇଛି। ସେହିଭଳି ରାଜା ଇନ୍ଦ୍ରଭୂତିଙ୍କ ଜତୁମତୀ ରାଜପ୍ରାସାଦ, ଯାହାର ଅବସ୍ଥିତିକୁ ବୁର୍ଲା ହୀରାକୁଦ ଅଞ୍ଚଳରେ ଠାବ କରାଯାଇଛି। ଏହି ଉଭୟ ସ୍ଥାନ ବର୍ତ୍ତମାନ ମହାନଦୀରେ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଥିବାରୁ ଗବେଷଣା ପାଇଁ ଅତ୍ୟନ୍ତ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ଆଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଏସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏ ଦିଗରେ ଅଧିକ ବାସ୍ତବବାଦୀ ପଦକ୍ଷେପ ନେବା ସର୍ବାଦୌ ଜରୁରୀ।

ଏହା କିନ୍ତୁ ଦୃଢ଼ ଭାବେ ପ୍ରମାଣସିଦ୍ଧ ଯେ ଓଡ଼ିଶା ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର। ଅବିଭକ୍ତ ସମ୍ବଲପୁର ହେଉଛି ପ୍ରାଚୀନ ସମ୍ବଳ ରାଜ୍ୟ ଏବଂ ସେହିଭଳି ସୋନପୁର ବା ସୁବର୍ଣ୍ଣପୁର ହେଉଛି ପ୍ରାଚୀନ ଲଙ୍କାପୁରୀ। ଏହିତଥ୍ୟ ସର୍ବମାନ୍ୟ ହେବା ସହ ଏହି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ସହ ସଂପୃକ୍ତ ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ପଦ୍ମସମ୍ଭବ ଏସବୁ ପ୍ରସଙ୍ଗ ମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ। ଏସବୁ ପ୍ରସଙ୍ଗ ଓଡ଼ିଆ ଅସ୍ମିତା, ଏପରିକି ଜାତୀୟ ଅସ୍ମିତା ସହ ସମ୍ପର୍କିତ। ଉଡ୍ଡୀୟାନ ତଥା ପୃଥିବୀ ପ୍ରସିଦ୍ଧ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ପ୍ରସଙ୍ଗକୁ ବିବାଦୀୟ କରାଯାଇଥିବାରୁ ଆମେ ଭାରତବାସୀ ଓ ଓଡ଼ିଶାବାସୀ ଦୃଢ଼ ଭାବେ ଉପରୋକ୍ତ ତଥ୍ୟକୁ ସମସ୍ୱରରେ ସ୍ୱୀକାର କରି ଦୃଢ଼ ଭାବେ ଏହାର ସମର୍ଥନ କରିବା ଆବଶ୍ୟକ।

ଏହିସବୁ ପ୍ରସଙ୍ଗର ବ୍ୟାପକ ପ୍ରଚାର ପ୍ରସାର ମଧ୍ୟ ଆବଶ୍ୟକ ଅନ୍ତର୍ଜାତୀୟ ସ୍ତରରେ, ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ। ପ୍ରଚାର ପ୍ରସାର ବ୍ୟତୀତ ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ବିଶାଳ ସ୍ମୃତି ସ୍ଥଳ ବିଭିନ୍ନ ସ୍ଥାନରେ ମଧ୍ୟ ଆବଶ୍ୟକ। ଜନ୍ମସ୍ଥାନ ପଦ୍ମପୁର, ସମ୍ବଲପୁର, ମହାପରିନିର୍ବାଣ ସ୍ଥଳ ଉଦୟଗିରି ଓ ସର୍ବୋପରି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏଭଳି ସ୍ମୃତିସ୍ଥଳ ନିର୍ମାଣର ଆବଶ୍ୟକତା ରହିଛି। ସବୁସ୍ତରରେ ଲୋକମାନେ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଜାଣିପାରିବା ପାଇଁ ଗଣସାହିତ୍ୟ ଭଳି ଛାପା ପୁସ୍ତକମାନ ବହୁସଂଖ୍ୟାରେ ପ୍ରକାଶ ପାଇବା ଆବଶ୍ୟକ। ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପୁସ୍ତକାଳୟଗୁଡ଼ିକରେ ଗୁରୁ ପଦ୍ମସମ୍ଭବଙ୍କ ସଂପର୍କିତ ଇଂରାଜୀ ଓ ଓଡ଼ିଆ ପୁସ୍ତକମାନ ମଧ୍ୟ ଅଧିକ ସଂଖ୍ୟାରେ ରଖାଯିବାର ଆବଶ୍ୟକତା ରହିଛି। ବୌଦ୍ଧ ପର୍ଯ୍ୟଟକମାନେ ଯେପରି ଗୁରୁ ପଦ୍ମସମ୍ଭବଙ୍କ ଓଡ଼ିଶାରେ ରହିଥିବା ସଂପର୍କିତ ସ୍ଥଳ, ଯେପରିକି - ଜନ୍ମସ୍ଥାନ ଝାରସୁଗୁଡ଼ାର ପଦ୍ମପୁର, ପୋଷ୍ୟପୁତ୍ର ହେବା ପରେ ନୂତନ ସ୍ୱସ୍ଥାନ ସମ୍ବଲପୁର, ସିଦ୍ଧିସ୍ଥଳ ବିରଜାକ୍ଷେତ୍ର, ଅଧ୍ୟୟନସ୍ଥଳ ରତ୍ନଗିରି ଓ ମହାପରିନିର୍ବାଣ ସ୍ଥଳ ଉଦୟଗିରି ବିଷୟରେ ସବିଶେଷ ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ, ଯାହାଦ୍ୱାରା ପର୍ଯ୍ୟଟକମାନେ ସେହିସବୁ ସ୍ଥାନ ଭ୍ରମଣ କରିପାରିବେ। ସେମାନଙ୍କର ସୂଚନା ନିମନ୍ତେ ଆବଶ୍ୟକୀୟ ଛାପା ତଥ୍ୟ ଓ ସୂଚନା ପୁସ୍ତିକାମାନ ଉପଲବ୍ଧ ହେବା ସହ ଏହି ସ୍ଥାନ ଭ୍ରମଣ ନିମିତ୍ତ ସୁବନ୍ଦୋବସ୍ତର ମଧ୍ୟ ଆବଶ୍ୟକତା ରହିଛି। (ସମାପ୍ତ)

'ଓଁ ଆହ୍ ହୂମ୍ ବଜ୍ର ଗୁରୁ ପଦ୍ମ ସିଦ୍ଧି ହୂମ।' / 'ଓଁ ଆହ୍ ହୁଙ୍ଗ ବେଞ୍ଜା ଗୁରୁ ପେମା ସିଦ୍ଧି ହୂମ୍।'

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୮୩ କଇଁଛ ଉଦ୍ଧାର, ୨ ଗିରଫ

ଡାବୁଗାଁ, ୯।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନବିଭାଗ ୮୩ଟି କଇଁଛ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଡାବୁଗାଁ ବନାଞ୍ଚଳ ଅଧୀନ ମଇଦଲପୁର ସେକ୍ସନ ଅଧୀନ ଡାବୁଗାଁ ମଇଦଲପୁର ମୁଖ୍ୟ ରାସ୍ତାରେ ଏକ ନଦୀ ପାଖରେ ଡାବୁଗାଁ ଅଭିମୁଖେ ଆସୁଥିବା ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେମାନେ କଳାହାଣ୍ଡି ଜିଲ୍ଲାରୁ କଇଁଛ ଆଣି ଉମରକୋଟକୁ ବିକ୍ରି ପାଇଁ ନେଉଥିଲେ। ବନ ବିଭାଗ ଅଧିକାରୀମାନେ ଜବତ କଇଁଛ ସହ ୨ ଯୁବକଙ୍କୁ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କ ପାଖରୁ ୮୩ଟି କଇଁଛ ଜବତ ହୋଇଥିଲା। ଗିରଫ ଯୁବକଦ୍ୱୟ ହେଲେ, ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମର ପବିତ୍ର ସରକାର (୩୦) ଓ ରାମ ପ୍ରସାଦ ସରକାର(୩୪)। ଉଦ୍ଧାର କଇଁଛଗୁଡ଼ିକ ଇନ୍ଦ୍ରାବତୀ ଡ୍ୟାମରେ ଛଡ଼ାଯିବ ବୋଲି ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଚଢ଼ଉରେ ମଇଦଲପୁର ମଧୁସୂଦନ ପାତ୍ର, ବନରକ୍ଷୀ ଉମାଶଙ୍କର ମିଶ୍ର, ବସନ୍ତ କୁମାର ନାୟକ ଓ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୂଅରେ ପଡ଼ି ଭାଲୁ ମଲା

ନବରଙ୍ଗପୁର/ନନ୍ଦାହାଣ୍ଡି, ୯।୧ (ସମିସ): ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅନ୍ତର୍ଗତ ମେରନାଶ ଗ୍ରାମର ଏକ ପରିତ୍ୟକ୍ତ କୂଅରେ ପଡ଼ି ଭାଲୁର ମୃତ୍ୟୁ ହୋଇଛି। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ମୃତ ଭାଲୁର ଶବକୁ କୂଅ ମଧ୍ୟରୁ ଉଦ୍ଧାର କରିଛି। ଗତକାଲି ରାତିରେ ମେରନାଶ ଗ୍ରାମକୁ ଏକ ଭାଲୁ ଖାଦ୍ୟ ଅନ୍ୱେଷଣରେ ଆସିଥିଲା। ଗ୍ରାମ ଉପକଣ୍ଠ ଚାଷ ଜମିକୁ ଲାଗି ଏକ ପରିତ୍ୟକ୍ତ ଚାନ୍ଦିନୀ ବିହୀନ କୂଅରେ ଭାଲୁଟି ପଡ଼ିଯାଇଥିଲା। କୂଅରେ ପଡିବା ପରେ ପ୍ରବଳ ଥଣ୍ଡା ପାଣି ଯୋଗୁଁ ଭାଲୁର ମୃତ୍ୟୁ ହୋଇଛି। ଆଜି ସକାଳୁ ଗ୍ରାମର କିଛି ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁ, ବନ ବିଭାଗ କର୍ମଚାରୀ, ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ମୃତ ଭାଲୁର ଶବ କୂଅ ମଧ୍ୟରୁ ଉଦ୍ଧାର କରିଥିଲେ। ପାତ୍ରମୁଣ୍ଡା ଚରକ ବନ ପରିସରରେ ଶବ ରଖାଯାଇଛି। ଶନିବାର ଭାଲୁର ମୃତ ଶରୀରକୁ ବ୍ୟବଚ୍ଛେଦ କରାଯିବ ବୋଲି ବିଭାଗ ପକ୍ଷରୁ ନବରଙ୍ଗପୁର ରେଞ୍ଜର ଗୋପୀନାଥ ସହୁ ସୂଚନା ଦେଇଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିନା ଅକଲରେ...

ପୂର୍ବରୁ କେନ୍ଦ୍ର ସରକାର ଏମ୍‌ଭି ଆକ୍ଟରେ ସଂଶୋଧନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର (ପିୟୁସିସି) ନ ଥିଲେ ଗାଡ଼ି ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା କରିବାର ବ୍ୟବସ୍ଥା କରିଥିଲେ। ମାତ୍ର ପରିବହନ ବ୍ୟବସ୍ଥା ସମ୍ବିଧାନର ଯୁଗ୍ମ ତାଲିକା (ଉଭୟ ରାଜ୍ୟ ଓ କେନ୍ଦ୍ର ନିଷ୍ପତ୍ତି ପରିସରଭୁକ୍ତ) ହୋଇଥିବାରୁ ପ୍ରାୟ ସବୁ ରାଜ୍ୟରେ ଏହି ଜରିମାନା ରାଶିକୁ କମ୍ କରିବା ପାଇଁ ଅନେକ ରାଜ୍ୟ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ବ୍ୟତୀତ ଦେଶର ଅଧିକାଂଶ ବଡ଼ ରାଜ୍ୟରେ ବର୍ତ୍ତମାନ ପିୟୁସିସି ନ ଥିଲେ ପ୍ରଥମ ଜରିମାନା ରାଶି ୧ ହଜାର ଟଙ୍କା ରଖାଯାଇଛି। ଯଦି ଜଣେ ଚାଳକ ଗୋଟିଏ ଥର ଏହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କୁ ୧ ହଜାର ଓ ଦ୍ୱିତୀୟ ଥର ପାଇଁ କିଛି ରାଜ୍ୟରେ ପଶ୍ଚିମବଙ୍ଗ, କେରଳ ଆଦିରେ ୧୫୦୦ ଟଙ୍କା ଓ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ ଓ ତେଲେଙ୍ଗାନା ଆଦିରେ ୨ ହଜାର ଟଙ୍କା ରଖାଯାଇଛି। ଏହାବ୍ୟତୀତ ଅନ୍ୟ କିଛି ରାଜ୍ୟରେ ଉଭୟ ପ୍ରଥମ ଓ ଦ୍ୱିତୀୟ ଉଲ୍ଲଂଘନ ପାଇଁ ୧୦୦୦ ଟଙ୍କା ଜରିମାନା ରାଶି ଧାର୍ଯ୍ୟ ହୋଇଛି। ଏହା ସତ୍ତ୍ୱେ ସରକାର ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ନ ନେଇ ପ୍ରଦୂଷଣ ଦୃଷ୍ଟିରୁ ଦିଲ୍ଲୀ ଭଳି ସମ୍ବେଦନଶୀଳ ରାଜ୍ୟର ଜରିମାନା ପନ୍ଥାକୁ କାହିଁକି ଆଦର୍ଶ ମଣିଲେ ତାହା ବୁଝା ପଡୁନାହିଁ।

ଦିଲ୍ଲୀ ପ୍ରଦୂଷଣକୁ ନେଇ ଅନେକ ଗବେଷଣା ହୋଇଛି। ବ୍ୟସ୍ତ ଟ୍ରାଫିକ୍ ଓ ଅସଂଖ୍ୟ ଗାଡ଼ିର ଧୂଆଁ ଦିଲ୍ଲୀ ସମସ୍ୟାର ପ୍ରମୁଖ କାରଣ ବୋଲି ରିପୋର୍ଟ ଆସିଛି। ଯେଉଁଥିପାଇଁ ଦିଲ୍ଲୀରେ ଏନେକ ସମୟରେ ଯୁଗ୍ମ-ଅଯୁଗ୍ମ ବ୍ୟବସ୍ଥା ଲାଗୁ କରିବା ସହ ଡିଜେଲ ଚାଳିତ ଗାଡ଼ି ଚାଳନା ଉପରେ କଟଣା ଲଗାଯାଉଛି। ମାତ୍ର ଓଡ଼ିଶାରେ ଗାଡ଼ି ଚାଳନା ଯୋଗୁଁ କେତେ ପ୍ରତିଶତ ପ୍ରଦୂଷଣ ହେଉଛି, ସେନେଇ କୌଣସି ଗବେଷଣା କରାଯାଇଯାଇ ନାହିଁ। ଗାଡ଼ି ଚାଳନା ବ୍ୟତୀତ ଅନ୍ୟ କ୍ଷେତ୍ରଗୁଡ଼ିକରୁ ବହୁମାତ୍ରାରେ ପ୍ରଦୂଷଣ ହେଉଥିଲେ ମଧ୍ୟ ପରିବହନ ବିଭାଗ କେବଳ ସାଧାରଣ ଗାଡ଼ି ଚାଳକଙ୍କ ଉପରେ ଦାଉ ସାଧୁଛନ୍ତି। ଏବେ ଏହାକୁ ଚାରି ଆଡୁ ବିରୋଧ ସହ ସାଧାରଣ ଲୋକେ ସରକାରଙ୍କୁ ପ୍ରବଳ ସମାଲୋଚନା କରୁଛନ୍ତି। ଲୋକଙ୍କ ସମାଲୋଚନା ପରେ ସରକାର ବାରମ୍ବାର ଏହି କଟକଣା ଲାଗୁ ଅବଧିକୁ ଘୁଞ୍ଚାଇ ଚାଲିଛନ୍ତି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଜରିମାନା କଷିବା ସରକାର ଯେଉଁ ଉଦ୍ୟମ କରିଥିଲେ, ସେଥିରେ ମଧ୍ୟ ରୋକ୍ ଲଗାଇବାକୁ ବାଧ୍ୟ ହୋଇଛନ୍ତି। ଚାରି ଆଡୁ ଚାପ ପରେ ବିଭାଗୀୟ ମନ୍ତ୍ରୀ ଶ୍ରେୟ ନେବା ପାଇଁ ଜରିମାନା ରାଶି କମ୍ କରିବା ପାଇଁ ବିଚାର କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପୂର୍ବରୁ ଏକାଧିକ ରାଜ୍ୟ ଏକ୍ଷେତ୍ରରେ ପଦକ୍ଷେପ ନେଇ ନିଜ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିବା ବେଳେ ଓଡ଼ିଶା ସରକାର କାହିଁକି ଏମିତି ଜରିମାନା ଆଦାୟ ମନୋଭାବ ଆପଣାଇଥିଲେ ତାକୁ ନେଇ ଏବେ ବି ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜ୍ୟ ସରକାର ...

ଅଧିକାରୀଙ୍କ ଉପସ୍ଥିତି ବିନା କେବଳ 'ଇ-ଚିହ୍ନଟ' ମାଧ୍ୟମରେ ଜାରି କରାଯାଇଥିଲା। ମୋଟର ଯାନ ଆଇନର ଧାରା ୧୧୬ ଅନୁଯାୟୀ ପ୍ରଦୂଷଣ ଯାଞ୍ଚ ପାଇଁ ପୂର୍ବରୁ କୌଣସି ନୋଟିସ ଦିଆଯାଇନଥିଲା ଯାହା ବେଆଇନ। ସେହିଭଳି ଚାଲାଣ କଟାଯିବାର ୭ ଦିନ ଭିତରେ ତଥା ଡିସେମ୍ବର ୨୮ରେ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରାଯିବାରୁ ଏହା ସମସ୍ତ ନିୟମ ମଧ୍ୟରେ ଥିବା ଜଣାପଡ଼ିଥିଲା। ତେଣୁ ଗାଡ଼ିଟି ପ୍ରଦୂଷଣ ନିୟମ ଭାଙ୍ଗିନଥିବା ସତ୍ତ୍ୱେ କେବଳ ପ୍ରମାଣପତ୍ର ନଥିବାରୁ ଏତେ ପରିମାଣର ଜରିମାନା ଆଦାୟ କରିବା ଅଯୌକ୍ତିକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଇ-ଚିହ୍ନଟ ଜରିଆରେ ଏଭଳି ଜରିମାନା ଆଦାୟ ପାଇଁ କୌଣସି ନିୟମ ନଥିବା ବେଳେ ଏହା ବେଆଇନ ଅଟେ। ସେହିଭଳି ଠୋସ କାରଣ ନଥାଇ ସିଧାସଳଖ ୧୦,୦୦୦ ଟଙ୍କାର ଜରିମାନା ଲଗାଯିବା ସରକାରୀ କ୍ଷମତାର ଅପବ୍ୟବହାର ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏଣୁ ଏହି ଚାଲାଣକୁ ରଦ୍ଦ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ପରିବହନ ସଚିବ, ପରିବହନ କମିଶନର ଏବଂ ଅତିରିକ୍ତ ପରିବହନ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରଜିତ ରୟ ଓ ସହସ୍ରାଂଶୁ ସୌରଭ ଏହି ମାମଲାକୁ ପରିଚାଳନା କରୁଛନ୍ତି। ଆସନ୍ତା ଜାନୁଆରି ୩୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

### ଅପରିପକ୍ୱ ନୀତି...

ପ୍ରମାଣ ପତ୍ର ପାଇଁ ଲୋକେ ଭୋଗୁଥିବା ସମସ୍ୟା ସମ୍ପର୍କରେ ନିଜ 'ଏକ୍ସ' ଏକାଉଣ୍ଟରେ ଉଲ୍ଲେଖ କରି ନବୀନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ୨୦୨୬ ଜାନୁଆରୀ ୧ ତାରିଖରୁ ସରକାର ଏହି ନିୟମ ଲାଗୁ କରିବା ପାଇଁ ଘୋଷଣା କରିବା ପରେ ରାଜ୍ୟର ବିଭିନ୍ନ ପିୟୁସିସି ପରୀକ୍ଷଣ କେନ୍ଦ୍ରରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଛି। ଏହି ନିୟମ ଲାଗୁ କରିବା ପୂର୍ବରୁ ବିଜେପି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରସ୍ତୁତି କରା ଯାଇ ନ ଥିଲା। ପିୟୁସିସି ପରୀକ୍ଷଣ କେନ୍ଦ୍ରର ସଂଖ୍ୟା ବୃଦ୍ଧି, ଆଗୁଆ ପରିକଳ୍ପନା କିମ୍ବା ଆବଶ୍ୟକ ସଚେତନତା ଅଭିଯାନ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ସତ୍ତ୍ୱେ ସରକାର ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାକୁ ନେଇ ଲୋକଙ୍କ ଅସନ୍ତୋଷ ବଢ଼ିବା ପରେ ସରକାର ବାରମ୍ବାର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହେଉଛନ୍ତି। ପ୍ରଥମେ ଫେବୃଆରୀ ୧ ଓ ପରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂଆ ନିୟମ କାର୍ଯ୍ୟକାରୀ କରାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ଏବେ ପୁଣି ଏପ୍ରିଲ୍ ୧ ପର୍ଯ୍ୟନ୍ତ ଜରିମାନା ଆଦାୟ ନ କରିବାକୁ ଘୋଷଣା କରାଯାଇଛି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ୍ ବ୍ୟବସ୍ଥାକୁ ମଧ୍ୟ ବନ୍ଦ ରଖିବା ପାଇଁ ସରକାର ଘୋଷଣା କରିଛନ୍ତି।

ନବୀନ କହିଛନ୍ତି, ପରିବେଶ ସୁରକ୍ଷାର ଆବଶ୍ୟକତା ରହିଛି; ମାତ୍ର ଓଡ଼ିଶାର ଲୋକେ ଏହାଠାରୁ ଭଲ ଶାସନ ପାଇବାର ଅଧିକାରୀ ବୋଲି ନବୀନ କହିଛନ୍ତି। ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ଆବଶ୍ୟକ ହେଲେ ମଧ୍ୟ ଏହା ସାଧାରଣ ନାଗରିକଙ୍କୁ ହଇରାଣ କରିବାର ମାଧ୍ୟମ ହେବା ଉଚିତ୍ ନୁହେଁ। ବିଜୁ ଜନତା ଦଳ ସବୁ ସମୟରେ ଲୋକଙ୍କ ସହ ରହିଛି। ତେଣୁ ଏହି ଅବ୍ୟବସ୍ଥା ବିରୋଧରେ ଦଳ ନିଜର ସ୍ୱର ଶାଣିତ କରିଛି। ସରକାର ପିୟୁସିସି ପରୀକ୍ଷଣ ବ୍ୟବସ୍ଥାକୁ ସରଳ କରିବା, କେନ୍ଦ୍ର ସଂଖ୍ୟା ବଢ଼ାଇବା ଓ ଏହି ସମୟରେ ଅନ୍ୟାୟ ଭାବେ କୌଣସି ଜରିମାନା ଲାଗୁ ନ କରନ୍ତୁ। ଏହି ଭୁଲ୍‌ରୁ କିଛି ଶିଖିବା ଏବଂ ହଠାତ୍ ନିଷ୍ପତ୍ତି ନେବା ପରିବର୍ତ୍ତେ ଓଡ଼ିଶାର ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ରାଜ୍ୟ ସରକାରଙ୍କୁ ନବୀନ ଅନୁରୋଧ କରିଛନ୍ତି।

### ମମତାଙ୍କ ମହାରାଲି...

ନାହିଁ। ବିଜେପି ଜବରଦସ୍ତି ବହୁ ରାଜ୍ୟରେ କ୍ଷମତା ଦଖଲ କରିଛି। ଏବେ ପଶ୍ଚିମବଙ୍ଗରେ ପ୍ରୟାଶ କରୁଛି ବୋଲି ସେ କହିଥିଲେ। କୋଇଲା ଦୁର୍ନୀତିରେ ଦିଲ୍ଲୀର ବରିଷ୍ଠ ବିଜେପି ନେତାଙ୍କ ନିକଟକୁ ଟଙ୍କା ପହଞ୍ଚୁଛି ଓ ଏହାର ପ୍ରମାଣ ମୋ ପାଖରେ ରହିଛି। ଆବଶ୍ୟକ ପଡିଲେ ଏହାକୁ ସାର୍ବଜନୀନ କରିବି ବୋଲି ସେ କହିଛନ୍ତି। ସେପଟେ କୋଲକାତା ହାଇକୋର୍ଟରେ ପ୍ରବଳ ଭିଡ଼ କାରଣରୁ ଇଡିର ଆବେଦନ ଶୁଣାଣିକୁ ସ୍ଥଗିତ ରଖାଯାଇଛି।

ସେହିପରି ସକାଳେ ଦିଲ୍ଲୀର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାହାରେ ୮ ଜଣ ଟିଏମ୍‌ସି ସାଂସଦ ପ୍ରଦର୍ଶନ କରିଥିଲେ। ଡେରେକ ଓ'ବ୍ରାଏନ, ମହୁଆ ମୋଇତ୍ର ଓ କୀର୍ତ୍ତି ଆଜାଦ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ସାଂସଦମାନେ ସ୍ଲୋଗାନ ଦେଇଥିଲେ ଯେ, 'ମୋଦୀ-ଶାହାଙ୍କ ମନ୍ଦ ଉଦ୍ଦେଶ୍ୟ ଓ ଚାଲ ପଶ୍ଚିମବଙ୍ଗରେ କାମ ଦେବନି'। ଦିଲ୍ଲୀ ପୁଲିସ ସାଂସଦମାନଙ୍କୁ ହଟାଇବାକୁ ପ୍ରୟାସ କରିଥିଲା। ଧସ୍ତାଧସ୍ତି ମଧ୍ୟ କିଛି ସାଂସଦ ତଳେ ପଡିଯାଇଥିଲେ। ପୁଲିସ ସାଂସଦମାନଙ୍କୁ ସକାଳ ୧୦ଟାରେ ଅଟକ ରଖି ମଧ୍ୟାହ୍ନ ୧୨ଟାରେ ଛାଡିଦେଇଥିଲା। ନିର୍ବାଚିତ ସାଂସଦଙ୍କ ଉପରେ କିପରି ବ୍ୟବହାର କରାଯାଉଛି ତାହା ଦେଖନ୍ତୁ ବୋଲି ମୋହୁଆ କହିଥିଲେ। ଏହି କାର୍ଯ୍ୟାନୁଷ୍ଠାନ ପରେ ମମତା ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, 'ଆମ ସାଂସଦମାନଙ୍କ ପ୍ରତି ହୋଇଥିବା ଲଜ୍ଜାଜନକ ବ୍ୟବହାରକୁ ମୁଁ ଦୃଢ଼ ନିନ୍ଦା କରୁଛି'। ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବାହାରେ ପ୍ରତିବାଦ କରିବାର ଗଣତାନ୍ତ୍ରିକ ଅଧିକାରର ବ୍ୟବହାର କରିବା ପାଇଁ ନିର୍ବାଚିତ ପ୍ରତିନିଧିଙ୍କୁ ରାସ୍ତାକୁ ଟାଣିଆଣିବା ଆଇନ୍‌ର ଉଲ୍ଲଂଘନ ବୋଲି ବୋଲି ସେ କହିଛନ୍ତି।

### ରେକର୍ଡ ଭାଙ୍ଗୁଛି...

ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

୨୦୧୪ ମସିହାରୁ ଶିମିଳିପାଳରେ ତାପମାତ୍ରା ରେକର୍ଡ ହେଉଥିବା ବେଳେ ୧୩ବର୍ଷ ମଧ୍ୟରେ ତାପମାତ୍ରା ବିଯୁକ୍ତକୁ କେବେ ଖସି ନଥିଲା। ଏଥିଯୋଗୁଁ ଉପରବାରହାକାମୁଡା ସଂଲଗ୍ନ ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁହିନର ଆସ୍ତରଣ ଦେଖାଦେଇଛି। ଅପରପକ୍ଷେ, ଏପରି ହାଡ଼ଭଙ୍ଗା ଶୀତର ପ୍ରକୋପ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲ୍ଲାବ୍ୟାପୀ ଦେଖିବାକୁ ମିଳିଛି। ଶୀତର ପ୍ରକୋପରେ ଜିଲ୍ଲାବାସୀ ଅସମ୍ଭାଳ ହୋଇପଡ଼ିଛନ୍ତି। ବିଶେଷକରି, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଅସହ୍ୟ ଜାଡ଼ରେ କଲବଲ ହେଉଥିବା ଦେଖିବାକୁ ମିଳୁଛି।

ସେହିପରି ଅଭୟାରଣ୍ୟର ଚହଲା ଓ ଗୁଡୁଗୁଡିଆରେ ୨ଡିଗ୍ରୀ, ବରେହିପାଣିରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ଡିଗ୍ରୀ ଏବଂ କିଆଝରୀରେ ୧୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୫ରୁ ୧୦ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣି ଖନନ ଯୋଗୁଁ ଏହାର ପ୍ରଭାବ ଜିଲ୍ଲାବାସୀଙ୍କ ଉପରେ ପଡୁଛି। ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପୂର୍ବବତ୍ ଜି ଉଦୟଗିରିରେ ପାରଦ ୨ ଡିଗ୍ରୀ ତଳେ ରହିଛି। ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୨.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ତାପମାତ୍ରା ୩.୬ ଡିଗ୍ରୀ ରହିଛି। ଏହି ତାପମାତ୍ରା ସହ ରାଜ୍ୟର ମୋଟ୍ ୨୫ ଟି ସହରରେ ପାରଦ ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ କରାଯାଇଛି। ଏଥିରେ ସେମିଳିଗୁଡ଼ା ୪.୧, ଝାରସୁଗୁଡ଼ା ୪.୬ ଓ ଫୁଲବାଣୀରେ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗଡ଼ାରେ ଏବେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୭.୨ ଡିଗ୍ରୀ ତଳେ ରହିଛି। ଏନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ସ୍ଥିତି ଗମ୍ଭୀର ହଇଛି। ଆଜି ୯.୪ ଡିଗ୍ରୀ ସହ ଭୁବନେଶ୍ୱରରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି। ଏହା ସହ କଟକରେ ତାପମାତ୍ରା ୮.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ରାଜଧାନୀ ଭୁବନେଶ୍ୱରରେ ଦୁଇଦିନ ଧରି ଚତୁର୍ଥ ସର୍ବନିମ୍ନ ତାପମାତ୍ରା ରେକର୍ଡ ହେବା ସାଙ୍ଗକୁ କଟକରେ ଜାନୁଆରୀ ମାସର ତଥା ସର୍ବକାଳୀନ ପଞ୍ଚମ ସର୍ବନିମ୍ନ ରାତ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫-୬ ଡିଗ୍ରୀ କମ୍ ରହିଥିବା ବେଳେ କଟକରେ ଏହା ୪-୯ ଡିଗ୍ରୀ କମ୍ ରେକର୍ଡ କରାଯାଇଛି।

ରବିବାର ସକାଳ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଶୀତର ପ୍ରଭାବ ଜାରି ରହିବ। ଏହା ପରେ ତାପମାତ୍ରା କିଛି ମାତ୍ରାରେ ବୃଦ୍ଧି ଘଟିବା ହେତୁ ଶୀତ ସାମାନ୍ୟ ହ୍ରାସ ହେବ। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ପ୍ରବଳ ଶୀତ ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ସତର୍କତା ଜାରି କରିଛି।

### ଓସ୍କାର ଦୌଡ଼ରେ...

'କାନ୍ତାରା ଚାପ୍ଟର-୧' ଓ ଅନୁପମ ଖେରଙ୍କ 'ତନଭୀ ଦି ଗ୍ରେଟ୍' ସହିତ ୪ଟି ଭାରତୀୟ ସିନେମା ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଏହି ବର୍ଗରେ ମୋଟ୍ ଉପରେ ୨୦୧ଟି ସିନେମା ମଧ୍ୟରେ ପ୍ରତିଯୋଗିତା ହେବ। ଏକାଡେମୀ ଅଫ ମୋସନ ପିକ୍‌ଚର୍ସ ଆର୍ଟସ ଆଣ୍ଡ ସାଇନ୍ସେସ ଏହି ଘୋଷଣା କରିଛି। ଗୁରୁବାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ତାଲିକା ପ୍ରକାଶ କରିଛି। ଜାନୁଆରୀ ୨୨ରେ ନୋମିନେସନ ଘୋଷଣା କରାଯିବ। କାନ୍ତାର ଓ ତନଭୀ ସହ ବହୁଭାଷୀ ଆନିମେଟେଡ ଚଳଚ୍ଚିତ୍ର 'ମହାବତାର ନରସିଂହ' ଓ ତାମିଲ ଚଳଚ୍ଚିତ୍ର 'ଟୁରିଷ୍ଟ ଫ୍ୟାମିଲି' ମଧ୍ୟ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ରାଧିକା ଆପଟେଙ୍କ ଅଭିନୀତ ହିନ୍ଦୀ ସିନେମା 'ସିଷ୍ଟର ମିଡ୍‌ନାଇଟ୍' ମଧ୍ୟ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଏଥର ମୋଟ ୩୧୭ଟି ଫିଚର ସିନେମା ଓସ୍କାର ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଓସ୍କାର ଏକାଡେମୀ ତରଫରୁ କୁହାଯାଇଛି। ଏଥି ମଧ୍ୟରୁ ୨୦୧ଟି ସିନେମା ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ବିଚାର ପାଇଁ ଆବଶ୍ୟକ ଅତିରିକ୍ତ ମାନଦଣ୍ଡ ପୁରଣ କରେ। ନୀରଜ ଘାୟୱାନଙ୍କ ଚଳଚ୍ଚିତ୍ର 'ହୋମବାଉଣ୍ଡ' ମଧ୍ୟ ଆଶା ସୃଷ୍ଟି କରିଛି।

### ସ୍ୱର୍ଗଦ୍ୱାର ଆଗରେ...

ତାଙ୍କ ଘର ପାଖରେ ଜଣେ ସମ୍ପର୍କୀୟ ଜେଜେ ମା'ଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଶବ ଦାହ ପାଇଁ ସ୍ୱର୍ଗଦ୍ୱାର ଆସିଥିଲା। ମାନସଙ୍କ ସମେତ ତାଙ୍କ ଘର ପାଖ ଭାଇ ଓ ସାଙ୍ଗ ଆନନ୍ଦ ମହାନ୍ତି, ଅଭିରାମ ବାରିକ, ସନ୍ତୋଷ ନାୟକ, ଦୟାନିଧି ନାୟକ, ରଞ୍ଜନ ଦାସ, ଡ୍ରାଇଭର ପ୍ରକାଶ ଜେନା ପ୍ରମୁଖ ଆସିଥିଲେ। ବିଳମ୍ବିତ ରାତିରେ ସେମାନେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ତେବେ ଶବଦାହ କର୍ମରେ ପଇଡ଼ର ଆବଶ୍ୟକତା ପଡ଼ିଥିଲା। ତେଣୁ ମାନସ, ରଞ୍ଜନ, ଡ୍ରାଇଭର ପ୍ରକାଶ ଚୈତନ୍ୟ ଛକକୁ ପଇଡ଼ ପାଇଁ ଆସିଥିଲେ। ସେତେବେଳକୁ ରାତି ପ୍ରାୟ ୧ଟା ୪୫ ହୋଇଯାଇଥିଲା। ଲୋକଙ୍କର ଏତେଟା ଯା'ଆସ ନ ଥିଲା। କୌଣସି ଏକ ପ୍ରସଙ୍ଗକୁ ନେଇ ସେମାନେ ବଡ଼ପାଟିରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଭିଯୁକ୍ତଜଣଙ୍କ ସେଠାରେ ପହଞ୍ଚିଥିଲା। କାହିଁକି ଏତେବଡ଼ ପାଟିରେ କଥା ହେଉଛ ବୋଲି ପଚାରିବାରୁ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ, ଗାଳିଗୁଲଜ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତଜଣଙ୍କ ଅଣ୍ଟାରେ ରଖିଥିବା ଏକ ଛୁରି ବାହାର କରି ରଞ୍ଜନ ଓ ମାନସଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଛୁରିଟି ରଞ୍ଜନଙ୍କ ବେକରେ ଭୁସି ଦେଇଥିଲା ଅଭିଯୁକ୍ତ। ଘଟଣାସ୍ଥଳରେ ହିଁ ରଞ୍ଜନ ଟଳି ପଡ଼ିଥିଲେ। ମାନସ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

ଆଜି ଏହି ଘଟଣା ଜଣାପଡ଼ିବା ପରେ ସମୁଦ୍ରକୂଳ ପୁଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଘଟଣାକୁ ୧୨ଘଣ୍ଟା ପୂରି ନ ଥିବା ବେଳେ ପୁଲିସ ଅଭିଯୁକ୍ତକୁ କାବୁ କରିଥିଲା। ତା' ନିକଟରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଥିବା ବେଳେ ପୁଲିସ ତାକୁ ପଚରାଉଚରା କରିଛି। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତକୁ ସଙ୍ଗେସଙ୍ଗେ ଗିରଫ କରାଯାଇଛି। ଏନେଇ ସମୁଦ୍ରକୂଳ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ। ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି, ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଶବଦାହ ପାଇଁ ଆସିଥିବା ୩ଜଣ ପଇଡ଼ ପାଇଁ ଚୈତନ୍ୟ ଛକ ନିକଟକୁ ଆସିଥିବା ବେଳେ ବଡ଼ ପାଟିରେ କଥା ହେଉଥିଲେ। ଅଭିଯୁକ୍ତ ତାଙ୍କୁ ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ଶେଷରେ ଅଭିଯୁକ୍ତ ଏକ ଛୁରୀ ବାହାର କରି ଆକ୍ରମଣ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆସି ଜଣେ ଯୁବକ ହତ୍ୟାର ଶିକାର ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବୁଦ୍ଧିଜୀବୀ। ପୁରୀର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇବା ସହ ସ୍ୱର୍ଗଦ୍ୱାର ଏବଂ ଏହାର ଆଖାପାଖ ପାଇଁ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନ କରିବାକୁ ଦାବି କରିଛନ୍ତି।

### ୫୦୨ ମେଡିକାଲ୍...

ଶୀଘ୍ର ଡିଏମଇଟିକୁ ପଠାଇବା ପାଇଁ ଚିଠିରେ କୁହାଯାଇଛି। ଏହାକୁ "ଅତି ଜରୁରୀ' ଭାବେ ବିବେଚନା କରି ଏନଏମସି ଆବେଦନ ପୋର୍ଟାଲ ମାଧ୍ୟମରେ ପ୍ରସ୍ତାବ ପଠାଇବାକୁ କୁହାଯାଇଛି। ଚିଠି ସହିତ ସଂଲଗ୍ନ ତାଲିକାରେ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବିଭାଗଭିତ୍ତିକ ନୂଆ ପିଜି ସିଟ୍ ବୃଦ୍ଧିର ବିବରଣୀ ଦିଆଯାଇଛି। ଏହି ତାଲିକା ଅନୁଯାୟୀ ଆନାସ୍ଥେସିଓଲୋଜି, ଆନାଟୋମି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ, କାର୍ଡିଓଲୋଜି, ଇଏନଟି, ଏମରଜେନ୍ସି ମେଡିସିନ, ଜେନେରାଲ ମେଡିସିନ, ଜେନେରାଲ ସର୍ଜରି, ମାଇକ୍ରୋବାୟୋଲୋଜି, ଓବଷ୍ଟେଟ୍ରିକ୍ସ ଆଣ୍ଡ ଗାଇନେକୋଲୋଜି, ଅର୍ଥୋପେଡିକ୍ସ, ପିଡିଆଟ୍ରିକ୍ସ, ଫାର୍ମାକୋଲୋଜି, ପାଥୋଲୋଜି, ଫିଜିଓଲୋଜି, ରେଡିଓ ଡାଇଗନୋସିସ, ରେଡିଓ ଥେରାପି ଓ ରେସ୍ପିରେଟରି ମେଡିସିନ ଭଳି ବିଭାଗଗୁଡ଼ିକରେ ସିଟ୍ ବୃଦ୍ଧି ପ୍ରସ୍ତାବିତ ରହିଛି। ଏହି ତାଲିକାରେ ଏମକେସିଜି ମେଡିକାଲ କଲେଜ ବ୍ରହ୍ମପୁର, ଏସସିବି ମେଡିକାଲ କଲେଜ କଟକ, ଭିଏମଏସଏସ ବୁର୍ଲା, ପିଆରଏମ ମେଡିକାଲ କଲେଜ ବାରିପଦା ସମେତ ୧୨ଟି ମେଡିକାଲ କଲେଜର ବିବରଣୀ ରହିଛି।


GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER
NABARANGPUR IRRIGATION DIVISION
NABARANGPUR, DIST–NABARANGPUR (ODISHA)
Email ID: senidivision@gmail.com

A-1257

Lr no. 37 Dated: 08.01.2026

E-PROCUREMENT NOTICE
BID IDENTIFICATION NO – SE-NID-05 /2025-26 (01)

1. Nature of the work – Alteration & renovation of Division Office Building.
2. Total Nos. of works – 01 (one) No.
3. Tender cost of the works – ₹5.92 Lakhs (excluding GST)
4. Class of Contractor – 'D' & 'C' Class
5. Period of completion – 02 (Two) Month

Other details as follows:

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-05 /2025-26(01) | 13.01.2026 (10.00AM) | 28.01.2026 (up to 05.00 PM) | 16.01.2026 up to 5.00 PM | 29.01.2026 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government website: www.tendersodisha.gov.in, Addendum / Corrigendum / Cancellation if any required will be published in Govt. website only.

OIPR- Superintending Engineer
Nabarangpur Irrigation Division, Nabarangpur

NOTIFIED AREA COUNCIL: KONARK
Phone No.- 06794-222054
Email id: nackonark@gmail.com
C-2034

QUOTATION CALL NOTICE NO.112/Dt.08.01.2026

1. Type of works : Temporary Barricading for kine House and different places for Magha saptami & Chandrabhaga Buda-2026
2. Total No. works : 1 No
3. Firms/Tent house : As per DQCN
4. Period of completion : within five days from issue of work order
5. Availability of Bid offline : Office working hours from 09.1.2026 to 13.1.2026 till 12.30 PM
6. Last date /time for Document Dropping : Upto Dt 13.01.2026 upto 1.00PM
7. Date & Time of opening of quotation : Dt 13.01.2026 at 3.00 PM

Authority reserves the right to reject any of all the tenders without assigning any reasons thereof.

OIPR- Executive Officer, Konark NAC,Konark

O-1952

Tel. 06766-258094(O)
Mail: eerw1_kjr@yahoo.com

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
********
"e" Procurement Notice for Road Works
Identification No Online NCB – 16/2025-26.

1. Name of the Work : 18 No. Roads Work
2. Total Number of Work : 18 No.
3. Estimated Cost : Rs. 5.98 Lakhs to 47.10 Lakhs
4. Class of Contractor : "D, C"&"B" Class
5. Period of Completion : As per annexure of e-Procurement Notice No.16 of 2025-26.
6. Other Details

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 16 | Dt.12.01.2026 at 11.00 A.M. | Dt.20.01.2026 up to 5.00 P.M. | Dt.19.01.2026 up to 5.00 P.M. | Dt.21.01.2026 at 11.00 A.M. |

Further details can be seen from the Website www.tenderorissa.gov.in

OIPR- Sd/- Superintending Engineer
R.W. Division-I, Keonjhar

AFFIDAVIT
By virtue of an affidavit no. 57 before the Executive Magistrate, Phulbani, Kandhamal, dtd.09.01.2026, I, Bami Kanhar, At- Binjeripada, PO- Phiringia, PS- Phiringia, Dist- Kandhamal declare that I have changed my minor daughter's name from Kumari Tulasi Kanhar to Tulasi Kanhar. Henceforth, she shall be known as Tulasi Kanhar for all purposes.
Sd/- Bami Kanhar

AFFIDAVIT
By Virtue of an affidavit Before the Executive Magistrate, Cuttack, Odisha. I SASMITA ROUT, W/o: Anirudha Behera, At: Sendhagara, P.O: Raipur, P.S. Bansada, Dist.: Bhadrak, Orissa declare by this Affidavit No.: 155, Dtd: 07.01.2026, That I have changed my name from Sasmita Rout to **SASMITA BEHERA.** Sasmita Rout & Sasmita Behera is one and the same person. Henceforth I shall be known as **SASMITA BEHERA** for all purposes.

AFFIDAVIT
By virtue of an Affidavit no-11, dated **08/01/2026**. Before the Notary Public, Bhubaneswar. I **Chinmay Sahoo,** S/o- Brajkishor Sahoo at flat B405 Om Sai Arcade Of Kalarahanga, Dist- Bhubaneswar, 751024 declare that I will be known and sign as **CHINMAY SAHOO** instead of **CHINMAY BRIJKISHOR SAHOO** for all purpose in future.

AFFIDAVIT
I, Niranjan Pany, aged about 69 years, S/o- Budheswar Pani, resident of At- Plot No. 79/273, Millenium City, Lane No-1, Ps- Pahal, Bhubaneswar, Dist- Khurda, Odisha, Pin- 752101, do hereby declare by this affidavit No. 66, dtd- 09/01/2026, that now onwards I shall be known as **NIRANJAN PANI** for all future purposes.

NOTICE
By virtue of an affidavit sworn before the Notary Public, Sunabeda dated 06/01/2026, I Sri Pradhan Krisani, S/o Damu Krisani, Vill: Bilaput, P.O.: Hikimput, P.S.: Nandapur, District: Koraput, declare that I have changed my name from Madan Krisani to Pradhan Krisani. Henceforth, I shall be known as Pradhan Krisani for all purposes.
Pradhan Krisani

AFFIDAVIT
I, **Nabin Patnaik** son of Late Jogendra Narayan Patnaik, resident of Flat no. 304, Gopal Enclave, Bira Maharana Lane, Nila Kantha Nagar, Nayapalli, Bhubaneswar, Khurda, Odisha-751012 declare by this affidavit No.: 50958, Dated: 23.10.2025 that now onwards I shall be known as **NABIN KUMAR PATNAIK** for all future purposes.

AFFIDAVIT
By virtue of an affidavit before the Notary Public, Titilagarh, on dated: 09/01/2026. I, **Laxman Mahananda** (applicant name), S/o- Giridhari Mahananda, permanent & current resident of AT- Ghusuramunda, PO- Gudighat, PS- Muribahal, Dist- Balangir, (Odisha), PIN- 767037 declare that I have changed my minor daughter's name from **Anuska Mahananda** (old name) to **Muskan Mahananda** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Muskan Mahananda** (new name) for all future purposes.
**Laxman Mahananda**

AFFIDAVIT
By virtue of an affidavit before the Executive Magistrate, Bhubaneswar, dtd.09.01.2026, I, Elina Das, resident of At- Saheb Nagar (Mirzapur), PO- Nandipur, PS- Dasarathpur, Dist- Jajpur, hereby declare that my correct name is "Elina Das" and correct Date of Birth is "03.06.1996". Due to clerical error, my name and D.O.B. have been wrongly recorded as "Elina Mallik" & "18.02.1996" in my Aadhaar Card. That both names refer to one and the same person, i.e., myself.

AFFIDAVIT
I, Paridhi Sandeepbhai Tekriwala, W/o- Saurav Agarwal, resident of At - Plot No- 1045, Bulding No - 9, Mahanadivihar, Nuabazar,Cuttack Sadar, Nayabazar, Cuttack, Pin - 753004, Odisha, declare by this Affidavit No -174, dated- 08/01/2026,that now onwards I shall be known as **PARIDHI AGARWAL** for all future purposes.

AFFIDAVIT
By virtue of an affidavit sworn before the Executive Magistrate, Nabarangpur, vide no 25, dated 06.01.2026, I, SUSHREE BHAGYASHREE SOURA, D/o - Jagabandhu Soura, permanent resident of Chandahandi, PO.- Chandahandi, PS.- Chandahandi, Dist- Nabarangpur, Odisha, Pin - 764077, declare that I have changed my name from BHAGYASRI SOURA to SUSHREE BHAGYASHREE SOURA. Henceforth, I shall be known as SUSHREE BHAGYASHREE SOURA for all purposes.
**Sd/- Sushree Bhagyashree Soura**

AFFIDAVIT
I, SWAYAM SAMARTH son of Sri Prasanna Kumar Sahoo resident of Ward No.14, Plot No.- 148 C/o.- Malbika, Niladri Vihar, Sector - 5, Near HP Gas Office, P.O. Chandrasekharpur, P.S.- Chandrasekharpur, Bhubaneswar, Dist.- Khordha, Odisha -751021 declare by this affidavit No.- 09 dated 08.01.2026 that now onwards I shall be known as **SWAYAM SAMARTH SAHOO** for all future purposes.

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-2972

ପତ୍ର ସଂଖ୍ୟା ୧୯୪୭୬/ଭୁ.ଉ.କ., ଭୁବନେଶ୍ୱର, ତା. ୦୮.୧୦.୨୦୨୫
KNL-168/93

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି - କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-760 କୁ ଅରୁଣୋଦୟ ପ୍ରଧାନ, ପିତା–ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନ, ଗ୍ରାମ-ହଳଦିଆ, ପୋଷ୍ଟ -ଶାସନପଡା, ଥାନା-ପାଟକୁରା, ଜିଲ୍ଲା –କେନ୍ଦ୍ରାପଡା, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ଅରୁଣୋଦୟ ପ୍ରଧାନ ଗତ ତା-୦୪.୦୮.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No.994/2021 dated 04.08.2021).

Legal heir certificate Misc. Case No. E-LHC/2024/108809 dt.23.07.2024 ଅନୁଯାୟୀ ଅରୁଣୋଦୟ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ମିନାକ୍ଷୀ ପ୍ରଧାନ (ସ୍ତ୍ରୀ), (୨) ଅମିତ କୁମାର ପ୍ରଧାନ (ପୁତ୍ର) ଓ ଅଜିତ କୁମାର ପ୍ରଧାନ (ପୁତ୍ର) ଅଟନ୍ତି ।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର୍ ମାଲିକାନାସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

OIPR- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

WALK-IN-INTERVIEW
SWWS Targeted Intervention need 1 Out Reach Worker candidate in Parlakemundi, Gajapati
1) Candidate should be +2 Pass
2) Community will be preferable
3) 1 Year Experience in NGO
4) Candidate should be belonging to Gajapati district

Interested candidates send CV toswwstigajapati@gmail.com
The candidate should come to walk in interview on dated 11-01-2026 at 10.00 am
TI Office SWWS @ Natraj Hall, Parlakhemundi.
Contact: 7978764827, 7989071072

### ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ

# ଦେଶର କଳା ଓ ସଂସ୍କୃତି ପ୍ରଦର୍ଶିତ

ପାରାଦୀପ, ୯।୧(ସମିସ)




ପାରାଦୀପର ଜୟଦେବ ସଦନ ଠାରେ ଆୟୋଜିତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ୨ୟ ସନ୍ଧ୍ୟାରେ ଦିନଦୟାଲ, ଜବାହରଲାଲ ନେହେରୁ, ଚେନ୍ନାଇ ବନ୍ଦରର କଳାକାରମାନେ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଯେଉଁଥିରେ କଳାକାରମାନେ ନିଜ ନିଜ ରାଜ୍ୟର ସଂସ୍କୃତିର ଝଲକ ଦେଖାଇଥିଲେ। ପ୍ରସ୍ତୁତ କାର୍ଯ୍ୟକ୍ରମ ଗୁଡ଼ିକୁ ଦେଖିଲା ପରେ ବାରି ହେଉଥିଲା କି ଆମ ଦେଶର କଳା ଓ ସଂସ୍କୃତି କେତେ ଉଚ୍ଚକୋଟୀର। ଭାଷା ଓ ସଂସ୍କୃତିର ବିଭିନ୍ନତା ଥାଇ ମଧ୍ୟ ଆମେ ସମସ୍ତେ ଏକ ଓ ଆମେ ସମସ୍ତେ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ଜଣେ ଜଣେ ସାରଥୀ। ବିଶେଷ କରି ବୁଡି ଯାଉଥିବା ଲୋକ କଳା ଓ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମ ଗୁଡ଼ିକ ବେଶୀ ଆଦୃତ ହୋଇଥିଲା।

କଳାକାର ମାନେ ସେମାନଙ୍କର ଅଭିନୟକୁ ନିଖାରିବାରେ ବ୍ୟସ୍ତ ଥିଲେ ଓ ଏହି ପ୍ରତିଯୋଗିତାରେ କେହି କାହାକୁ ଛାଡ଼ି ଦେବା ପାଇଁ ସତେ ଯେପରି ପ୍ରସ୍ତୁତ ନାହାନ୍ତି ଯାହା କାର୍ଯ୍ୟକ୍ରମରେ ବାରି ହୋଇ ପଡୁଥିଲା। କଳାକାର ମାନଙ୍କର ନିଖୁଣ ଅଭିନୟ କେବଳ ଦର୍ଶକ ମାନଙ୍କର କରତାଳିକୁ ଆକର୍ଷିତ କରିନଥିଲା, ତା' ସଙ୍ଗେ ସଙ୍ଗେ ଶୀତୁଆ ରାତିରେ ଦର୍ଶକ ମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା।

# ବିଦ୍ୟୁତ ଉପଭୋକ୍ତା ସଙ୍ଘର ଦାବିପତ୍ର



ପାରାଦୀପ, ୯।୧(ସମିସ): ପାରାଦୀପ ବିଦ୍ୟୁତ ଉପଭୋକ୍ତା ସଙ୍ଘ ଟାଟା ପାୱାର, ସ୍ମାର୍ଟ ମିଟର ବସାଇବା ଏବଂ ଅହେତୁକ ବିଦ୍ୟୁତ ବିଲ୍‌ର ପ୍ରତିବାଦ୍ କରି ଆଜି କପିଳମୁନି ଆଶ୍ରମଠାରୁ ଏକ ରାଲି ବାହାରି ପାରାଦୀପ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ପାରାଦୀପ ବିଦ୍ୟୁତ ଉପଭୋକ୍ତା ସଙ୍ଘର ସଭାପତି ଧ୍ରୁବଚରଣ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଟାଟା ପାୱାରକୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଦେଇଥିବା ରାଜ୍ୟ ସରକାରଙ୍କ ଜନ ବିରୋଧି ଶୋଷଣ ନିତିକୁ ସମାଲୋଚନା କରିଥିଲେ। ଟାଟା ପାୱାର କେଉଁ ଭଳି ଭାବରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ଯୁଦ୍ଧକାଳୀନ ଭତ୍ତିରେ ଏହାର ପ୍ରତିକାର କରନ୍ତୁ ବୋଲି ଦାବି ହୋଇଥିଲା। ଏଥିରେ ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ସଙ୍ଘର ଆବାହକ ବାବୁରାମ ଚୌଧୁରୀ, ମହିଳା କଲ୍ୟାଣ ଟ୍ରଷ୍ଟର ସଭାନେତ୍ରୀ ଉର୍ମିଳା ମହାନ୍ତି, ସମାଜସେବୀ ପ୍ରେମଲତା ବାରିକ, ମୋନାଲିସା ସାହିତ୍ୟ ସଂସଦର ସମ୍ପାଦିକା ସଙ୍ଘମିତ୍ରା ସ୍ୱାଇଁ, ସୁରେଖା ପ୍ରିୟଦର୍ଶିନୀ ପଣ୍ଡା, ସୁବାସ ଚନ୍ଦ୍ର ରାଉତ, ଦିଗାମ୍ବର ସାହୁ ଓ ଧନେଶ୍ୱର ସାହୁ ପ୍ରମୁଖ ଯୋଗ ଦାନକରିଥିଲେ।

## ୧୪ରେ ମର୍ଣ୍ଣିଂ କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ

ପାରାଦୀପ, ୯।୧(ସମିସ): ଆସନ୍ତା ୧୪ ତାରିଖ ବୁଧବାର ମକର ସଂକ୍ରାନ୍ତି ଦିନ ପାରାଦୀପ ଜୟଦେବ ସଦନ ସମ୍ମୁଖ ପଡିଆରେ ପାରାଦୀପର ଅଗ୍ରଣୀ କ୍ରୀଡା ସଙ୍ଗଠନ ମର୍ଣ୍ଣିଙ୍ଗ କ୍ରିକେଟ୍ ଟିମ୍ ପକ୍ଷରୁ ୧୫ତମ ବାର୍ଷିକ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭୁବନେଶ୍ୱର, ପୁରୀର ନାମୀ କ୍ରିକେଟ୍ ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକ କମିଟିର ସଭାପତି କ୍ଷିତୀଶ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚମ୍ପିୟାନ ଟିମକୁ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଟିମକୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଅଂଶଗ୍ରହଣକାରୀ ଦଳମାନଙ୍କୁ ମ୍ୟାଚ୍ ନିମନ୍ତେ କୌଣସି ପ୍ରବେଶ ଦେୟ ଦେବାକୁ ପଡିବ ନାହିଁ ବୋଲି ଅନ୍ୟତମ ଆୟୋଜକ ଭରଦ୍ୱାଜ ସାହୁ କହିଛନ୍ତି। ଗୁରୁବାର କ୍ଲବ୍ ପକ୍ଷରୁ ଇରା ମହାନ୍ତି ମ୍ୟୁଜିକାଲ୍ ନାଇଟର ଆୟୋଜନ କରାଯାଇଛି। ପାରଦୀପ ଅନ୍ତେବାସୀ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଆୟୋଜକମାନେ ନିବେଦନ କରିଛନ୍ତି।

## ସିଂହାର ସାହିରେ ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର



ଜଗତସିଂହପୁର, ୯।୧(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ପଏଦା ଗ୍ରାମପଞ୍ଚାୟତର ସିଂହାରସାହି ଗ୍ରାମରେ ଏକ ଗୋବନ୍ଧ୍ୟା ନିରାକରଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ଟି ଗାଈ/ଛଡ଼ାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୨୮ଟି ଗାଈ/ଛଡ଼ାର ବନ୍ଧ୍ୟା ନିରାକରଣ ଚିକିତ୍ସା ଓ ୧୮ ଟି ଗାଈର ଗର୍ଭ ପରୀକ୍ଷା କରାଯାଇଥିଲା। ସେହିପରି ଏହି ଶିବିରରେ ଔଷଧ, ଧାତବ ଲବଣ ଏବଂ ହରମୋନ ଚିକିତ୍ସା ଆଦି ସୁବିଧା ପ୍ରଦାନ କରାଗଲା। ଏହି ଚିକିତ୍ସା ଶିବିରଟି ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର, ଏରସମା ଅନୁକୂଲ୍ୟରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶଶାଙ୍କ ଶେଖର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିର ପରିଚାଳନାରେ ଡ. ସୁଜିତ୍ କୁମାର ବିଶ୍ୱାଳ, ଡ. ଉମାକାନ୍ତ ନାୟକ, ଡ.ରୁଦ୍ର ପ୍ରସାଦ ମିଶ୍ର, ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ ପ୍ରିୟମ୍ବଦା ଜେନା ଓ ଓମଫେଡ ସେକ୍ରେଟରୀ ଦ୍ୱାରିକାନାଥ ବେହେରା ସହାୟତା କରିଥିଲେ। ଏହି ଚିକିତ୍ସା ଶିବିର ଆୟୋଜନ ନିମନ୍ତେ ପୂର୍ବରୁ ଉକ୍ତ ଗ୍ରାମରେ ବ୍ୟାନର ଲଗାଇ ଗୋପାଳକ ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ଗୋପାଳକ ମାନଙ୍କୁ ଉତ୍ତମ ଗୋ-ସ୍ୱାସ୍ଥ୍ୟର ଉପାଦେୟତା ଏବଂ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା।

## 'ସକାଳ' ପ୍ରତିନିଧିଙ୍କ ପିତୃବିୟୋଗ

ବାଲିକୁଦା, ୯।୧(ସମିସ): ବାଲିକୁଦା ବ୍ଲକରେ ଦୈନିକ ଖବର କାଗଜ "ସକାଳ'ର ପ୍ରତିନିଧି ଅଜୟ ରାଉତଙ୍କ ପିତା ବଟକୃଷ୍ଣ ରାଉତ (୮୫)ଙ୍କ ଗୁରୁବାର ଅପରାହ୍ନରେ



ବାଲିକୁଦା ବାଲିସାହି ଦାମୋଦରପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ସଂକୀର୍ତ୍ତନ ପ୍ରେମୀ ଭାବରେ ସାରା ଜିଲ୍ଲାରେ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ବିଭୁତି ରାଉତ ମୁଖାଗ୍ନି ପ୍ରଦାନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ କନିଷ୍ଠ ପୁତ୍ର ବିଜୟ ରାଉତ, ଝିଅ ମିନତୀଙ୍କ ସମେତ ସମସ୍ତ ପୁତ୍ରବଧୂ, ପୁତୁରା, ନାତି, ନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ବିଜେପି ନେତା ଶିବବ୍ରତ ଦାସ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମାଜସେବୀ ଶ୍ରୀକାନ୍ତ ଦାସ, ଆଦିତ୍ୟ ନନ୍ଦନ ଦାସଙ୍କ ସମେତ ବାଲିକୁଦା ବ୍ଲକର ସାମ୍ବାଦିକ ତୀର୍ଥବାସୀ ଦାସ, ପ୍ରଦୀପ୍ତ ମୁଦୁଲି, ତାପସ ସ୍ୱାଇଁ, ସଞ୍ଜୟ ମହାନ୍ତି, ବିପିନ ସେଠୀ, ପରେଶ ଦାସ, ବିଧାନ ରାଉଳ, ପ୍ରଣବ ପ୍ରଧାନଙ୍କ ସମେତ ବହୁ ନେତା, ସାମ୍ବାଦିକ ବୁଦ୍ଧିଜୀବୀ ଶୋକ ବ୍ୟକ୍ତ କରିଥିଲେ।

## ଅଧ୍ୟାପକଙ୍କୁ 'ବାଣୀକ୍ଷେତ୍ର ଗୌରବ' ସମ୍ମାନ



ବାଲିକୁଦା, ୯।୧(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ଗ୍ରାମର ଅଧ୍ୟାପକ ପ୍ରଶାନ୍ତ ଶତପଥିଙ୍କୁ ବିଶ୍ୱ ସନାତନ ଯୁବ ସେବାସଙ୍ଘ ନାଉଗାଁ ଓ ଶ୍ରୀ ଗୁରୁଃକୃପା ଚାରିଟେବୁଲ ସୋସାଇଟିର ୩୧ତମ ବାର୍ଷିକ ଉତ୍ସବରେ "ବାଣୀକ୍ଷେତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ଶ୍ରୀଯୁକ୍ତ ଶତପଥୀ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ନିଃସ୍ୱାର୍ଥପର ଭାବେ ଶ୍ରୀମଦ୍ ଭଗବଦ ଗୀତା ଓ ଭାଗବତ ବାଣୀ ପ୍ରଚାର କରିଆସୁଥିବା ସହିତ ଅନେକ ଭାଗବତ ଅନୁଷ୍ଠାନ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିପାରିଛନ୍ତି। ଏହି ଉତ୍ସବରେ ଜଗନ୍ନାଥ ସଂସ୍କୃତି ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି, ବାବା ସିଦ୍ଧେଶ୍ୱର ଦାସ ମହାରାଜ, ପୂଜ୍ୟ ଦାମୋଦର ଦାସ, ସ୍ୱାମୀ ବିଶ୍ୱାତ୍ମାନନ୍ଦ ଗିରି ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ଶତପଥୀଙ୍କୁ 'ବାଣିକ୍ଷେତ୍ର ଗୌରବ ସମ୍ମାନ' ରେ ସମ୍ମାନିତ କରିଥିଲେ।

## ଗାଦି ଛାଡୁନାହାନ୍ତି ଫାର୍ମାସୀ ଅଧିକାରୀ

ନାଉଗାଁ, ୯।୧(ସମିସ): ବଦଳି ପରେ ବତୟି ନିଜ ଗାଦି ଛାଡୁନାହାନ୍ତି ଫାର୍ମାସୀ ଅଧିକାରୀ। ଫଳରେ ନୂତନ ଅଧିକାରୀ ଦାୟିତ୍ୱ ନେଇ ପାରୁନଥିବାରୁ ରୋଗୀମାନେ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାରେ ପୂର୍ବରୁ ଥିବା ଫାର୍ମାସୀ ଅଧିକାରୀ ମିହିର କୁମାର ଲେଙ୍କା କିଛି ଦିନ ତଳେ ପଦୋନ୍ନତି ପାଇଁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଡେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ବରିଷ୍ଠ ଫାର୍ମାସୀ ଅଧିକାରୀ ଅରବିନ୍ଦ ସାହୁଙ୍କୁ ସେ କୌଣସି ଚାର୍ଜ ହସ୍ତାନ୍ତର କରିନାହାନ୍ତି। ଏପରିକି ରହିବା ପାଇଁ ନିଜ କ୍ୱାଟରକୁ ଖାଲି କରୁନାହାନ୍ତି। ଫଳରେ ଏଠାରେ ନିଯୁକ୍ତି ପାଇଥିବା ନୂତନ ଅଧିକାରୀଙ୍କୁ ରୋଗୀ ସେବା କରିବାରେ ବାଧା ସୃଷ୍ଟି ହେଉଛି। ଯାହା ଫଳରେ ଉକ୍ତ ଡାକ୍ତରଖାନାକୁ ଦୈନନ୍ଦିନ ଆସୁଥିବା ରୋଗୀ ସଠିକ୍ ଭାବେ ମାଗଣା ଔଷଧ ପାଇବାରୁ ବଞ୍ଚିତ ହେବା ସଂଗେ ସଗେ ରୋଗୀ ସେବାରେ ବ୍ୟାଘାତ ଘଟୁଛି।

## କୋଷ୍ଟାଲ କଟେଜ ଆଣ୍ଡ ରେଷ୍ଟୁରାଣ୍ଟ ଉଦଘାଟିତ



ପାରାଦୀପ, ୯।୧(ସମିସ): ଆଜି ପାରାଦୀପ ସମୁଦ୍ରକୂଳ ରିଫାଇନାରୀ ସାଉଥ୍ ଗେଟ୍ ନିକଟରେ କୋଷ୍ଟାଲ୍ କଟେଜ ଆଣ୍ଡ ରେଷ୍ଟୁରାଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସଂଗ୍ରାମ ପରିଜା, ଲିପୁ ପଣ୍ଡା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ହୋଟେଲ ମାଲିକ ଦିପ୍ତରଞ୍ଜନ ରାଉତ ରାୟ ନିଜ ମା' ସସ୍ମିତା ରାଉତ ରାୟ ଏହି ରେଷ୍ଟୁରାଣ୍ଟର ଶୁଭ ଉଦଘାଟନ କରିଥିଲେ। ଏହି ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଉ ଥିବା ବେଳେ ସାଧାରଲୋକଙ୍କ ପାଇଁ ଉଦ୍ଦିଷ୍ଟ ବା ସୁହାଇଲା ଭଳି ସୁଲଭ ମୂଲ୍ୟରେ ଗ୍ରାହକ ମାନଙ୍କୁ ଆପାୟିତ କଲା ପରି ବ୍ୟବସ୍ଥା ମଧ୍ୟ କରାଯାଉ ଥିବା ହୋଟେଲର ମାଲିକ୍ ଦିପ୍ତିରଞ୍ଜନ ରାଉତ କହିଛନ୍ତି। ତେବେ ଏହି ରେଷ୍ଟୁରାଣ୍ଟ ସମୁଦ୍ର କୂଳ ନିକଟରେ ଥିବା ମେରାଇନ ରାସ୍ତାର ପାଶ୍ୱର୍ରେ ହୋଇଥିବାରୁ ଶିଳ୍ପ କଳ କାରଖାନାର କର୍ମଚାରୀ ଓ ପର୍ଯ୍ୟଟକଙ୍କୁ ଖାଦ୍ୟ ପେୟରେ ବହୁ ସୁବିଧା ଯୋଗାଇଦେବ।

## ଧର୍ମ ପରାୟଣାଙ୍କ ପରଲୋକ



ନାଉଗାଁ, ୯।୧(ସମିସ): ନାଉଗାଁ ବ୍ଲକ ଗଙ୍ଗଦା ଗ୍ରାମର ୮୩ ବର୍ଷୀୟା ଧର୍ମପରାୟଣା ମହିଳା ତଥା ଗଙ୍ଗଦା ଶ୍ରୀମଉଳା ଭଣଜା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ମା' ରଜନୀ ଲେଙ୍କାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମୁଦୁଲି, ଚିରଞ୍ଜୀବି ବିଶ୍ୱାଳଙ୍କ ସହିତ ବିଧାୟକ ଅମରେନ୍ଦ୍ର ଦାସ, ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦ୍ୟସ ଉପେନ୍ଦ୍ର ନାଥ ବିଶ୍ୱାଳ, ସମାଜସେବୀ ଅକ୍ଷୟ ବିଶ୍ୱାଳ, ଗଙ୍ଗଦା ବଜାର ଶାରଳା ମେଳା ଅନୁଷ୍ଠାନ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଗ୍ରାମ ଶ୍ମଶାନରେ ସାନ ପୁଅ ଅଧିକାରୀ ଲେଙ୍କା, ପରିବାର ସଦ୍ୟସ ଓ ପ୍ରିୟଜନଙ୍କ ଉପସ୍ଥିତ ବଡ଼ ପୁଅ ଭିକାରୀ ଲେଙ୍କାଙ୍କ ଦ୍ୱାରା ମୁଖାଗ୍ନି ଦିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଛି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



ଜଗତସିଂହପୁର, ୯।୧(ସମିସ): ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୭ ଓ ୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୭ ତାରିଖ ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଭୋଇ ଓ ଜଗତିଂହପୁର ପୌର ପରିଷଦ ୱାର୍ଡ ୯ର ପାରିଷଦ ଜଗଦାନନ୍ଦ ପଢ଼ିହାରୀ ଅତିଥି ରୂପେ ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ମୁଖ୍ୟଅତିଥି ରୂପେ ଯୋଗଦାନ କରି ଛାତ୍ରୀମାନଙ୍କୁ ଶିକ୍ଷା ଓ କ୍ରୀଡ଼ା ସହିତ ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାନେତ୍ରୀ ସୁଷମା ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି ସଭାରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ନିରୁପମା ବାରିକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ଶତପଥୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସୁପ୍ରିୟା ପ୍ରିୟଦର୍ଶିନୀ, ସୁଶ୍ରୀସଙ୍ଗୀତା ମହାପାତ୍ର, ମିଲିବାଳା ଦାସ, ଅନୀତା ଆଚାର୍ଯ୍ୟ, ସିପ୍ରା ଦାଶ, କନକମଞ୍ଜରୀ ଲେଙ୍କା, ଆଶାଲତା ଦାଶ, ବବିତା ପରିଡ଼ା, ରଶ୍ମିତା ଦାସ, ସ୍ୱାଗତିକା ସ୍ୱାଇଁ, କ୍ରିଷ୍ଣାପ୍ରୀୟା ବେହେରା, ଚଂପା ଦେବୀ, ପ୍ରମୋଦା ହରିଚନ୍ଦନ, ଶୁଭଶ୍ରୀ ରାଉତ, ବାବା ଆଶ୍ରିତ ସାମନ୍ତରାୟ, ସମୀର ରଞ୍ଜନ ମହାପାତ୍ର, ସୁଜିତ୍ ସାହୁ, ଅସୀମା ତ୍ରିପାଠୀ, ସାଗରିକା ସାହୁ, ଗୁରୁପ୍ରସାଦ ପତି, ଦିଲ୍ଲୀପ କୁମାର ବାଗ, ଅର୍ପିତା ଦାଶ, ଜୟଶ୍ରୀ ପ୍ରଧାନ, ଶୁଭନାରାୟଣ ତାରେଣିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡାଇନାମିକ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା

କୁଜଙ୍ଗ, ୯।୧(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ରାହାମାଠାରେ ଥିବା ଡାଇନାମିକ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଧ୍ରୁବ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ନବୋଦୟର କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟକାନ୍ତ ଘଡାଇ, ସମ୍ମାନିତ ଅତିଥି ପୂର୍ବତନ କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ଦାସ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ମହାନ୍ତି, ସତ୍ୟରଞ୍ଜନ ପାଲ, ପ୍ରିୟଦର୍ଶିନୀ ମହାପାତ୍ର, ଶିଲ୍ପା ଦାସ, ଅଧିକାରୀ ପ୍ରିୟଦର୍ଶିନୀ ଦାସ, ଶୁଭଦର୍ଶୀନି ପ୍ରଧାନ, ଦିବ୍ୟଜ୍ୟୋତି ପଲାଇ, ସୋନାଲି ନାୟକ, ସ୍ୱପ୍ନାରାଣୀ ସ୍ୱାଇଁ, ଶର୍ମିଷ୍ଠା ସ୍ୱାଇଁ, ଆକାଂକ୍ଷା ମହାନ୍ତି, ଶୁଭଲକ୍ଷ୍ମୀ ମୁଦୁଲି ଓ ସାୟରୀ ସ୍ରୋତସ୍ୱିନୀ କ୍ରୀଡ଼ା ପରିଚାଳନା କରିଥିଲେ। ଏହି ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସିଆରସିସି ଗୋବିନ୍ଦ ଚନ୍ଦ୍ର ମିଶ୍ର ଯୋଗଦେଇ କ୍ରୀଡା ବ୍ୟକ୍ତିର ମାନସିକ, ଶାରୀରିକ ତଥା ଭାବପ୍ରବଣ ଗୁଣର ବିକାଶରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଅଂଶୁମାନ ନାୟକ ଓ ପ୍ରୟାନ ରାଉତ ପ୍ରମୁଖ ଦୁଇଜଣ ଛାତ୍ରଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ସଂପାଦକ ଡ. ସରୋଜ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। କମିଟି ସଭ୍ୟ ବିପିନ୍ କୁମାର ଲେଙ୍କା କ୍ରୀଡ଼ା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଧାରଣା ଜାଗ୍ରତ କରିଥିଲେ। ସର୍ବଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଭଦ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ସୂର୍ଯ୍ୟକାନ୍ତ ଘଡାଇ ପତାକା ଅବତରଣ କରି ସମ୍ପାଦକଙ୍କୁ ହସ୍ତାନ୍ତର କରିଥିଲେ।



### ରାଜ୍ୟ ନିର୍ବାଚନ କମିଶନରଙ୍କ ଜଗତସିଂହପୁର ଗସ୍ତ

# ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନର ସମୀକ୍ଷା

ଜଗତସିଂହପୁର, ୯।୧(ସମିସ)



ଆଜି ପୂର୍ବାହ୍ନରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ପଞ୍ଚାୟତ ତଥା ପୌରପାଳିକା ନିର୍ବାଚନ ସମ୍ପର୍କରେ ବିଶେଷ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ଦୁଇଟି ଯାକ ନିର୍ବାଚନକୁ ସ୍ୱଚ୍ଛ ଓ ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଆୟୋଜିତ ଏହି ବୈଠକରେ ଶ୍ରୀ ପାଢ଼ୀ ଏକ ସମୀକ୍ଷାରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଉପସ୍ଥିତିରେ ବିଭିନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଥିବା ବୁଥ ଗୁଡ଼ିକୁ ନିଜେ ଯାଇ ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ବିଡିଓମାନଙ୍କୁ ସେ ପରାମର୍ଶ ଦେଇଥିଲେ। କୌଣସି ଚାପର ବଶବର୍ତ୍ତୀ ନ ହୋଇ ସ୍ୱଚ୍ଛତାର ସହିତ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ। ସେହିପରି ଜିଲ୍ଲାପାଳ ଜେ. ସୋନାଲ ମଧ୍ୟ ନିଜର ଅଭିଜ୍ଞତା ସହ ନିର୍ବାଚନୀ ପ୍ରକ୍ରିୟାକୁ ସୂଚାରୁ ରୂପେ ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ନିଜର ପ୍ରାରମ୍ଭିକ ବକ୍ତବ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଓ ନିର୍ବାଚନ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ଜୀଲ୍ଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ଶତପଥୀ ପିପିଟି ମାଧ୍ୟମରେ ଜିଲ୍ଲାର ସମସ୍ତ ପଞ୍ଚାୟତର ତଥ୍ୟ ଉପସ୍ଥାପନ କରିଥିଲେ।

ସେହିପରି ପୌରପାଳିକା ପକ୍ଷରୁ ପାରାଦୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ବ୍ଲକ୍‌ର ବିଡିଓ, ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀ, ଡିପିଓ, ଜିପିଡିଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ବୈଠକ ପରିଚାଳନା କରିଥିଲେ।

## ଯୋରନ୍ଦା ମେଳା ପାଇଁ ବିଦ୍ୟୁତ୍ ମରାମତି ବାହାନା

# ୨୦ ଦିନ ବିଦ୍ୟୁତ କାଟକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ

ଯୋରନ୍ଦା, ୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ବିଦ୍ୟୁତ୍ ସେକ୍ସନ ଅଧୀନ ଗ୍ରାମଗୁଡ଼ିକରେ ବିଦ୍ୟୁତ ମରାମତି ପାଇଁ ଜାନୁଆରୀ ୧୦ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯିବ ବୋଲି ଗୁରୁବାର ଟିପିସିଓଡିଏଲ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଛି। ଏ ନେଇ ଅଞ୍ଚଳର ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୨ ମାସ ହେଲା ବିଭିନ୍ନ ସମୟରେ ବିଦ୍ୟୁତ୍



ଫିଡର ମରାମତି ପାଇଁ ଘୋଷିତ ତଥା ଅଘୋଷିତ ବିଦ୍ୟୁତ୍ କାଟ ଚାଲିଥିବା ବେଳେ ପୁନଶ୍ଚ ଯୋରନ୍ଦା ମେଳା ପାଇଁ ମରାମତି ବାହାନାରେ ଏକା ଥରକେ ୨୦ ଦିନ ବିଦ୍ୟୁତ କାଟକୁ ଉପଭୋକ୍ତାମାନେ ଗ୍ରହଣ କରିପାରୁନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ସମାଜସେବୀ ସନ୍ତୋଷ ବିଶ୍ୱାଳଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଯୋରନ୍ଦା ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଥିଲେ। ଆଲୋଚନା ପରେ ଆଂଶିକ ସମାଧାନ ହୋଇଛି। ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଯେଉଁ ଅଞ୍ଚଳରେ ମରାମତି ହେବ ସେହି ଅଞ୍ଚଳରେ ବିଦ୍ୟୁତ୍ କାଟ ହେବ। ଧାର୍ଯ୍ୟ ତାରିଖ ପୂର୍ବରୁ ମଧ୍ୟ ମରାମତି କାର୍ଯ୍ୟ ଶେଷ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ପୁନର୍ବାର ଘୋଷଣା କରାଯାଇ ମରାମତି ଦିନ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ ବୋଲି ସ୍ଥିର ହୋଇଛି।

## ରାଜସ୍ୱ ଗ୍ରାମ ଘୋଷଣା, ଘରବାରି ପଟ୍ଟା ପ୍ରଦାନ ଦାବି

ଢେଙ୍କାନାଳ, ୯ ।୧(ସମିସ): ରାଜ୍ୟ ସରକାର ଜିଲ୍ଲାରେ ଥିବା ବିଭିନ୍ନ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ କହିଥିଲେ ମଧ୍ୟ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ସତ୍ତ୍ୱେ ଘୋଷଣା ନ କରିବା କ୍ଷୋଭର ବିଷୟ ବୋଲି ବିକେଏମ୍‌ୟୁ ଜିଲ୍ଲା ପରିଷଦ ପକ୍ଷରୁ କୁହାଯାଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଅଭଯୋଗପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ସାବକ କିସମ ଜଙ୍ଗଲ ଜମି କେତେକ ସ୍ଥାନରେ ଗୋଚର ଜମି ଉପରେ ଗରିବ ପ୍ରଜାମାନେ ଘର କରି ରହି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଜମିର ପଟ୍ଟା ମିଳିପାରି ନାହିଁ। ରାଜସ୍ୱ ନିରୀକ୍ଷକମାନେ ବହୁ ଜମିର ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।



ପୂର୍ବ ସରକାରଙ୍କ ସମୟରେ କେତେକ ପ୍ରଜାଙ୍କୁ ୪ ଡିସିମିଲ ଲେଖାଏଁ ସରକାରୀ ଜମି ପଟ୍ଟା ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଜମି କେଉଁଠାରେ ତାହା ପ୍ରଜାମାନେ ଜାଣିନାହାନ୍ତି। ଆଉ କେତେକ ଜମି ବିବାଦୀୟ ରହିଛି। ତେଣୁ ଏହାର ତଦନ୍ତ କରି ପ୍ରଜାମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇ ଏହାର ସମାଧାନ କରିବା ସହିତ ରାଜସ୍ୱ ଗ୍ରାମ ଘୋଷଣା କରିବା ଦିଗରେ ପଦକ୍ଷେପ ନେବାକୁ ବିକେଏମ୍‌ୟୁ ଜିଲ୍ଲା ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ଭୁବନରେ ଫଳିଲା ଷ୍ଟ୍ରବେରୀ

ଭୁବନ, ୯ ।୧(ସମିସ): ଭୁବନରେ ଫଳିଲା କଶ୍ମୀର ଫଳ ଫଳ ଷ୍ଟ୍ରବେରୀ। ତାହା ପୁଣି ବୀର ବାଜି ରାଉତଙ୍କ ଗାଁ ନୀଳକଣ୍ଠପୁରରେ। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ କଣପାଳ ଗ୍ରାମର ୬ ଜଣ ଏବଂ ନୀଳକଣ୍ଠପୁରର ଜଣେ ଚାଷୀ ୧ ହେକ୍ଟର ଜମିରେ କରିଛନ୍ତି ଷ୍ଟ୍ରବେରୀ (କୋଳି) ଚାଷ। ଓଡ଼ିଶା ବଜାରରେ ଏହି କୋଳିର ଅନେକ ଚାହିଦା ଥିବା ବେଳେ ଏହା ଅଧିକ ଥଣ୍ଡା ଅନୁଭୂତ ହେଉଥିବା ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଭଳି ରାଜ୍ୟରୁ ଏଠାକୁ ଆମଦାନୀ ହୋଇଥାଏ। ଫଳରେ ଓଡ଼ିଶା ବଜାରରେ ଏହାର ମୂଲ୍ୟ ଅଧିକ ରହିଯାଏ। ଷ୍ଟ୍ରବେରୀର ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏହି ଚାଷ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଯାହାର ସଫଳତା ଦେଖିବାକୁ ମିଳିଛି ଭୁବନରେ। ଭୁବନ ଉଦ୍ୟାନ କୃଷି ବିଭାଗ ଅଧିକାରିଣୀ ଓ ଆତ୍ମା କମିଟି ସଭାପତି ଜଗବନ୍ଧୁ ପୃଷ୍ଟିଙ୍କ ପରାମର୍ଶ କ୍ରମେ ଭୁବନ କୃଷି ଉତ୍ପାଦକ ସଙ୍ଘ ସଭାପତି ଭ୍ରମରବର ଗୁରୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ଗୋବିନ୍ଦ ସାହୁ, ରବି ପରିଡ଼ା, ଶ୍ରୀଧର ପ୍ରଧାନ, ବାଇଧର ସାମଲ, ବିପିନ ପ୍ରଧାନ, ଟୁକୁନା ସାହୁ ଏବଂ ମନୋରମା ପ୍ରଧାନ ଷ୍ଟ୍ରବେରୀ ଚାଷ କରି ସଫଳ ହୋଇଛନ୍ତି। ଏ ନେଇ ସମ୍ପୃକ୍ତ ଚାଷୀମାନେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଅନ୍ୟପଟେ ଚାଷର ମାନ ଅନୁଧ୍ୟାନ କରିବା ପାଇଁ ଭୁବନେଶ୍ୱର ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟର ଦୁଇଜଣିଆ ଟିମ୍ ଏଠାକୁ ଆସିଥିଲେ। ଏଥିସହ ଫଳକୁ କ୍ରୟ କରି ବଜାରରେ ବିକ୍ରି କରିବା ପାଇଁ ଢେଙ୍କାନାଳରୁ ଫଳ ବ୍ୟବସାୟୀ ଲିପୁନ କୁମାର ବିଶ୍ୱାଳ ମଧ୍ୟ ଏଠାକୁ ଆସିଥିଲେ। ଚଳିତ ବର୍ଷ ପ୍ରଥମ କରି ୪.୫ କେଜି ଫଳ ବିକ୍ରି କରାଯାଇଛି। ଏହି ଚାଷ କରୁଥିବା ଚାଷୀମାନେ ଆଗାମୀ ଦିନରେ ଅଧିକ ଜମିରେ ଷ୍ଟ୍ରବେରୀ ଚାଷ କରି ଅଧିକ ରୋଜଗାର କରିପାରିବେ ବୋଲି ଆଶା ରଖିଛନ୍ତି ବିଭାଗୀୟ ଅଧିକାରିଣୀ ମନୋରମା ମୁକୁଟ।



## ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂରେ ଢେଙ୍କାନାଳ ଝିଅଙ୍କ ସଫଳତା

ଢେଙ୍କାନାଳ, ୯ ।୧(ସମିସ): ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ ଓ ଆମେଚର କିକ ବକ୍ସିଂ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମରେ ଅସ୍ମିତା ଖେଲୋ ଇଣ୍ଡିଆ କିକ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୨୨୫ ପ୍ରତିଯୋଗୀ ଭାଗ ନେଇଥିଲେ। ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ୧୭ ଖେଳାଳି ପ୍ରଶିକ୍ଷକ ମିହିର କୁମାର ସାହୁ ଓ ମ୍ୟାନେଜର ସୌଭାଗ୍ୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ଏହି ପ୍ରୋତିଯୋଗୀମାନେ ଜିଲ୍ଲା ପାଇଁ ମୋଟ ୩୭ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୧୭ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଏବଂ ୮ଟି କାଂସ୍ୟ ପଦକ ରହିଛି। ସିନିୟର ବିଭାଗରେ କୀର୍ତ୍ତିରାଣୀ ସାହୁ ୨ଟି ସ୍ୱର୍ଣ୍ଣ ପଦକ, ପ୍ରଭାସିନୀ ବେହେରା ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ମାନସୀ ସାହୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ, ସ୍ମୃତି ଭୋଇ ୨ ରୌପ୍ୟ, ୨ କାଂସ୍ୟ, ଜୁନିୟର ବିଭାଗରେ ଶୁଭଶ୍ରୀ ବେହେରା ୨ ରୌପ୍ୟ, ମମତା ଭୋଇ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ରୋଜାଲିନ ସ୍ୱାଇଁ ୨ ସ୍ୱର୍ଣ୍ଣ, ୧ କାଂସ୍ୟ, ଉମା ମାହେଶ୍ୱରୀ ଦାସ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ସବଜୁନିୟର ବିଭାଗରେ ଆରାଧ୍ୟା ଚାନ୍ଦ ୧ ସ୍ୱର୍ଣ୍ଣ, ପ୍ରିୟାଂଶୀ ଜେନା ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ରେଶ୍ମା ସାହୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ରୀତିମୟୀ ସାହୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ବିଷ୍ଣୁପ୍ରିୟା ଭୋଇ ୧ରୌପ୍ୟ, ୧ କାଂସ୍ୟ, ବିଷ୍ଣୁପ୍ରିୟା ନାୟକ ୨ କାଂସ୍ୟ, ଇତିସ୍ମିତା ନାୟକ ୨ ସ୍ୱର୍ଣ୍ଣ, ଅନୁସୟା ବେହେରା ୧ ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ ହାସଲ କରିଛନ୍ତି। ଏଥିସହ ଦଳଗତ ଭାବେ ମାନସୀ ସାହୁ ଓ ସ୍ମୃତି ଭୋଇ ମ୍ୟୁଜିକାଲ ଫର୍ମରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜୋନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯଗିତାରେ କିକ୍ ବକ୍ସିଂ ଖେଳକୁ ସ୍ଥାନ ମିଳିବାରେ ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆଙ୍କ ଅବଦାନ ଅତୁଳନୀୟ। ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ ଏବଂ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଏବଂ ଅଭିନନ୍ଦନ ଜଣାଇଛନ୍ତି।



## ପାଞ୍ଚ ଏକର ଜମିକୁ ୫ କ୍ୱିଣ୍ଟାଲ ଟୋକନ

● ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

ଢେଙ୍କାନାଳ, ୯ ।୧(ସମିସ): ସଦର ବ୍ଲକ ଚାଉଳିଆ ଗ୍ରାମର ଜଣେ ଚାଷୀଙ୍କ ୫ ଏକର ଜମି ପଞ୍ଜୀକରଣ ହୋଇଥିବା ବେଳେ ମଣ୍ଡିରେ ମାତ୍ର ୫ କ୍ୱିଣ୍ଟାଲ ଧାନ ଦେବାକୁ ଅନୁମତି ମିଳିଥିବାରୁ ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଚାଉଳିଆ ଗ୍ରାମର ଉଦୟଭାନୁ ଦାସଙ୍କ ପତ୍ନୀ ଅଲିଭା ଜ୍ୟୋତି ଦାସଙ୍କ ଅଭିଯୋଗ ଅନୁସାରେ ସେ ଧାନ ଦେବା ପାଇଁ ବେଲଟିକିରି ସମବାୟ ସମିତିରେ ପଞ୍ଜୀକରଣ କରିବା ପାଇଁ ୫ ଏକର ଜମିର ଧାନ ଦେବାକୁ ଦରଖାସ୍ତ କରିଥିଲେ। ତାଙ୍କ ପଞ୍ଜୀକରଣ ସଂଖ୍ୟା ୫୬୯୪ ହୋଇଥିବା ବେଳେ ଟୋକନ ନମ୍ବର ୧୭୭୩୮୫୧ରେ ମାତ୍ର ୫ କ୍ୱିଣ୍ଟାଲ ଧାନ ଦେବାକୁ ଅନୁମତି ମିଳିଛି। ଏ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

## ରେଳ ଟିକେଟ୍ ସମସ୍ୟା ନେଇ ରେଳମନ୍ତ୍ରୀଙ୍କୁ ଅଭିଯୋଗ

ଢେଙ୍କାନାଳ, ୯ ।୧(ସମିସ): ରେଳ ଟିକେଟ ସମସ୍ୟାକୁ ନେଇ ସଦର ବ୍ଲକ୍ ଗୋବିନ୍ଦପୁର ଗ୍ରାମର ଜୟଜଗନ୍ନାଥ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ପ୍ରାୟ ୩୭ଜଣ ବରିଷ୍ଠ ନାଗରିକ ବିଭିନ୍ନ ତୀର୍ଥସ୍ଥାନ ଦର୍ଶନ କରିବା ପାଇଁ ପ୍ରତିବର୍ଷ ଯାଇଥାନ୍ତି। ଚଳିତ ବର୍ଷ ଦ୍ୱାରିକା ଦର୍ଶନ ନିମନ୍ତେ ଦ୍ୱାରିକ ପର୍ଯ୍ୟନ୍ତ ଟ୍ରେନ୍ ଥାଇ ମଧ୍ୟ ଢେଙ୍କାନାଳ ଷ୍ଟେସନରେ ଟିକେଟ ମିଳି ନ ଥିଲା। ତେଣୁ ସେମାନେ ଗତ ଡିସେମ୍ବର ୧୩ ତାରିଖ ପୁରୀ-ଆଜମେର ଏକ୍ସପ୍ରେସ୍‌ରେ ଢେଙ୍କାନାଳରୁ ଅହମଦାବାଦ ଟିକେଟ କଲେ। ସେଥିରୁ ୨୦ ଜଣଙ୍କ ଟିକେଟ୍ କନଫର୍ମ ହେଲା ଓ ୧୭ଜଣଙ୍କର ୱେଟିଂରେ ରହିଲା। ନିୟମ ଅନୁଯାୟୀ ୨୮ ତାରିଖରେ ଫେରିବା ଟିକେଟ ୨୫ ତାରିଖରେ ଦ୍ୱାରିକାରୁ ପୁରୀ ଟ୍ରେନରେ କରିବା ପାଇଁ ଷ୍ଟେସନ ମାଷ୍ଟରଙ୍କଠାରୁ ଦରଖାସ୍ତ ମଞ୍ଜୁର କରି କାଉଣ୍ଟରରେ ପ୍ରଦାନ କରିଥିଲେ। ମାତ୍ର ସେଠାରେ ଦରଖାସ୍ତ ଗ୍ରହଣ କରାଗଲା ନାହିଁ କିମ୍ବା ଟିକେଟ ଦେଲେ ନାହିଁ। ତେଣୁ ସେମାନେ ହତାଶ ଓ ମର୍ମାହତ ହୋଇ ଦୁଃଖରେ ଫେରିଲେ। ବାଧ୍ୟ ହୋଇ ୩୭ଟି ଟିକେଟ କ୍ୟାନସେଲ କଲେ। ମାତ୍ର କ୍ୟାନସେଲ ଟିକେଟ ରାଶି ୪୦୮୦ ଟଙ୍କା ଫେରସ୍ତ ପାଇଲେ ନାହିଁ। ସରକାର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଭତ୍ତା ଦେଉଛନ୍ତି। ହେଲେ ଟ୍ରେନ୍‌ରେ ଯାତାୟାତ ପାଇଁ କିଛି ସୁବିଧା ନାହିଁ ବୋଲି ପ୍ରକାଶ କରିଛନ୍ତି। ଟିକେଟ କାଉଣ୍ଟରରେ ଥିବା କର୍ମଚାରୀଙ୍କ ଅସହଯୋଗ, ଖାମଖିଆଲି ମନୋବୃତ୍ତି ଓ ଦାୟିତ୍ୱହୀନତା ଯୋଗୁଁ ଟିକେଟ ହୋଇପାରିଲା ନାହିଁ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ରେଳମନ୍ତ୍ରୀ ଏହାର ବିଚାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।



## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଢେଙ୍କାନାଳ, ୯ ।୧(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଉତ୍ସବକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ପରିଷଦ ଉପସଭାପତି ଡ. ଏସକେ ଆର ଖାଦିମ ସଭା ପରିଚାଳନା ପରିଚାଳନା କରିଥିଲେ। ଡ. ମିନୁରାଣୀ ଦଳାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା କନକଲତା ସୋରେନ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବାଡିଆଁ, ସଟପୁଟ, ଜାଭଲିନ, ଡିସକସ ଥ୍ରୋ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ପରିଷଦ ସଦସ୍ୟ ଦୀପ୍ତିରଞ୍ଜନ ମହାପାତ୍ର, ସସ୍ମିତା ସାହୁ, ଶ୍ରୀୟାଶ୍ରୀ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

## ବାଲି ବୋଝେଇ ୨ ଟିପ୍ପର ସହ ଟ୍ରାକ୍ଟର ଜବତ

ପରଜଙ୍ଗ, ୯ ।୧(ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ବସୁଲେଇ ଗ୍ରାମ ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ହୁଡ଼ାରୁ ଦୁଇଟି ବାଲି ବୋଝେଇ ଟିପ୍ପର ଏବଂ କୁଲେଇ ଗ୍ରାମ ନିକଟରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ତିନି ଗାଡ଼ିର ଚାଳକଙ୍କୁ ପୁଲିସ ଗିରଫ କରିଛି। ଗିରଫ ଚାଳକମାନେ ହେଲେ ବସୁଲେଇ ଗ୍ରାମର ଆଦିତ୍ୟ ରାଉତ(୩୮), ନିମଡିହି ସାହିର ନିବାରଣ ସାହୁ (୪୧) ଏବଂ ଟ୍ରାକ୍ଟର ଚାଳକ ଗେଙ୍ଗୁଟିଆ ଗ୍ରାମର ମିନକେତନ ସାହୁ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ପରଜଙ୍ଗ ଥାନା ଓ ଦଦରାଘାଟି ଫାଣ୍ଡି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ପରିବହନ ନେଇ ଚଢ଼ଉ କରାଯାଇଥିଲା। ବସୁଲେଇ କେନାଲ ରାସ୍ତାରେ ଯିବା ସମୟରେ ଅପରପାର୍ଶ୍ୱରୁ ଦୁଇଟି ଟିପ୍ପର ବାଲି ବୋଝେଇ ଆସୁଥିବା ଦେଖି ପୁଲିସ ଟିମ୍ ଗାଡ଼ି ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଉଭୟ ଟିପ୍ପରର ସଠିକ୍ କାଗଜପତ୍ର ନ ଥିବାରୁ ଗାଡ଼ି ଦୁଇଟିକୁ ଦଦରାଘାଟି ଫାଣ୍ଡିକୁ ଆଣାଯାଇଥିଲା। ସେହିପରି ଶୁକ୍ରବାର ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଖବର ପାଇ କୁଲେଇ ଗ୍ରାମରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଏ ନେଇ ମାମଲା ରୁଜୁ କରାଯାଇଛି।




## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ଖଜୁରିଆକଟା, ୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା କଲେଜରେ ଗୁରୁବାର ଆଠଦିନିଆ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପରାଣୀ ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଶିବିରରେ +୩ ପ୍ରଥମ ବର୍ଷର ୧୪୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଶିବିର ସଂଯୋଜିକା ତଥା ଅର୍ଥନୀତି ବିଭାଗ ଅଧ୍ୟାପିକା ଇଶାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ପରିଚାଳିତ ସଭାରେ ସମ୍ମାନିତ ଅତିଥି ରୂପେ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ବେହେରା, ରୁମୁଲି ନନ୍ଦ ଓ ସନ୍ଧ୍ୟାରାଣୀ ଦାସ ଯୋଗଦେଇଥିଲେ। ସହ ସଂଯୋଜିକା ତଥା ଇତିହାସ ବିଭାଗ ଅଧ୍ୟାପିକା ଦିଲ୍ଲେଶ୍ୱରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଁଦିଆ ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ

ଗଁଦିଆ, ୯ ।୧(ସମିସ): ଗଁଦିଆ ବ୍ଲକ ଯୋରନ୍ଦା ଜଗନ୍ନାଥ ମନ୍ଦିରରେ ଗୁରୁବାର ଗଁଦିଆ ପ୍ରେସ କ୍ଲବର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇ ୨୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ସୁଧାଂଶୁ ଶେଖର ରାଉତ ଯୋଗଦେଇ ସାମ୍ବାଦିକମାନେ ସମାଜ, ଜାତି ତଥା ଦେଶର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ ଯୋଗଦେଇ ସାମ୍ବାଦିକମାନେ ୨୪ ଘଣ୍ଟିଆ ଜାଗ୍ରତ ରହି ସମାଜର ହିତ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ମନ୍ଦିର କମିଟି ସଭ୍ୟ ପଞ୍ଚାନନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଯୁଧିଷ୍ଠିର ମହାନ୍ତି ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ଶିଶିର କୁମାର ଶତପଥୀ ସାଂଗଠନିକ ବ୍ୟବସ୍ଥା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବାର୍ଷିକ ପତ୍ରିକା ପ୍ରକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ପତ୍ରିକା ପ୍ରକାଶନ ଦାୟିତ୍ୱ ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକଙ୍କୁ ଦିଆଯାଇଥିବା ବେଳେ ସାଂଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଭ୍ୟ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସଭ୍ୟ ତାରାକାନ୍ତ ନାୟକ, ଅଶୋକ ପାତ୍ର, ଅଶୋକ ପତି, ରଞ୍ଜନ କୁମାର ସ୍ୱାଇଁ, ଅକ୍ଷୟ ପାତ୍ର, ବିଶ୍ୱ ମୋହନ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଶିଶିର ପାଣି, ସୁଦାମ ସାହୁ, ରାକେଶ ବେହେରା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଉପସଭାପତି ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ।



## କନିଷ୍ଠଯନ୍ତ୍ରୀଙ୍କ ଦେହାନ୍ତରେ ଶୋକସଭା



କାମାକ୍ଷାନଗର, ୯ ।୧(ସମିସ): କାମାକ୍ଷାନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀ ମନୋଜ କୁମାର ଦାସଙ୍କ ଦେହାନ୍ତ ହୋଇଛି। ବୁଧବାର ରାତିରେ ସେ ଘରେ ଶୋଇଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନୋଜଙ୍କ ବିୟୋଗରେ ଶୁକ୍ରବାର କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହରେ ଶୋକସଭା ଅନୁଷ୍ଠିତ ହୋଇଛି। ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସହକାରୀ ଯନ୍ତ୍ରୀ, ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ମନୋଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

## ହାତୀ ଉପଦ୍ରବରେ ଗ୍ରାମବାସୀ ଆତଙ୍କିତ

## ଛାତରେ ପଳାକରି ଜୀବନ ବଞ୍ଚାଉଛନ୍ତି ଲୋକେ

କାମାକ୍ଷାନଗର, ୯ ।୧(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସୁନାଝରି ଗାଁରେ ହାତୀ ଉପଦ୍ରବ ଲାଗି ରହିଛି। ହାତୀ ଭୟରେ ଲୋକେ ନିଜ ଘର ଛାତ ଉପରେ ପଳା କରି ଜୀବନ ବଞ୍ଚାଉଛନ୍ତି। ସୁନାଝରି ଗାଁରେ ଗତ ସପ୍ତାହ ହେବ ହାତୀ ଉପଦ୍ରବ ଜାରି ରହିଛି। ସଞ୍ଜ ନଇଁଲେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଆସି ଗାଁ ଭିତରେ ଆତଙ୍କ ସୃଷ୍ଟି କରୁଛନ୍ତି। ଧାନଚାଉଳ ଖାଇବା ସହ କବାଟ, ଝରକା ଭାଙ୍ଗି ଦେଉଛନ୍ତି। ଲୋକଙ୍କ ବାଡ଼ିବଗିଚାରେ ଥିବା ଫସଲ ସବୁ ନଷ୍ଟ କରିବା ସହ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଫଳରେ ବାଧ୍ୟ ହୋଇ ସନ୍ଧ୍ୟା ପରେ ଲୋକେ ଛାତ ଉପରେ ପଳା କରି ନିଜ ପିଲାଛୁଆଙ୍କୁ ଧରି ଶୀତକାକରରେ ପଡ଼ିରହୁଛନ୍ତି। ହାତୀପଲ ଘଉଡ଼ାଇବା ପାଇଁ ଗ୍ରାମବାସୀ ବନବିଭାଗକୁ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କର୍ମଚାରୀମାନେ କେବଳ ନାଁକୁ ମାତ୍ର ଲୋକଦେଖାଣିଆ ଭାବେ କାମ କରୁଥିବା ଅଭିଯୋଗ ହୋଇଛି। ହାତୀପଲଙ୍କୁ ଅନ୍ୟତ୍ର ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାବାଳିକା ଝିଅର ଚିକିତ୍ସାରେ ଅର୍ଥାଭାବ ବାଧକ

ପରଜଙ୍ଗ, ୯ ।୧(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ଜଣେ ନାବାଳିକାଙ୍କ ଦୁଇ ବୃକ୍କ ସମ୍ପୂର୍ଣ୍ଣ ଖରାପ ହୋଇ ଯାଇଥିବା ବେଳେ ଚିକିତ୍ସା ପାଇଁ ଅର୍ଥାଭାବ ପ୍ରତିବନ୍ଧକ ସାଜିଛି। ଗ୍ରାମର ଅଲେଖ ମହାଲିକଙ୍କ ୧୬ ବର୍ଷୀୟ ଝିଅର ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିବାରୁ ଡାକ୍ତରଙ୍କୁ ଦେଖାଇ ପରୀକ୍ଷାନିରୀକ୍ଷା କରିବା ପରେ ଦୁଇଟିଯାକ ବୃକ୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ମା' ସବିତା ଝିଅକୁ ବୃକ୍କ ଦାନ କରିବା ପାଇଁ ନିଷ୍ପତ୍ତି କରିଥିଲେ ମଧ୍ୟ ଅର୍ଥାଭାବରୁ ଚିକିତ୍ସା ଆଗକୁ ବଢ଼ିପାରୁନାହିଁ। ଅଲେଖ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ସ୍ତ୍ରୀ, ଦୁଇ ଝିଅ ଓ ଦୁଇ ପୁଅଙ୍କୁ ନେଇ ପରିବାର ଗୁଜାରଣ ମେଣ୍ଟାଉଛନ୍ତି। ଗୋଟିଏ ପୁଅ ଦିବ୍ୟାଙ୍ଗ ସାଙ୍ଗକୁ ଝିଅର ଏପରି ଅବସ୍ଥାରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଝିଅ ଜଣେ ମେଧାବୀ ଛାତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଶିକ୍ଷାଲାଭ କରୁଛନ୍ତି। ଏହି ଖବର ପାଇବା ପରେ ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ, ବିଶ୍ୱଜିତ ନାୟକ ସରାଙ୍ଗ ଗ୍ରାମସ୍ଥିତ ଅଲେଖଙ୍କ ଘରେ ପହଞ୍ଚି ଚିକିତ୍ସା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ସାମାଜିକ ଗଣମାଧ୍ୟମରେ ନିବେଦନ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଝିଅଟିର ଚିକିତ୍ସା ପାଇଁ ଆର୍ଥିକ ସହଯୋଗ କରିବାକୁ ଚାହୁଁଛନ୍ତି ତେବେ ୭୦୬୪୨୧୩୪୬୨ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି।



## ବଜରଙ୍ଗ କ୍ଲବ ତରଫରୁ 'ଆଗ୍ନେୟ' କାର୍ଯ୍ୟକ୍ରମ

ଢେଙ୍କାନାଳ, ୯ ।୧(ସମିସ): ଢେଙ୍କାନାଳ ସହରସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ବଜରଙ୍ଗ କ୍ଲବର ଶ୍ରେଷ୍ଠ କାର୍ଯ୍ୟକ୍ରମ 'ଆଗ୍ନେୟ' ସ୍ଥାନୀୟ ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି। ପ୍ରଥମ ସନ୍ଧ୍ୟାରେ ନୃତ୍ୟ, ଗୀତ, କମେଡିରେ ହଜାର ହଜାର ଦର୍ଶକ ମତୁଆଲା ହୋଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତିନି ଦିନ ଧରି କଳା ସମ୍ମାନରେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଶକ୍ତିପ୍ରସାଦ ମିଶ୍ର, ସେବା ସମ୍ମାନରେ ଜ୍ଞାନରଞ୍ଜନ ମହାପାତ୍ର, ଢେଙ୍କାନାଳ ଯୁବସେନା, ଶାନ୍ତନୁ ପୃଷ୍ଟି, ସଫଳ ଉଦ୍ୟୋଗୀ ସମ୍ମାନରେ ଶରତ କୁମାର ସାହୁ ଏବଂ ରକ୍ତଦାନ କ୍ଷେତ୍ରରେ ପ୍ରମୁଖ ସଂଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ। ଏଥିରେ ପ୍ରଖ୍ୟାତ ବଲିଉଡ୍ ପ୍ଲେ ବ୍ୟାକ୍ ସିଙ୍ଗର ଅମିତ ମିଶ୍ରା, ତାବିଜ୍ ଅଲ୍ଲୀ, ଇଣ୍ଡିଆନ ଆଇଡଲ୍ ବିଜେତା ତଥା ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ, ସଚିନ୍ ରାଉତ ଯୋଗଦେବେ। ଶୁକ୍ରବାର ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ଯୋଗଦେଇ ନୃତ୍ୟ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ।



■ ସ୍ପଷ୍ଟ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# କମିବନି ଭକ୍ତ ନିବାସର ପାର୍କିଂ ଫି'

ପୁରୀ, ୯।୧(ସମିସ): କମିବନି ଭକ୍ତ ନିବାସର ପାର୍କିଂ ଫି'। ଯେଉଁମାନେ ଶ୍ରୀମନ୍ଦିର ପ୍ରଶାସନର ଚାରୋଟିଯାକ ଭକ୍ତ ନିବାସରେ ଗାଡ଼ି ପାର୍କିଂ କରିବେ, ସେମାନଙ୍କୁ ୫୦୦ଟଙ୍କା ପାର୍କିଂ ଫି' ଦେବାକୁ ପଡ଼ିବ। ଏହା ପୂର୍ଣ୍ଣ ୨୪ ଘଣ୍ଟା ପାଇଁ। ଗତ ୬ ତାରିଖରେ ଜାରି ନିର୍ଦ୍ଦେଶନାମା ୭ତାରିଖରୁ କାର୍ଯ୍ୟକାରୀ କରାଯାଇଛି। ଗୁରୁବାର ମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିକୁ ଭକ୍ତ, ପର୍ଯ୍ୟଟକ, ସେବାୟତଙ୍କ ସମେତ ସବୁ ମହଲରୁ ବିରୋଧ କରାଯାଇଥିଲା। ଏହା ସତ୍ତ୍ୱେ ନିଜ ନିଷ୍ପତ୍ତିରେ ଅଟଳ ମନ୍ଦିର ପ୍ରଶାସନ। ଭକ୍ତନିବାସ ପାର୍କିଂ ଫି' କମାଯିବ ନାହିଁ ବୋଲି ଶୁକ୍ରବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି।

ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି, ଭକ୍ତନିବାସ ପାର୍କିଂର ଜାଗା ସୀମିତ। ବେଳେବେଳେ ଏଠାରେ ବାହାର ଗାଡ଼ି ପାର୍କିଂ ହେଉଛି। ଫଳରେ ରହୁଥିବା ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ବାହାର ଲୋକ କେହି ଭକ୍ତ ନିବାସରେ ଗାଡ଼ି ପାର୍କିଂ କରିପାରିବେ ନାହିଁ। ଅନେକ କହୁଛନ୍ତି ପାର୍କିଂ ଫି' କାହିଁକି ନେଉଛନ୍ତି ରୁମ୍‌ଭଡ଼ା କାହିଁକି ବଢ଼ାଉ ନାହାନ୍ତି। ଆମେ ରୁମ୍ ଭଡ଼ା ବଢ଼ାଇବା ସପକ୍ଷରେ ନାହୁଁ। ପୁରୀରେ ଯେତେ ଭକ୍ତ ନିବାସ, ହୋଟେଲ, ଲଜ୍ ରହିଛି ଆମେ ସବୁଠୁ କମ୍ ଭଡ଼ା ନେଉଛୁ। ଭକ୍ତ ନିବାସରେ ରୁମ୍ ଭଡ଼ା ବୃଦ୍ଧି କରାଯିବ ନାହିଁ। ଭଡ଼ା ବଢ଼ାଇଲେ ସାଧାରଣ ଭକ୍ତ ପ୍ରଭାବିତ ହେବେ। ରାଜସ୍ୱ ଆୟ ବଢ଼ାଇବା ଆମର ଅଭିପ୍ରାୟ ନାହିଁ କିନ୍ତୁ ଯେଉଁମାନେ ଭକ୍ତ ନିବାସରେ ରହିବା ପାଇଁ ଚାରିଚକିଆ ଗାଡ଼ି ଆଣି ଆସୁଛନ୍ତି, ସେମାନେ ଏହି ପାର୍କିଂ ଫି' ଦେବାକୁ ସମର୍ଥ। ସେମାନେ ଦେଇପାରିବେ। ଅନ୍ୟ ପାର୍କିଂସ୍ଥଳରେ ୨୪୦ଟଙ୍କା ଦେଇ ଗାଡ଼ି ପାର୍କିଂ କରୁଛନ୍ତି ଯାତ୍ରୀ। ଯେଉଁମାନେ ଚାହୁଁଛନ୍ତି, ସେମାନେ ଅନ୍ୟ ପାର୍କିଂସ୍ଥଳରେ ଗାଡ଼ି ରଖି ଭକ୍ତ ନିବାସରେ ରହିପାରିବେ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

# ପିୟୁସିସି ନାମରେ ଆଦାୟ ହେଉଛି ଗୁଣ୍ଡାଟିକସ୍: କଂଗ୍ରେସ

## 'ସୁଭଦ୍ରା' ଓ ଧାନ କିଣା ଟଙ୍କା ଦେବାକୁ ରାଜ୍ୟବାସୀଙ୍କୁ ସରକାରଙ୍କ କର କଷଣ




ଭୁବନେଶ୍ୱର, ୯।୧(ସମିସ): ରାଜ୍ୟରେ ସାଧାରଣ ଲୋକଙ୍କଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନାମରେ ଜୋରିମାନା ଆଦାୟକୁ କଡ଼ା ବିରୋଧ କରିଛି କଂଗ୍ରେସ। ପ୍ରଦୂଷଣ ଆଇନକୁ ଆଳ କରି ସରକାର ଜିଜିଆ କର ଆଦାୟ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନାଟକ ବିରୋଧରେ ଆସନ୍ତାକାଲି ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଯୁବ କଂଗ୍ରେସ ଘୋଷଣା କରିଛି।

ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି, କୌଣସି ମାନଦଣ୍ଡ ନଥାଇ ସରକାର ସାଧାରଣ ଲୋକଙ୍କଠାରୁ ମନଇଚ୍ଛା ଫାଇନ ଅସୁଲ କରୁଛନ୍ତି। ସମଗ୍ର ରାଜ୍ୟରେ କର ଅସୁଲି ପାଇଁ ହାହାକାର ପଡ଼ିଛି। ସାଧାରଣ ଖାଉଟି, କୃଷକ, ଛୋଟ ବେପାରୀ, ଛୋଟ ଚାକିରିଆ ଏପରିକି ବେକାରୀ ଯୁବକଙ୍କ ଉପରେ ମଧ୍ୟ ଫାଇନ ପଡୁଛି। ପରାଧୀନ ଭାରତରେ ଓଡ଼ିଶାବାସୀ ବିପ୍ଳବ କରିଥିଲେ। ଜଗନ୍ନାଥଙ୍କ ରାଜ୍ୟ ଶାନ୍ତ ସରଳ ବୋଲି ବାରମ୍ବାର କର ଅସୁଲିର ଅତ୍ୟାଚାର ଚାଲିଛି। ଗୋଟିଏ ଗାଡ଼ି ଉପରେ ବିଭିନ୍ନ ପ୍ରକାର କର ଅସୁଲି ଚାଲିଛି। ତାପଜ କେନ୍ଦ୍ର, ପାଉଁଶ, ତେଲ ବିଶୋଧନାଗର, ଖଣି ଆଦିରୁ କେତେ ପ୍ରଦୂଷଣ ହେଉଛି ସରକାର ପରୀକ୍ଷା କରିବା ଦରକାର। ଏହି ସଂସ୍ଥାଗୁଡ଼ିକ ଓଡ଼ିଶାର ବାୟୁମଣ୍ଡଳକୁ ସମ୍ପୂର୍ଣ୍ଣ ପ୍ରଦୂଷିତ କରି ଦେଉଛନ୍ତି। ମାତ୍ର ସମସ୍ତ କମ୍ପାନୀଙ୍କ ପ୍ରଦୂଷଣ ମୁକ୍ତ ସାର୍ଟିଫିକେଟ ନବୀକରଣ ହେଉଛି। ଫେବୃଆରୀରେ ବିଧାନସଭା ଘେରାଉ ହେବ ଏବଂ ସରକାରଙ୍କୁ କଂଗ୍ରେସ ଜବାବ ମାଗିବ। ପିୟୁସିସି ନାମରେ ପୁଲିସ ଦ୍ୱାରା ସରକାର ଯେଉଁ ଗୁଣ୍ଡାଗିରି କରୁଛି ତାହା ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଯଦି ଲୋକଙ୍କ ଦ୍ୱାରା ନିର୍ବାଚିତ ତେବେ ଲୋକଙ୍କୁ ସରକାର ସମ୍ମାନ କରନ୍ତୁ ଓ ପ୍ରଦୂଷଣ କରୁଥିବା କମ୍ପାନୀକୁ ପ୍ରଥମେ ଯାଞ୍ଚକରି ପ୍ରଦୂଷଣ ମୁକ୍ତ କରନ୍ତୁ ବୋଲି ଭକ୍ତ କହିଛନ୍ତି।

**ପୁରୀ ଓ ଓଡ଼ିଶାକୁ ବଦନାମ କରିବାକୁ ପାର୍କିଂ ଫି ବୃଦ୍ଧି**

**ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ**

ଏହି ଅବସରରେ ପୁରୀସ୍ଥିତ ଭକ୍ତ ନିବାସରେ ରହୁଥିବା ଜଗନ୍ନାଥ ଦର୍ଶନାର୍ଥୀଙ୍କ ଗାଡ଼ି ଉପରେ କର କାହିଁକି ଲାଗିବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭକ୍ତଙ୍କୁ ଆତଙ୍କିତ କରାଯାଉଛି। ଜଗନ୍ନାଥ ଧାମ ପୁରୀର ଗୁରୁତ୍ୱ କମାଇବା ଓ ଲୋକଙ୍କ ସଂଖ୍ୟା ହ୍ରାସ ପାଇଁ ପାର୍କିଂ ଫି ବୃଦ୍ଧି କରାଯାଇଛି। ସରକାର ପୁଞ୍ଜିପତିଙ୍କ ଉପରେ କର ପକାଇବା ପାଇଁ ସାହସ କରୁନାହାନ୍ତି। କିନ୍ତୁ ସାଧାରଣ ଲୋକଙ୍କୁ କର ଦେବାକୁ ବାଧ୍ୟ କରାଯାଉଛି। ସରକାରଙ୍କ ପାଖରେ ଏବେ ଧାନ କିଣିବା ଓ ସୁଭଦ୍ରା ଯୋଜନା ପାଇଁ ପଇସା ନାହିଁ। ତେଣୁ ଜୋର ଜବରଦସ୍ତ କର ଆଦାୟ କରୁଛନ୍ତି ବୋଲି ଭକ୍ତ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରଦୂଷଣ ଯାଞ୍ଚ ସହିତ ବକେୟା ଫାଇନର କଣ ସମ୍ପର୍କ ଅଛି ବୋଲି ପ୍ରଶ୍ନ କରିବା ସହ କେଉଁ ସ୍ଥାନରେ କେଉଁ ଗାଡ଼ି କେତେ ଗତିରେ ଯିବ ତାପାଇଁ ରାସ୍ତାରେ ପର୍ଯ୍ୟାପ୍ତ ଫଳକ ନାହିଁ ବୋଲି କହିଛନ୍ତି। ଯୁବ ନେତା ମନୋଜ ବିଶ୍ୱାଳ ପ୍ରଦୂଷଣ ନାମରେ ସାଧାରଣ ଜନତାଙ୍କ ଠାରୁ ଟିପି ଫାଇନ ଆଦାୟକୁ କଂଗ୍ରେସ ବିରୋଧ କରୁଛି ବୋଲି କହିବା ସହ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ହିମ୍ସ ପୋର୍ଟାଲ୍‌ରେ ତଥ୍ୟ ଦେଉ ନାହାନ୍ତି ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୯ ।୧(ସମିସ): ଉଚ୍ଚଶିକ୍ଷାନୁଷ୍ଠାନର ବିଭିନ୍ନ ତଥ୍ୟ ଏକତ୍ରିତ କରିବା ପାଇଁ ସରକାର ଏଚ୍ଆଇଏମ୍ଏସ୍ (ହିମ୍ସ) ପୋର୍ଟାଲ୍ କରିଛନ୍ତି। ତହିଁରେ ସମସ୍ତ ଅଧ୍ୟାପକ/ ଅଧ୍ୟାପିକାଙ୍କ ସମେତ ଶିକ୍ଷାନୁଷ୍ଠାନର ପ୍ରତିଟି ତଥ୍ୟକୁ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବହୁ ଶିକ୍ଷାନୁଷ୍ଠାନ ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରୁଛନ୍ତି। କିଛି ଶିକ୍ଷାନୁଷ୍ଠାନ ମିଥ୍ୟା ତଥ୍ୟ ଅପଲୋଡ୍ କରୁଥିବାବେଳେ ଆଉକିଛି ଶିକ୍ଷାନୁଷ୍ଠାନ ମୂଳରୁ ତଥ୍ୟ ଉପଲୋଡ୍ କରୁ ନାହାନ୍ତି। ଏପରିକି ୪୦ ଟି ଶିକ୍ଷାନୁଷ୍ଠାନ ମୂଳରୁ କର୍ମଚାରୀଙ୍କ ତଥ୍ୟ ଅପଲୋଡ୍ କରି ନଥିବା ଜଣାପଡ଼ିଛି।

**୪୦ ଖିଲାପକାରୀ ମହାବିଦ୍ୟାଳୟ ତାଲିକା ପ୍ରକାଶ କଲା ବିଭାଗ**

ବରଗଡ଼ ଜିଲ୍ଲାର ଅଞ୍ଚଳ ଡିଗ୍ରୀ କଲେଜ, ବରପାଲି, ସୋହେଲା, ବଧ୍ୟବାମନ କଲେଜ ସମେତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ସେମାନଙ୍କ କର୍ମଚାରୀଙ୍କ ତଥ୍ୟ ଦେଇ ନାହାନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଆଗରପଡ଼ା, ଚରମ୍ପା, ଧାମନଗର, ନାମି ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ମଧ୍ୟ ତଥ୍ୟ ଲୁଚାଇଛନ୍ତି। ଅନୁରୂପ ଭାବେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଦେବଗଡ଼ ଜିଲ୍ଲାର ୩ ଟି ଲେଖାଏଁ ମହାବିଦ୍ୟାଳୟ ଥିବାବେଳେ କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାର ଦୁଇଟି ଲେଖାଏଁ, ବଲାଙ୍ଗିର, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ଗୋଟିଏ ଲେଖାଏଁ ମହାବିଦ୍ୟାଳୟ ତଥ୍ୟ ଦାଖଲ କରିବାରେ ଖିଲାପ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଖିଲାପକାରୀ ମହାବିଦ୍ୟାଳୟର ତାଲିକା ଜାରି କରି ତୁରନ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ଅପରପକ୍ଷରେ କିଛି ମହାବିଦ୍ୟାଳୟ ସେମାନଙ୍କ ମିଥ୍ୟା ତଥ୍ୟ ପୋର୍ଟାଲ୍‌ରେ ଅପଲୋଡ୍ କରିଛନ୍ତି। ଅତିଥି ଅଧ୍ୟାପକଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ ଭାବେ ଦର୍ଶାଇଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ଉଚ୍ଚକତା କରି ସେମାନଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ କରିବାକୁ ମସୁଧା କରୁଥିବା ବିଭାଗ ପାଖରେ ପୁଳାପୁଳା ଅଭିଯୋଗ ହୋଇଛି।

ଓଡ଼ିଶାରେ କନ୍ୟା ଅସୁରକ୍ଷିତ

# ମହିଳା ସୁରକ୍ଷାରେ ୩୪ତମ ସ୍ଥାନରେ ଭୁବନେଶ୍ୱର



**କାହା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

**୧୫ ମାସରେ ୪୦,୯୪୭ ମହିଳା ବିରୋଧୀ ହିଂସା**

ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟର ଉପରମୁହାଁ ମହିଳା ବିରୋଧୀ ହିଂସା ରୋକିବାକୁ ଅସମର୍ଥ ରାଜ୍ୟ ବିଜେପି ସରକାର 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଘୋଷଣା କରିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବା ସହ ରାଜ୍ୟର କନ୍ୟାମାନଙ୍କୁ ସୁରକ୍ଷା ପ୍ରଦାନରେ ସରକାର ପ୍ରାଥମିକତା ଦିଅନ୍ତୁ ବୋଲି ବିଜେଡି କହିଛି। ଶୁକ୍ରବାର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ, ଅବତାର ଗ୍ରୁପ୍ ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟ 'ଟପ୍ ସିଟିଜ୍ ଫର୍ ଓମେନ୍ ଇନ୍ ଇଣ୍ଡିଆ'ରେ ଓଡ଼ିଶାର କୌଣସି ସହର ଶ୍ରେଷ୍ଠ ୨୫ ସହର ତାଲିକାରେ ସ୍ଥାନ ପାଇ ନାହିଁ। ୩୪ତମ ସ୍ଥାନରେ ଭୁବନେଶ୍ୱର ରହିଥିବା ବେଳେ ରାଉରକେଲା ୪୭ତମ ସ୍ଥାନରେ ରହିଛି। ରାଜ୍ୟର ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଜୀବନଜୀବିକା ସର୍ବୋପରି ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଡବଲ ଇଂଜିନ ସରକାର ଆସିବା ପରେ, ମହିଳା ବିରୋଧୀ ହିଂସା ଲାଗି ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ଓ ଅପମାନିତ ହୋଇଛି। ୧୫ ମାସରେ ରାଜ୍ୟରେ ୪୦,୯୪୭ ମହିଳା ବିରୋଧୀ ହିଂସା ସଂଗଠିତ ହୋଇଥିଲା ବେଳେ ୪ ହଜାରରୁ ଊର୍ଦ୍ଧ୍ୱ ଦୁଷ୍କର୍ମ ଘଟିଛି। ଏହି ପରିସଂଖ୍ୟାନ ଖୋଦ୍ ମୁଖ୍ୟମନ୍ତ୍ରୀ ଓଡ଼ିଶା ବିଧାନସଭାରେ ଲିଖିତ ଭାବେ ଉପସ୍ଥାପନ କରିଛନ୍ତି। ଏହି ପରିସଂଖ୍ୟାନ ଓ ରିପୋର୍ଟରୁ ସ୍ପଷ୍ଟ ବାରି ହେଉଛି ଓଡ଼ିଶାରେ ନାରୀ ସୁରକ୍ଷିତ ନୁହଁନ୍ତି। ଲୋକଦେଖାଣିଆ ଭାବେ ସରକାର ମହିଳାଙ୍କ ପାଇଁ ଯୋଜନା କରିବା ପରିବର୍ତ୍ତେ ମହିଳା ସୁରକ୍ଷା, ନିରାପତ୍ତା, ବିକାଶ ଓ ସଶକ୍ତିକରଣ ନିମନ୍ତେ ଆନ୍ତରିକତାର ସହ ରାଜ୍ୟ ସରକାର ଉଦ୍ୟମ କରନ୍ତୁ ବୋଲି ବିଜେଡି ଦାବି କରିଛି।

# ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିଦର୍ଶନ କଲେ ବିଧାନସଭା କମିଟି



ଭୁବନେଶ୍ୱର, ୯।୧(ସମିସ): ଖଦି; ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଅଧିକରୁ ଅଧିକ ଖଦି ପିନ୍ଧିଲେ, ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିଦର୍ଶନ ସମୟରେ ଖଦିର ପୁନରୁତ୍ଥାନ ପାଇଁ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି।

ବିଧାନସଭା କମିଟି ସମ୍ମୁଖରେ ଖଦି ବୋର୍ଡ ସଦସ୍ୟ ଓ ବୁଣାକାରମାନେ ଖଦିର ପୁନରୁତ୍ଥାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆବଶ୍ୟକୀୟ କଞ୍ଚାମାଲ ଯୋଗାଣ, ରିହାତି ବୃଦ୍ଧି, ବୁଣାକାରଙ୍କୁ ଭତ୍ତା ପ୍ରଦାନ, ନୂଆ ଗୋଦାମ ଗୃହ ନିର୍ମାଣ, ଚଳନ୍ତି ପୁଞ୍ଜି, ନୂତନ କର୍ମଚାରୀ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ, ଡିଜିଟାଲ ମାର୍କେଟିଂ, ନୂତନ ବିକ୍ରୟ କେନ୍ଦ୍ର ଖୋଲିବା ଆଦି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଥିଲେ। ସ୍ଥାନୀୟ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ବିଧାନସଭା ପେପରସ୍ ଲେଡ୍ ଅନ୍ ଦ ଟେବୁଲ୍ କମିଟି ଅଧ୍ୟକ୍ଷ ତଥା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କମିଟି ସଭ୍ୟ ବିଧାୟକ ଅରବିନ୍ଦ ମହାପାତ୍ର, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ବୋର୍ଡ ଅଧ୍ୟକ୍ଷ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସଚିବ ସଞ୍ଜୟ ମିଶ୍ର, କେନ୍ଦ୍ର ଖଦି କମିଶନର ରାଜ୍ୟ ନିର୍ଦ୍ଦେଶକ ସୁଭାଷ ଛେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କଲା ଉଚ୍ଚସ୍ତରୀୟ କମିଟି**

# ଶିକ୍ଷା ଓ ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୯ ।୧(ସମିସ): ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ/ଅଧ୍ୟାପକ ଓ କର୍ମଚାରୀଙ୍କ ସମସ୍ୟାକୁ ସମାଧାନ କରିବାକୁ ଅବସରପ୍ରାପ୍ତ ଆଇଏଏସ୍ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ୪ ଜଣିଆ ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ସମସ୍ୟା ଏବଂ ବିଭିନ୍ନ ସଂଘର ଦାବିକୁ ତର୍ଜମା କରି ସେମାନଙ୍କ ଦାବିକୁ କିପରି ସମାଧାନ କରାଯାଇପାରିବ, ସେନେଇ ବିଚାରବିମର୍ଶ କରିଛନ୍ତି। ଏହାସହ ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାପରେ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ବିକାଶ, ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ଲାଗୁ ହେବା ପରେ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା କୁଳପତି, ଅଧ୍ୟାପକ ଓ ଅଣଶିକ୍ଷକ ପଦ ପୂରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ମହାବିଦ୍ୟାଳୟଙ୍କୁ ସଂଗଠିତ ମାନ୍ୟତା ଆଦି ବିଷୟରେ ବ୍ୟାପକ ଆଲୋଚନା କରିଛନ୍ତି। ଏହି ଅବସରରେ କମିଟିର ସଦସ୍ୟ ଥିବା ଓଏଫ୍ଏସ୍ ଶାନ୍ତନୁ କୁମାର ସାହୁ, ଅବସରପ୍ରାପ୍ତ ଓଇଏସ୍ ସନାତନ ପଣ୍ଡା ଏବଂ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୬୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୯ ।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ବର୍ଷ ଆରମ୍ଭରୁ ମାଓ ସଂଗଠନକୁ କ୍ରମାଗତ ଭାବେ ଶକ୍ତ ଧକ୍କା ଲାଗି ଆସୁଥିବା ବେଳେ ଆଜି ପୁଣି ମାଓ ସଙ୍ଗଠନ ଛାଡ଼ି ୬୩ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ଦନ୍ତେୱାଡ଼ାରେ ଆଜି ୬୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୮ ଜଣ ମହିଳା ମାଓବାଦୀ ରହିଛନ୍ତି। ଏଥିରେ ପଶ୍ଚିମ ବସ୍ତର ଡିଭିଜନ୍ କମିଟି ସଚିବ ମୋହନ କଡତି ମଧ୍ୟ ନିଜ ପତ୍ନୀଙ୍କ ସହ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ନକ୍ସଲ ନିପାତ ଦିଗରେ ଏହି ଘଟଣାକୁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ତେବେ ଏମାନଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ୮ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିବା ବେଳେ ୭ ଜଣଙ୍କ ନାମରେ ୫ ଲକ୍ଷ, ୮ ଜଣ ମାଓବାଦୀଙ୍କ ନାମରେ ୨ ଲକ୍ଷ, ୧୧ଜଣଙ୍କ ନାମରେ ୧ ଲକ୍ଷ ଏବଂ ୩ ଜଣଙ୍କ ନାମରେ ୫୦ ହଜାର ଟଙ୍କା ଲେଖାଏଁ ସର୍ବମୋଟ ୧ କୋଟି ୧୯ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରହିଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ, ସମସ୍ତଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ କରାଯିବ ଓ ପ୍ରତ୍ୟେକ ମାସରେ ୧୦ ହଜାର ଟଙ୍କା ମଧ୍ୟ ସେମାନେ ପାଇବେ ବୋଲି ଏସପି ଗୌରବ ରାୟ କହିଛନ୍ତି।

**ଜନବସତି ନିକଟତର ହାତୀପଲ**

# ହାତୀ ପାଦ ତଳେ ଗଲା ୨ ଜୀବନ




ରାଇରଙ୍ଗପୁର/କରଞ୍ଜିଆ, ୯।୧(ସମିସ): ହାତୀ ପାଦ ତଳେ ଗଲା ୨ ଜୀବନ। ଶୁକ୍ରବାର ଭୋରରେ ରଇଁଆ ନିକଟବର୍ତ୍ତୀ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ବେନିସାଗର ଅଞ୍ଚଳରେ ଏପରି ଏକ ଅଘଟଣ ଘଟିଛି। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀପଲ ହାବୁଡ଼ରେ ପଡ଼ି ୨ଜଣ ଯୁବକ ପ୍ରାଣ ହରାଇଛନ୍ତି। ଜଣେ ଯୁବକଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଛି। ମୃତକଦ୍ୱୟ ଝାଡ଼ଖଣ୍ଡର। ସେମାନଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ଧାନ ଓ ଅନ୍ୟାନ୍ୟ ଫସଲ ଖାଇବା ପାଇଁ ହାତୀପଲ ଜନବସତି ନିକଟତର ହେଉଛନ୍ତି। ଆଜି ଭୋରରେ ଏକ ହାତୀପଲ ବେନିସାଗର ଅଞ୍ଚଳକୁ ପଶି ଆସିଥିଲେ। ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ବେଳେ ହାତୀପଲ ପାଲଟା ଆକ୍ରମଣ କରିଥିଲେ। ଏଥିରେ ୩ଣ ଯୁବକ ଆହତ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି।

**ସମ୍ପର୍କ ସାଜିଲା ବଇରୀ**

# ବାପାର ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ

ମହୁଲଡିହା, ୯।୧(ସମିସ): ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଥାନାରେ ବାପାର ଆତ୍ମସମର୍ପଣ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ଭରାଣ୍ଡିଆ ଗ୍ରାମର ତପନ ବାର୍ଣ୍ଣିଆ। ପୁଲିସ ଅଭିଯୁକ୍ତ ପୁଅ ଅନାମ ବାର୍ଣ୍ଣିଆ (୬୨)କୁ ଗିରଫ କରି




ତଦନ୍ତ ଚଳାଇଛି। ଏହାସହ ତପନର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି।

ଅଧିକାଂଶ ସମୟରେ ତପନ ମଦ ପିଉଥିବାରୁ ପରିବାରରେ କଳହ ହେଉଥିଲା। ବିଶେଷକରି ବାପା ଅନାମ ତାକୁ ବିରୋଧ କରୁଥିବାରୁ ବହୁ ସମୟରେ ବାପା-ପୁଅଙ୍କ ଝଗଡ଼ା ହେଉଥିଲା। ଗୁରୁବାର ରାତିରେ ତପନ ପୁଣିଥରେ ମଦ ପିଇ ଘରକୁ ଫେରିବାରୁ ଅନାମ ତାକୁ ଗାଳିଗୁଲଜ କରିଥିଲେ। ତପନ ମଧ୍ୟ ପାଟିତୁଣ୍ଡ କରିବାରୁ ଅନାମଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ପାଖରେ ପଡ଼ିଥିବା ଏକ ଟାଙ୍ଗିଆରେ ଆକ୍ରମଣ କରି ତପନଙ୍କୁ ହତ୍ୟା କରି ଦେଇଥିଲେ। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ବଳେଲ, ଏସଡିପିଓ ଅନିତା ସାହୁ, ଏସଆଇଅପ ଅମରେଶ ବାରିକ ଓ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ୭/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା

ଅମ୍ବାଦଳା, ୯।୧ (ସମିସ): ଭାଇ ହେଲା ବଇରୀ। ଟାଙ୍ଗିଆରେ ହାଣି ଭାଇକୁ ମାରିଦେଲା। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଇଚ୍ଛାପୁର ପଞ୍ଚାୟତ ବଡ଼ନାଗରେଟି ଗ୍ରାମରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ବଡ଼ନୁନା କଡିମା। ଅମ୍ବାଦଳା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତ ବିସମ୍ବର କଡିମାଙ୍କୁ ପୁଲିସ ଗିରଫ କରିବା ସହ ଘଟଣାସ୍ଥଳରେ ତାଙ୍କୁ ନେଇ ସିନ୍-ରିକ୍ରିଏସନ୍ କରାଇଛି। ଏହାସହ ପୁଲିସ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ମଧ୍ୟ ଜବତ କରିଛି।



ହତ୍ୟାକାରୀ



ମୃତକ

ସୂଚନା ଅନୁଯାୟୀ, ବିସମ୍ବର ସାନବାପାଙ୍କ ପୁଅ ବଡ଼ନୁନା। ଦୁହିଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଆଜି ବଡ଼ନୁନା ନିଜ କାଜୁଲ ବାଡ଼ି ଦେଖିବାକୁ ଯାଉଥିଲେ। ସେତିକିବେଳେ ବିସମ୍ବର ନିଜ ଜମିରେ ଥିବା ଏକ ଜାମୁ କୋଳି ଗଛ କାଟୁଥିଲା। କାହିଁକି ଏତେ ବଡ଼ ଗଛ କାଟି ଦେଉଛୁ ବୋଲି ବଡ଼ନୁନା ପଚାରିବାରୁ ବିସମ୍ବର ଗଛରୁ ଓହ୍ଲାଇ ଆସିଥିଲା। ଉଭୟଙ୍କ ମଧ୍ୟରେ ଗଛକଟାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ବିସମ୍ବର ହାତରେ ଥିବା ଟାଙ୍ଗିଆରେ ବଡ଼ନୁନାଙ୍କୁ ଚୋଟ ପରେ ଚୋଟ ପକାଇଥିଲା। ଏଥିରେ ଘଟଣାସ୍ଥଳରେ ବଡ଼ନୁନା ଟଳି ପଡ଼ିଥିଲା।

ଅପରପକ୍ଷେ, କାଜୁଲବାଡ଼ିରେ ପହଞ୍ଚିବାରେ ବିଳମ୍ବ ହେବାରୁ ବଡ଼ନୁନାଙ୍କ ଝିଅ ଖୋଜାଖୋଜି କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପାଙ୍କୁ ଦେଖି ସାହାଯ୍ୟ ପାଇଁ ଗାଁ ଲୋକଙ୍କୁ ଡାକ ପକାଇଥିଲା। ଗାଁଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ।

**ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ଉଦ୍‌ଯାପିତ**

# ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯ ।୧(ସମିସ): ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଆରମ୍ଭ ହୋଇଛି। ନିଜକୁ କୌଣସି ଗୋଟିଏ କ୍ଷେତ୍ରରେ ଦକ୍ଷ କଲେ ଓଡ଼ିଶାରେ ହିଁ ନିଯୁକ୍ତି ମିଳିପାରିବ ବୋଲି ଆଜି ଅନୁଷ୍ଠିତ ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର




**୯ଟି ଆଇଟିଆଇରେ ଖୋଲିବ ଏଆଇ ଲାବୋରେଟୋରୀ**

ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀଙ୍କୁ କହିଛନ୍ତି। ଦୀର୍ଘସ୍ଥାୟୀ ବିକାଶ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ। ଲୋକଙ୍କୁ ସଶକ୍ତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଯୁବବର୍ଗ ଦକ୍ଷ ଓ ଆତ୍ମବିଶ୍ୱାସୀ ହେଲେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ପାରିବେ, ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଶିଳ୍ପାୟନ ପାଇଁ ଭିତ୍ତିଭୂମି ସହିତ ଅନୁକୂଳ ପରିବେଶ ଏବଂ ଦକ୍ଷତା କ୍ଷେତ୍ରକୁ ସୁଦୃଢ଼ କରି ରାଜ୍ୟର ଇକୋସିଷ୍ଟମ୍‌କୁ ଶ୍ରେଷ୍ଠ କରିବା ପାଇଁ ଉଦ୍ୟମ ଜାରି ରହିଛି। ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଉତ୍କର୍ଷ ଆଇଟିଆଇ ସ୍କିଲ୍ସ୍ କ୍ୟାବିନେଟ୍ ଅନୁମୋଦନ କରାଯାଇଛି। ରାଜ୍ୟର ୪୭ ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପରିଣତ କରି ଉନ୍ନତ ଏବଂ ଅତ୍ୟାଧୁନିକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେହିପରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ପାଇଁ ୯ଟି ଆଇଟିଆଇରେ ଏଆଇ ଲାବୋରେଟୋରୀ ଖୋଲାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଏହି ଦକ୍ଷତା ପ୍ରତିଯୋଗିତା ନୂତନ ଓଡ଼ିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶିତ କରୁଛି। ଛାତ୍ରଛାତ୍ରୀଙ୍କ ପ୍ରତିଭା ଚିହ୍ନଟ କରିବା ସହ ଉତ୍କର୍ଷକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ସୃଷ୍ଟି କରୁଛି। ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୫୪ ଜଣଙ୍କୁ ସ୍ୱର୍ଣ୍ଣ ପଦକ ସହ ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ସହ ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୨୩ ଟି ସ୍ୱର୍ଣ୍ଣ ପଦକ ସହିତ ୧୯ଟି ରୌପ୍ୟ ଓ ୨୨ଟି ବ୍ରୋଞ୍ଜ ପଦକ ପାଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ। ଯୋଜନା ଅନୁସାରେ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି। ମନ ମୁତାବକ କାମ କରନ୍ତୁ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

- ୧୮୩୯-ଭାରତୀୟ ଚା’ ଇଂଲଣ୍ଡରେ ପହଞ୍ଚିଥିଲା।
- ୧୮୬୩-ଲଣ୍ଡନରେ ପ୍ରଥମ ମେଟ୍ରୋ ରେଳସେବାର ଆରମ୍ଭ ହେଲା।
- ୧୯୪୬-ମିଳିତ ଜାତିସଂଘର ପ୍ରଥମ ବୈଠକରେ ୫୧ଟି ରାଷ୍ଟ୍ର ଅଂଶଗ୍ରହଣ କଲେ।
- ୧୯୬୩- ଭାରତ ସରକାର ସ୍ୱର୍ଣ୍ଣ ନିୟନ୍ତ୍ରଣ ଯୋଜନାର ଆରମ୍ଭ କଲେ ।
- ୨୦୦୮ - ଟାଟା ମୋଟର୍ସ ଲକ୍ଷେ ଟଙ୍କିଆ ନାନୋ କାର୍‌କୁ ବଜାରକୁ ଆଣିଲା।



## ନଦୀ ସଫା କରିବ ରୋବଟ୍

ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ସହରୀକରଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ନଦୀ, ଜଳାଶୟଗୁଡ଼ିକ ପ୍ରଦୂଷିତ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଦକ୍ଷିଣ କୋରିଆର ଅଟୋନମସ୍ ରୋବଟ୍ କମ୍ପାନି ‘ଇକୋପିସ୍’ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। ଏହି କମ୍ପାନି ଏବେ ତାର ଜଳ ଗୁଣାବତ୍ତା ପରିଚାଳନା ପଦ୍ଧତିକୁ ବିଶ୍ୱସ୍ତରରେ ବିସ୍ତାର କରିବା ପାଇଁ ଯୋଜନା କରିଛି। ଏବେ ଜଳ ଉତ୍ସଗୁଡ଼ିକ ପ୍ରଦୂଷଣ, ସହରାଞ୍ଚଳର ବିକାଶ ଏବଂ ଶୈବାଳ ଯୋଗୁଁ ପ୍ରଦୂଷିତ ହେଉଛନ୍ତି। ଏଭଳି ସ୍ଥିତିରେ ପାରମ୍ପରିକ ଉପାୟରେ ନଦୀଗୁଡ଼ିକୁ ପରିଷ୍କାର କରିବା ସହଜ ନୁହେଁ। ତେଣୁ ଇକୋପିସ୍ ପ୍ରଦୂଷିତ ଜଳକୁ ସଫା ଲାଗି ଆଡଭାନ୍ସ ରୋବଟ୍ ଏବଂ ଏଆଇକୁ ବ୍ୟବହାର କରୁଛି। ଇକୋପିସ୍‌ର ରୋବଟ୍‌କୁ ଇକୋବଟ୍ କୁହାଯାଉଛି। ଏହା ଅଧା ପାଣିରେ ବୁଡ଼ି ରହେ ଏବଂ ଏହା ପୂରାପୂରି ସ୍ୱୟଂଚାଳିତ। ଏହା ପାଣିରେ ଥିବା ଶୈବାଳକୁ ଚିହ୍ନଟ କରି ପରିଷ୍କାର କରେ। ସଫେଇ ଲାଗି ଏଥିରେ ଷ୍ଟେନଲେସ୍ ଷ୍ଟିଲ୍ ମାଇକ୍ରୋ ଫିଲଟର୍ ଲଗାଯାଇଛି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ନିଜେ ନିଜକୁ ସଫା କରିବାକୁ ସକ୍ଷମ। ଏପରିକି ଆବଶ୍ୟକତା ପଡ଼ିଲେ ଇଲେକଟ୍ରୋକେମିକାଲ ଟ୍ରିଟ୍‌ମେଣ୍ଟ ମାଧ୍ୟମରେ ଏହା ଜଳରେ ଥିବା ପ୍ରଦୂଷକ ତତ୍ତ୍ୱକୁ ନଷ୍ଟ କରିପାରେ। ଉଲ୍ଲେଖନୀୟ କଥାଟି ହେଲା, ଏହି ରୋବଟ୍‌କୁ ଲଗାତାର କାମ କରିବା ପାଇଁ ଡିଜାଇନ୍ କରାଯାଇଛି। ଅନେକ ପ୍ରକାର ସେନସର୍ ସହିତ ଏହା କାମ କରିଥାଏ, ଯାହାକି ବାସ୍ତବିକ ସମୟ ମଧ୍ୟରେ ପାଣି ସହିତ ଜଡ଼ିତ ତଥ୍ୟକୁ ଏକତ୍ର କରେ। ଏହି ତଥ୍ୟ ଏଆଇ ସିଷ୍ଟମ୍ ପର୍ଯ୍ୟନ୍ତ ପହଞ୍ଚେ। ଏହା ପରିସ୍ଥିତି ଅନୁସାରେ, ଜଳ ପ୍ରବାହ ଏବଂ ଫିଲ୍ଟେରେସନକୁ ସ୍ୱୟଂଚାଳିତ ଭାବରେ ନିୟନ୍ତ୍ରଣ କରେ। ଏହାଦ୍ୱାରା ନଦୀରେ ଶୈବାଳ ବିସ୍ତାର ହେବାରୁ ରକ୍ଷା କରାଯାଇ ପାରିବ।



## ବିଶ୍ୱ ହିନ୍ଦୀ ଦିବସ

ଦେଶ ତାର ସୀମା ଓ ଭୌଗଳିକ ପରିସ୍ଥିତି ଯୋଗୁଁ ଚିହ୍ନିତ ହୋଇଥାଏ। ଏହା ପରେ ଏହାର ସବୁଠାରୁ ବଡ଼ ପରିଚୟ ହେଉଛି ତାର ଭାଷା। ଶହ ଶହ ବର୍ଷ ଧରି ସମଗ୍ର ଦେଶକୁ ଏକୀକରଣ କରିବା ପାଇଁ ‘ହିନ୍ଦୀ’ ଭାଷା କାର୍ଯ୍ୟ କରିଆସୁଛି। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତି ବର୍ଷ ୧୦ ଜାନୁଆରୀକୁ ସାରା ବିଶ୍ୱରେ ‘ବିଶ୍ୱ ହିନ୍ଦୀ ଦିବସ’ ଭାବରେ ପାଳନ କରାଯାଏ। କେବଳ ଭାରତ ନୁହେଁ ବରଂ ଅନେକ ଦେଶ ଏହି ଉତ୍ସବରେ ଅଂଶଗ୍ରହଣ କରନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆୟୋଜନ କରିଥିଲେ। ଯେଉଁଥିରେ ୩୦ଟି ଦେଶର ୧୨୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ହିନ୍ଦୀକୁ ବିଶ୍ୱ ସ୍ତରରେ ସର୍ବାଧିକ କଥିତ ଭାଷା ମଧ୍ୟରୁ ଗୋଟିଏ ଭାବରେ ମାନ୍ୟତା ଦେବା ଏବଂ ଅନ୍ତର୍ଜାତୀୟ ଆଲୋଚନାରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀର ସ୍ମୃତିରେ ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆନ୍ତର୍ଜାତିକ ସ୍ତରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ଘୋଷଣା କରିଥିଲେ। ବିଶ୍ୱର ସବୁଠୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡ଼ିକ ମଧ୍ୟରେ ହିନ୍ଦୀ ଅନ୍ୟତମ। ସେପ୍ଟେମ୍ବର ୧୪କୁ ଜାତୀୟ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଥିବାବେଳେ ଜାନୁଆରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଏ। ବାସ୍ତବରେ ହିନ୍ଦୀ ଏକ ଭାଷା ନୁହେଁ ବରଂ ଭାରତୀୟ ସମ୍ପର୍କକୁ ଏକତ୍ର କରି ରଖିପାରିଥିବା ଭାଷା। ଏହି ଭାଷା ମାଧ୍ୟମରେ ବ୍ୟକ୍ତି ନିଜର ହଜାର ବର୍ଷ ପୁରୁଣା ସଂସ୍କୃତି ଏବଂ ସଭ୍ୟତା ସହ ଯୋଡ଼ି ରହିଛି। ବୈଶ୍ୱିକ ସ୍ତରରେ ମଧ୍ୟ ହିନ୍ଦୀ ଭାଷା ଲୋକମାନଙ୍କୁ ନିଜ ପ୍ରତି ଆକର୍ଷିତ କରିପାରିଛି। ଏହି କାରଣରୁ ହିନ୍ଦୀ ଭାଷାର ଅନେକ ଶବ୍ଦ ଇଂରାଜୀ ଶବ୍ଦକୋଷରେ ଦେଖିବାକୁ ମିଳିଥାଏ। ସାରା ବିଶ୍ୱରେ ୩୦ରୁ ଅଧିକ ଦେଶରେ ହିନ୍ଦୀ ଶିକ୍ଷା ଦିଆଯାଉଛି ଏବଂ ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଅଧ୍ୟୟନ କେନ୍ଦ୍ର ଖୋଲାଯାଇଛି। ହିନ୍ଦୀ ଭାଷାକୁ ସାରା ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରି ଏହି ଭାଷାର ମହତ୍ତ୍ୱ ବଢ଼ାଇବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ।

## ‘ହମ୍‌ରାଜ୍ ୨’ରେ ଏକାଠି ହେବେ କି ଅକ୍ଷୟ-ବବି

‘ଧୁରନ୍ଧର’ ଫିଲ୍ମ ହିଟ୍ ହେବା ପରେ ଅଭିନେତା ଅକ୍ଷୟ ଖାନ୍ନାଙ୍କ ଲୋକପ୍ରିୟତା ବେଶ୍ ବଢ଼ିଯାଇଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ଦର୍ଶକଙ୍କ ମନ ଜିଣିଛନ୍ତି। ‘ଆନିମଲ’ ଫିଲ୍ମ ରିଲିଜ୍ ହେବା ସମୟରେ ଠିକ୍ ଏହିପରି ବବି ଦେଓ୍ୱଲଙ୍କ ସହ ହୋଇଥିଲା। ରଣବୀର କପୁରଙ୍କ ଅପେକ୍ଷା ବବିଙ୍କ ଅଭିନୟକୁ ବେଶ୍ ପସନ୍ଦ କରାଯାଇଥିଲା। ଏବେ ଦର୍ଶକେ ବବି ଓ ଅକ୍ଷୟଙ୍କୁ ‘ହମ୍‌ରାଜ୍’ର ସିକ୍ୱେଲରେ ପୁଣି ଥରେ ଏକାଠି ଦେଖିବାକୁ ଇଚ୍ଛା କରିଛନ୍ତି। ଏକଥା ‘ହମ୍‌ରାଜ୍’ର ପ୍ରଯୋଜକ ରତନ ଜୈନଙ୍କ କାନରେ ପଡ଼ିବାରୁ ଭଲ କାହାଣୀ ମିଳିବା ସହ ଉଭୟଙ୍କ ବୟସ ଅନୁସାରେ ଭୂମିକା ମିଳିଲେ ନିଶ୍ଚୟ ସେ ଏହାର ସିକ୍ୱେଲ ଆଣିବେ ବୋଲି କହିଛନ୍ତି। ରତନ, ଅକ୍ଷୟଙ୍କ ବାବଦରେ କହିଛନ୍ତି ଯେ, ‘ସେ ଏମିତି ଜଣେ ଅଭିନେତା ଯିଏ ବାଛି ବାଛି ଫିଲ୍ମ କରନ୍ତି। ଯଦି ଫିଲ୍ମର କାହାଣୀ ପସନ୍ଦ ନ ଆସିଲା ତେବେ ସେ ତୁରନ୍ତ ପ୍ରତ୍ୟାଖ୍ୟାନ କରିଦିଅନ୍ତି।’ ଏଠାରେ ପ୍ରକାଶ ଥାଉ କି, ଅକ୍ଷୟ ଖାନ୍ନା, ଅମିଷା ପଟେଲ ଓ ବବି ଦେଓ୍ୱଲଙ୍କ ଅଭିନୀତ ‘ହମ୍‌ରାଜ୍’ ୨୦୦୨ରେ ଆସିଥିଲା। ଏହାର କାହାଣୀ ପ୍ରେମ, ଧୋକା ଓ ସସ୍‌ପେନ୍ସ ଉପରେ ଆଧାରିତ ଥିଲା।



## ମକର ମେଳା



ଜଗଦୀଶ ସାହୁ

କୁନା ମୁନା ଟୁନା ମକର ମେଳା
ବୁଲି ବାହାରିଲେ ଉପର ବେଳା
ଗାଆଁ ପଡ଼ିଆରେ ହେଉଛି ଯାତ
ଦୂରକୁ ଶୁଭୁଛି ମାଇକି ଗୀତ
ଦୋକାନ ବସିଛି ଧାଡ଼ିକି ଧାଡ଼ି
ଜେଜେ କିଣୁଛନ୍ତି ସୁନ୍ଦର ପାମ୍ପୁଡ଼ି
ଜେଜେମା କହୁଛି ମିଠେଇ ଖଜା
ଖାଇଲେ ପାଟିକୁ ଲାଗିବ ମଜା
ଜେଜେମା କଥା ଶୁଣିକି ଜେଜେ
ପକେଟ ଅଣ୍ଡାଳି କହିଲେ ନିଜେ
ଅଣ୍ଟାରେ ଅଛି ମୋ ଅଳପ ଧନ
ବେଶି ଖାଇବାକୁ ନ କର ମନ
କହୁଥିଲ ପରା ଦୋଳି ଖେଳିବ
ଖେଳିସାର ଯେବେ ଟଙ୍କା ବଳିବ
କିଣିଦେବି ଗୋଟେ ସୁନ୍ଦର ପାଟ
ପାଟ ପିନ୍ଧି ତମେ କରିବ ନାଟ
ଅନତି ଦୂରରେ ପିଲାଏ ଥାଇ
ଥଟ୍ଟାମଜା ଦେଖି ଆନନ୍ଦ ପାଇ
ହସି କହେ କୁନା ସାଙ୍ଗମାନଙ୍କୁ
କହିବି କଥାଏ ନିଅ ମନକୁ
ଜେଜେ ଜେଜେମା ଶିଖାଇ ଦେଲେ
ପରସ୍ପର ସ୍ନେହ ମମତା ଥିଲେ
ଆପେ ଆପେ ହସି ଉଠିବ ଘର
ଘର ପାଲଟିବ ସରଗପୁର ।

ସଞ୍ଜପଡ଼ା, ଢେଙ୍କାନାଳ
ମୋ-୯୦୭୮୧୮୫୬୧୬



## ବିଶ୍ୱବିଜୟୀ




ସୁଜିତ କୁମାର ମିଶ୍ର

ବାଲ୍ୟ କାଳୁ ଥିଲା ତାଙ୍କର
ଈଶ୍ୱର ଭକ୍ତି ମନ,
ପିତାମାତାଙ୍କୁ କରୁଥିଲେ ସେ
ଶ୍ରଦ୍ଧା ଓ ସନମାନ ।
ଭୁବନେଶ୍ୱରୀ ବିଶ୍ୱନାଥଙ୍କ
କୋଳ ମଣ୍ଡନ କଲେ,
ଦୁଃଖୀରଙ୍କୀଙ୍କ ଆଖିରୁ ସିଏ
ଲୁହକୁ ପୋଛୁଥିଲେ ।
ପିଲାଦିନର ନାମଟି ତାଙ୍କ
ଥିଲା ଯେ ‘ବିଲେ’ ଜାଣ,
ହୋଇଲେ ସିଏ ନରେନ୍ଦ୍ର ନାଥ
ତା’ପରେ ପ୍ରତିକ୍ଷଣ ।
ଧରମ ଭାବ ପଥରେ ଯାଇ
କରମ କଲେ ନିତି,
ସଂସାର ହିତେ ହେଲେ ସନ୍ୟାସୀ
ତେଜି ସଂସାର ପ୍ରୀତି ।
ଚିକାଗୋ ଯାଇ ରଖିଲେ ଯଶ
ଧରମ ଗୁରୁ ହୋଇ,
ବିଶ୍ୱ ବିଜୟୀ ବୋଲାଇଲେ ସେ
ମିଠା ଭାଷଣ ଦେଇ ।
ପରମ ହଂସ ରାମକୃଷ୍ଣଙ୍କୁ
ବରିଥିଲେ ସେ ଗୁରୁ,
ତାଙ୍କ ଆଦର୍ଶ ଜୀବନେ ଥିଲା
ପ୍ରେରଣା ଭରା ତରୁ ।
ବିବେକାନନ୍ଦ ନାମରେ ସିଏ
ସାରା ଜଗତେ ଖ୍ୟାତ,
ତାଙ୍କୁ ପୂଜିଲେ ହୋଇବ ପିଲେ
ସୁଗମ ଚଲାପଥ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨



- ଜାନୁଆରୀ ମାସେ ଏ ପର୍ବ ଆସେ
  ମାଳ ମାଳ ଗୁଡ଼ି ଆକାଶେ ଦିଶେ
  ଦକ୍ଷିଣକୁ ଛାଡ଼ି ପ୍ରଭୁ ତପନ
  ଉତ୍ତରକୁ କରନ୍ତି ଆଗମନ
  ଦିନ ବଡ଼ ହୁଏ ସେହି ଦିନରୁ
  ଆରାମ ମିଳଇ ଶୀତ ଦାଉରୁ
  ମହାନ ପରବଟିଏ
  ଚାଉଳ ପ୍ରସାଦ ଲାଗିହୋଇ ଥାଏ
  କୁହ ତା’ର ନାମ କିଏ।
  ଉତ୍ତର-ମକର ସଂକ୍ରାନ୍ତି



- ଚଢ଼େଇ ନୁହେଁ ସେ ଉଡ଼େ ଆକାଶେ
  ପବନ କମିଲେ ତଳକୁ ଖସେ
  ନଟେଇ ସୂତାରେ ତାହାକୁ ଯୋଡ଼ି
  ସରାଗେ ପିଲାଏଁ ତାକୁ ଉଡ଼ାନ୍ତି
  ନାନା ରଙ୍ଗେ ମିଳେ ସିଏ
  କାଗଜରେ ଗଢ଼ା ତାହାର ଶରୀର
  କୁହ ତା’ର ନାମ କିଏ।
  ଉତ୍ତର-ଗୁଡ଼ି
- ତେଲବୀଜ ସହ ଗୁଡ଼ ମିଶେଇ
  ଅତି ମନଲୋଭା ଲଡୁ ବନଇ
  ମକର ସଂକ୍ରାନ୍ତି ଯେବେ ଆସଇ
  ଭୋଗ ପାଇଁ ସିଏ ଖୋଜା ହୁଅଇ
  ସୁଆଦରେ ଅନୁପମ
  ଧଳା ଅବା କଳା ରଙ୍ଗଟି ତାହାର
  କୁହ ଦେଖି ତା’ର ନାମ।
  ଉତ୍ତର-ରାଶି ଲଡୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ


## ଜଳବାୟୁକୁ ନେଇ ଜୀବନ



ଦେବେନ୍ଦ୍ର କର


ଗୋଟେ ଜଙ୍ଗଲରେ ଗୋଟେ ବାଘ ରହୁଥିଲା। ସେ ଖୁବ୍ ବଳବାନ ଆଉ ସାହସୀ ଥିଲା। ଜଙ୍ଗଲରେ ତାକୁ ସଭିଏଁ ଖୁବ୍ ଡରୁଥିଲେ। ଦିନେ ସେ ଦୂର ଯାଗାକୁ ଯିବ ବୋଲି ସ୍ଥିର କଲା ଆଉ ତା ଯାତ୍ରା ଆରମ୍ଭ କଲା। ଅନେକ ବାଟ ଅତିକ୍ରମ ପରେ ସେ ଗୋଟେ ମରୁଭୂମିରେ ପହଞ୍ଚିଲା। ଏମିତି ଜାଗା ସେ ପୂର୍ବରୁ କେବେ ଦେଖିନଥିଲା। ମନେ ମନେ ଭାବିଲା, ଏଠି ମତେ କେହି ଚିହ୍ନନ୍ତି ନାହିଁ, ଭଲ ହେଲା ଏଠି ନୂଆନୂଆ ଶୀକାର କରି ମନ ଆନନ୍ଦରେ ଖାଇବି। ହେଲେ ଏ କ’ଣ ଚାରିଆଡ଼େ ଖାଲି ବାଲି ଆଉ ବାଲି। ଛୋଟ ବଡ଼ ଖାଲି କଣ୍ଟାଳିଆ ଗଛ। କେଉଁଠି ଗୋଟେ ଜଳାଶୟ ବି ଦିଶୁ ନ ଥାଏ। ତତଲା ପବନ ଦେହ ପୋଡ଼ି ଦେଉଥାଏ। ଏଇ ସମୟରେ ସେ ଦେଖିଲା ଗୋଟେ ଓଟ ଦଳ ତା ଆଡ଼କୁ ଆସୁଛନ୍ତି। ବାଘ ତାଙ୍କ ପାଖକୁ ଯାଇଁ କହିଲା ମୁଁ ଜଙ୍ଗଲର ରାଜା। ତମ ଆଡ଼େ ମୁଁ ବୁଲି ଆସିଛି। ଦେଖୁଛି ଏ ଜାଗା ତ ବଡ଼ ଅଦ୍ଭୁତ। ଏ ଜାଗାରେ ତମେ ସବୁ କେମିତି ରହୁଛ? ସେହି ଓଟମାନଙ୍କ ମଧ୍ୟରୁ ଓଟଟିଏ କହିଲ- ତୁମ ଜଙ୍ଗଲ ପରି ଇଏ ନୁହେଁ। ଇଏ ହେଲା ମରୁଭୂମି। ଆଉ ଜଣେ ଓଟ କହିଲା, ମରୁଭୂମି ଆମ ବାସଗୃହ। ଏ ଯୋଉ ତତଲା ଖରା ଆଉ ଗରମ ପବନ ଦେଖୁଛ ଇଏ ଆମ ପାଇଁ ସାମାନ୍ୟ ମାତ୍ର। ତୁମେ ଏଠି କଦାପି ଚଳି ପାରିବ ନାହିଁ। ଦିନରେ ଖରା ରାତିରେ ବହୁତ ଥଣ୍ଡା। ଆମେ ମରୁଭୂମିର ବାଦଶାହା। ବାଘ କୋଉ ଛାଡ଼ିଲାବାଲା, ସଙ୍ଗେ ସଙ୍ଗେ ବାହାଦୂରୀ ଦେଖାଇ କହିଲା, ସେମିତି କହିବ ନାହିଁ ମୁଁ ବି ମରୁଭୂମିରେ ରହିପାରିବି। ଏ ଖରାତାତି ମୋ ପାଇଁ ବି ସାମାନ୍ୟ। ଓଟମାନେ ଏକ ସଙ୍ଗରେ କହିଲେ, ସବୁ ଜଳବାୟୁ ସମାନ ନୁହେଁ। କାହିଁ ବାହାଦୂରୀ ଦେଖାଉଛ। ସେମିତି ସାହସ କରନି ନିଜେ ବିପଦରେ ପଡ଼ିବ। ଜଙ୍ଗଲ ଅଲଗା ଆଉ ମରୁଭୂମି ର ନିୟମ ବି ଅଲଗା। ତୁମ ଏଠୁ ଚାଲିଯାଅ ନହେଲେ ଟୋପେ ପାଣି ପାଇଁ ତହଳ ବିକଳ ହୋଇ ଜୀବନ ଚାଲିଯିବ। ବାଘ କିନ୍ତୁ ନିଜ ଜିଦ୍‌ରେ ଅଡ଼ି ବସିଲା। କହିଲା ଦେଖ, ଆଜିଠାରୁ ମୁଁ କେମିତି ମରୁଭୂମିରେ ଆରାମରେ ରହୁଛି। ସେଦିନ ଦିନ ତମାମ ଖରା ଗରମ ସହି ବାଘ କଷ୍ଟେ ମଷ୍ଟେ ମରୁଭୂମିରେ ପଡ଼ି ରହିଲା। ରାତିର ଭୀଷଣ ଥଣ୍ଡା ପଡ଼ିଲା, ଜାକିଜୁକି ହୋଇ କଣ୍ଟାବୁଦା କଡ଼ରେ ଶୋଇଗଲା। ବିଚରା କରିବ କ’ଣ ସାହସ ଦେଖାଇ କହିଦେଇଚି। ବଡ଼ ଅସହ୍ୟ ଥିଲା ଦିନ ଓଳି ତାତି ସାଙ୍ଗକୁ ବାଲିଧୂଳି ଝଡ଼। ହେଲେ ବାଘ ଟିକେ ବି ତା କଷ୍ଟ ଜଣେଇବାକୁ ଦେଲା ନାହିଁ। ଚାହୁଁ ଚାହୁଁ ଦୁଇ ଦିନ ବିତିଗଲା। ତୃତୀୟ ଦିନକୁ ବାଘର ଅବସ୍ଥା ଅସମ୍ଭାଳ ହେଇଗଲା। ଖାଇବା ଦୂର କଥା ପାଣି ଟୋପେ ବି ନାହିଁ କେଉଁଠି। ସବୁ ଆଡ଼େ ବୁଲି ଆସି ନିରାଶ ହେଇ ଫେରିଲା। ଓଟମାନେ କହିଲେ ଆରେ ତୁମକୁ ଏଠି ଖାଦ୍ୟ କି ପାଣି କିଛି ମିଳିବ ନାହିଁ। ଆମେ ସାତ ଆଠ ଦିନରେ ଥରେ ଦୂରକୁ ଯାଇଁ ପାଣି ପିଇ ଦେଇ ଆସୁ, ଏଥିରେ ଆମେ ଅଭ୍ୟସ୍ତ। ବାଘ କହିଲା, ତୁମେ ସତରେ ମରୁଭୂମିର ବାଦଶାହା। ଏଠି ମୋ ତଣ୍ଟି ଶୁଖି ଗଲାଣି, ଦେହହାତ ପୋଡ଼ି ଗଲାଣି। ମୁଁ ଏଠି ଆଉ ଘଡ଼ିଏ ବି ରହିପାରିବି ନାହିଁ। ତୁମେ ତୁମ ମରୁଭୂମିରେ ଭଲରେ ରୁହ ମୁଁ ଚାଲିଲି ମୋ ଜଙ୍ଗଲ। ଜଣେ ବୟସ୍କ ଓଟ ବାଘକୁ ବୁଝେଇଲା, ଜଳବାୟୁକୁ ନେଇ ଜୀବନ। ମରୁଭୂମିରେ ପାଣି ମିଳିବା ସ୍ୱପ୍ନ। ପାଣି ପାଇଁ ଆମକୁ ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡେ। ଗୋଟେ ଥର ପାଣି ପିଇଲେ ଆମେ ଅନେକ ଦିନ ରହିପାରୁ। ଯିଏ ଯେମିତି ବଞ୍ଚି ପାରିବ ସୃଷ୍ଟିକର୍ତ୍ତା ସେଇ ଅନୁରୂପ ତାକୁ ଗଢ଼ିଛନ୍ତି। ବାଘ ଏଥର ନିଜ ଭୁଲ୍ ବୁଝିଲା ଆଉ ଜଙ୍ଗଲକୁ ଲେଉଟି ଆସିଲା।

ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦


















**ସଞ୍ଜନା ହେମ୍ବ୍ରମ୍**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

**ହର୍ଷବର୍ଦ୍ଧନ ମଣ୍ଡଳ**
ତୃତୀୟ ଶ୍ରେଣୀ
ସେଣ୍ଟ ଜୋସେଫ୍ ସ୍କୁଲ
ୟୁନିଟ୍ ୯, ଭୁବନେଶ୍ୱର

**ବେଦବ୍ରହ୍ମା ପାଢ଼ୀ**
ଏଲ୍‌କେଜି
କିଡ୍‌ଜି
ପୋଖରୀପୁଟ, ଭୁବନେଶ୍ୱର

**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



# କ୍ରୀଡ଼ା




ସକାଳ
THE SAKALA
www.sakalaepaper.com


## ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୁମ୍ବଇ, ୯।୧(ଏଜେନ୍ସି): ନୃତ୍ୟ, ସଙ୍ଗୀତ ଓ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ-୨୦୨୬ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଶୁକ୍ରବାର ୫ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍ ହିନ୍ଦୀ ସଙ୍ଗୀତର ତାଳେ ତାଳେ ତାଙ୍କ ଟ୍ରୁପ୍ ସହ ନୃତ୍ୟ ପରିବେଷଣ କରିଥିଲେ। ପରେ ତାଙ୍କ ସହ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ଯୋଗ ଦେଇଥିଲେ। ଶେଷରେ ଖ୍ୟାତନାମା ଗାୟକ ହନି ସିଂ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ଯୋଗଦେଇଥିଲେ ଜ୍ୟାକ୍‌ଲିନ୍ ଓ ହରନାଜ୍। ଦୀର୍ଘ ଏକ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଓ ଏହାକୁ ଦେଖିବା ଲାଗି ଷ୍ଟାଡିୟମ୍‌ରେ ଖଚାଖଚ ଦର୍ଶକ ଉପସ୍ଥିତ ଥିଲେ। ମହିଳା ପ୍ରିମିୟର ଲିଗ୍‌ର ଲୋକପ୍ରିୟତା ଦର୍ଶକଙ୍କ ଉପସ୍ଥିତି ଦର୍ଶାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଗତବର୍ଷ ଭଳି ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚ ୫ରେ ଟୁର୍ଣ୍ଣାମେଣ୍ଟ ଶେଷ ହେବ। ଅଂଶଗ୍ରହଣକାରୀ ଦଳଗୁଡିକ ହେଲେ ଦୁଇଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ, ଥରେ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜାଏଣ୍ଟସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ।

**ମହିଳା ପ୍ରିମିୟର ଲିଗ୍**

## ବେଙ୍ଗାଲୁରୁକୁ ଜିତାଇଲେ ଡି କ୍ଲେର୍କ

ମୁମ୍ବଇ, ୯।୧(ଏଜେନ୍ସି)



ଧମାକାଦାର ମୁକାବିଲା ସହ ଆରମ୍ଭ ହୋଇଛି ମହିଳା ପ୍ରିମିୟର ଲିଗ୍ କ୍ରିକେଟ। ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ନାଦିନ ଡି କ୍ଲେର୍କଙ୍କ ଅଲରାଉଣ୍ଡ ସଫଳତା ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୩ ୱିକେଟରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଡି କ୍ଲେର୍କ ପ୍ରଥମେ ଘାତକ ବୋଲିଂ କରି ୨୪ ରନ୍‌ରେ ୪ ୱିକେଟ ନେବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୧୫୪ ରନ୍ କରିଥିଲା। ପରେ ୧୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିୟମିତ ୱିକେଟ ହରାଇଥିଲେ ମଧ୍ୟ ଡି କ୍ଲେର୍କ ଅପରାଜିତ ୬୩ ରନ୍ କରି ଦଳକୁ ଅବିଶ୍ୱନୀୟ ବିଜୟ ପ୍ରଦାନ କରିଥିଲେ। ତାଙ୍କୁ ଯଥାର୍ଥରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଭଲ ବୋଲିଂ କରିବା ପରେ ବେଙ୍ଗାଲୁରୁ ୧୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନିୟମିତ ୱିକେଟ ହରାଇଥିଲା। ଏପରିକି ଅଧିନାୟିକା ତଥା ସୁପରଷ୍ଟାର ସ୍ମୃତି ମନ୍ଧାନା ୧୮, ଡି ହେମଲତା ୭, ରିଚା ଘୋଷ ୬ ଓ ପ୍ରଥମ ଓଭରରୁ ୨୦ ରନ୍ ସହ ବିସ୍ଫୋରକ ଆରମ୍ଭ କରିଥିବା ଗ୍ରେସ୍ ହାରିସ ୧୨ ବଲ୍‌ରୁ ୨୫ ରନ୍ କରି ଆଉଟ ହୋଇଥିଲେ। ୮ମ ଓଭର ବେଳକୁ ବେଙ୍ଗାଲୁରୁ ୬୫ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଡି କ୍ଲେର୍କ, ଅରୁନ୍ଧତି ରେଡ୍ଡୀଙ୍କ ସହ ୬ଷ୍ଠ ୱିକେଟରୁ ୫୧ ବଲ୍‌ରେ ୫୨ ଓ ଅବିଭକ୍ତ ୮ମ ୱିକେଟରେ ପ୍ରେମା ରାୱତଙ୍କ ସହ ୧୮ ବଲ୍‌ରୁ ୩୬ ରନ୍ ସଂଗ୍ରହ କରିବା ଫଳରେ ମ୍ୟାଚ୍‌ର ଶେଷ ବଲରେ ଦଳ ବିଜୟୀ ହୋଇଥିଲା। ଶେଷ ଓଭରରେ ବେଙ୍ଗାଲୁରୁ ମ୍ୟାଚ୍ ଜିତିବାକୁ ୧୮ ରନ୍ ଆବଶ୍ୟକ ହେଉଥିଲାବେଳେ ନାତାଲି-ସିଭର ବ୍ରଣ୍ଟ ବୋଲିଂ କରିଥିବା ଏହି ଓଭରରୁ ୨୦ ରନ୍ ସଂଗ୍ରହ କରି ଡି କ୍ଲେର୍କ ଏହି ମ୍ୟାଚ୍‌କୁ ଜିତାଇଥିଲେ। ଡି କ୍ଲେର୍କ ୪୪ ବଲ୍‌ରୁ ୭ ଚୌକା ଓ ୨ଛକା ସହ ୬୩ ଓ ପ୍ରେମା ୪ବଲ୍‌ରୁ ୮ ରନ୍ କରି ଅପରାଜିତ ରହିଥିଲେ। ଅରୁନ୍ଧତି ୨୦ ରନ୍‌ର ଯୋଗଦାନ ଦେଇଥିଲେ। ପୂର୍ବରୁ ୬୭ ରନ୍‌ରେ ୪ ୱିକେଟ ହରାଇଥିବା ମୁମ୍ବାଇ ୬ ୱିକେଟରେ ୧୫୪ ରନ୍ କରିଥିଲା। ଦଳ ପକ୍ଷରୁ ସଞ୍ଜୀବନ ସଜନା ସର୍ବାଧିକ ୪୫ ଓ ନିକୋଲା କ୍ୟାରୀ ୪୦ ରନ୍ କରିଥିଲେ।

### ଆଜିର ମ୍ୟାଚ୍

| | |
|---|---|
| ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |

ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ

ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

## ୮ ବର୍ଷ ପରେ ସେମିରେ ସିନ୍ଧୁ

କ୍ୱାଲାଲମ୍ପୁର, ୯।୧(ଏଜେନ୍ସି): ଭାରତର ନଂ-୧ ମହିଳା ଖେଳାଳି ପିଭି ସିନ୍ଧୁ ଦୀର୍ଘ ୯ ବର୍ଷ ପରେ ମାଲେସିଆ ଓପନର ସୁପର-୧୦୦୦



ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଅନୁଷ୍ଠିତ ମହିଳା ବିଭାଗରେ ପ୍ରଥମ କ୍ୱାର୍ଟର ଫାଇନାଲର ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ନଂ-୩ ଖେଳାଳି ଆକାନେ ୟାମାଗୁଚି ମୁକାବିଲାରୁ ଓହରିଯିବାରୁ ସିନ୍ଧୁ ସେମିରେ ପ୍ରବେଶ କରିଥିଲେ।

● ଓଡ଼ିଶା ଓପନ ଟେନିସ

## ସେମିରେ ତ୍ରିଶା, ସୁଶ୍ରୀ

ଭୁବନେଶ୍ୱର, ୯।୧(ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ଦ୍ୱାଦଶ ଅଲ୍ ଓଡ଼ିଶା ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ଟେନିସ ସଂଘ ସଭାପତି ଅସିତ ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା ପୁଲିସ୍ ଏଡିଜି ଦୟାଲ ଗଙ୍ଗୱାର, ଉତ୍କଳ ବିଲ୍ଡର୍ସ ଡାଇରେକ୍ଟର ଅମିତ ବୈଦ୍ୟ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି ମୁଖ୍ୟ ଡାକ୍ତର ବିଶ୍ୱଜିତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଆଜି ଖେଳାଯାଇଥିବା ୧୪ ବର୍ଷରୁ କମ୍ ବାଳିକା ବିଭାଗ ସେମିଫାଇନାଲ ଚୂଡାନ୍ତ ହୋଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ସେମିଫାଇନାଲରେ ଏସ୍‌କେ ଶାଜ୍‌ଫାଙ୍କ ସହ ତ୍ରିଶା ସାହୁ, ସୁଶ୍ରୀ କର୍ମାକାରଙ୍କ ସହ ସଂରଚନା ଦାସଙ୍କର ମୁକାବିଲା ହେବ।

**ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍**

## ପ୍ରଥମ ୩ଟି ମ୍ୟାଚ୍‌ରୁ ତିଳକ ବାଦ୍




ବେଙ୍ଗାଲୁରୁ, ୯।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଏବଂ ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ଶକ୍ତ ଧକ୍କା। ନିକଟରେ ପେଟରେ ଅସ୍ତ୍ରୋପଚାର କରିଥିବା ତିଳକ ବର୍ମାଙ୍କୁ ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିବା ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଯଥା ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ଜାନୁଆରୀ ୨୩ ଓ ଗୁଆହାଟୀରେ ଜାନୁଆରୀ ୨୫ରେ ଖେଳାଯିବ। ଏହା ପରେ ଜାନୁଆରୀ ୨୮ ଓ ୩୧ରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯିବ କି ନାହିଁ ବିସିସିଆଇ ମେଡିକାଲ ଟିମ୍ ପରୀକ୍ଷା କରିବା ପରେ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ନିକଟରେ ହାଇଦ୍ରାବାଦ୍ ଦଳର ନେତୃତ୍ୱ ନେଇ ବିଜୟ ହଜାରେ ଟ୍ରଫି ଖେଳୁଥିବା ବେଳେ ତିଳକଙ୍କ ତଳିପେଟରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଓ ପରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି ଓ ମେଡିକାଲରୁ ଛାଡ଼ ପାଇଲେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସ ଯିବେ। ସେଠାରେ ତାଙ୍କର ପରବର୍ତ୍ତୀ ଫିଟ୍‌ନେସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହା ପରେ ସେ ଶେଷ ଦୁଇଟି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହେବ। କିନ୍ତୁ ଜଣେ ଅସୁସ୍ଥ ହେବା ପରେ ମ୍ୟାଚ୍ ଫିଟ୍ ହେବା ଲାଗି ବିସିସିଆଇ ପକ୍ଷରୁ ଯେଉଁ ନିର୍ଦ୍ଦେଶାବଳୀ ରହିଛି ସେଥିରେ ତିଳକ ଶେଷ ଦୁଇଟି ମ୍ୟାଚ୍ ଖେଳିବା ସମ୍ଭବ ନୁହେଁ। ଏଣୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କର ଖେଳିବା ଆଶା ବହୁତ କମ୍। ଏହା ପରେ ବିଶ୍ୱକପ୍ ଲାଗି କ'ଣ କରାଯିବ ତାହା ସ୍ଥିର ହେବ। ତିଳକ ବର୍ମାଙ୍କ ଅନୁପସ୍ଥିତି ଭାରତୀୟ ମିଡିଲ ଅର୍ଡରରେ ଶୂନ୍ୟସ୍ଥାନ ସୃଷ୍ଟି କରିବ। ଏଯାଏ କୌଣସି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ଜଣେ ବାମହାତୀ ଖେଳାଳି ଭାବେ ରିଙ୍କୁ ସିଂଙ୍କୁ ବ୍ୟାଟିଂ ଅର୍ଡରରେ ଉନ୍ନତି କରାଯିବ ବୋଲି ଆଶା କରାଯାଉଛି। ଯେ ଯାହା ହେଉ ତିଳକ ବର୍ମା ଖେଳି ନ ପାରିଲେ ବର୍ତ୍ତମାନ ସ୍ଥିତିରେ ଭାରତୀୟ ଟି-୨୦ ଦଳକୁ ଶକ୍ତ ଧକ୍କା ଲାଗିବା ନିଶ୍ଚିତ ହୋଇଛି।



ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ରବିବାର ପ୍ରଥମ ମ୍ୟାଚ୍ ପୂର୍ବରୁ ବରୋଦାରେ ଅଭ୍ୟାସ କରୁଛନ୍ତି ଭାରତୀୟ କ୍ରିକେଟ ଦଳର ସୁପରଷ୍ଟାର ବିରାଟ କୋହଲି।

## ନ୍ୟୁଜିଲାଣ୍ଡ ଦଳରେ ଭାରତୀୟ ବଂଶୋଦ୍ଭବ ଆଦିତ୍ୟ ଅଶୋକ



ବରୋଦା, ୯।୧(ଏଜେନ୍ସି): କ୍ରିକେଟ ଖେଳକୁ ଭାରତର ଧର୍ମ ଓ ସଚିନ ତେନ୍ଦୁଲକରଙ୍କୁ ଇଶ୍ୱର ବୋଲି କୁହାଯାଏ। ଭାରତୀୟମାନେ କେବଳ ଭାରତରେ କ୍ରିକେଟ ଖେଳୁନାହାନ୍ତି, ବିଶ୍ୱର ୯୯ ଭାଗ ଦେଶର ଜାତୀୟ ଦଳରେ ଉପସ୍ଥିତି ଜାହିର କରିଛନ୍ତି। ଏହି ତାଲିକାରେ ଏବେ ଯୋଡି ହୋଇଛନ୍ତି ଆଉ ଜଣେ ଖେଳାଳି ଆଦିତ୍ୟ ଅଶୋକ। ୨୩ ବର୍ଷୀୟ ଏହି ଲେଗ୍ ସ୍ପିନର ନ୍ୟୁଜିଲାଣ୍ଡ ସିନିଅର ଦଳରେ ସାମିଲ ହୋଇ ଭାରତରେ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଆସିଛନ୍ତି। ତାମିଲନାଡୁର ଭେଲୋରରେ ଜନ୍ମ ଗ୍ରହଣ କରିଥିବା ଓ ଅକ୍‌ଲାଣ୍ଡରେ ବଢ଼ିଥିବା ଏହି ଖେଳାଳି ଦୀର୍ଘଦିନ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିବାକୁ ଯୋଜନା କରିଛନ୍ତି। ବିଶେଷ କରି ନ୍ୟୁଜିଲାଣ୍ଡ ସୀମିତ ଓଭର କ୍ରିକେଟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ଇସ୍ ସୋଧୀଙ୍କ ଉତ୍ତରାଧିକାରୀ ଭାବେ ସେ ଏହି ଦଳକୁ ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି। ଆସନ୍ତା ରବିବାରଠାରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବରୋଦାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଆଜି ସେ ବରୋଦାରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ବେଳେ ତାମିଲନାଡୁର ସୁପରଷ୍ଟାର ରଜନୀକାନ୍ତଙ୍କ ଏକ ଚଳଚ୍ଚିତ୍ର ସଂଳାପ ତାଙ୍କ ହାତରେ ଟାଟୁ ହୋଇଥିବାର ଦେଖାଯାଇଥିଲା। ତାହା ହେଉଛି 'ଏନ୍ ଭାଜି ଥାନି ଭାଜି'। ଏହାର ଅର୍ଥ ହେଉଛି 'ମୋ ରାସ୍ତା ହେଉଛି ଅଦ୍ୱିତୀୟ ରାସ୍ତା'। ଏହି ସଂଳାପଟି ରଜନୀକାନ୍ତ ତାମିଲ ଚଳଚ୍ଚିତ୍ର ପାଦାୟାପ୍ପାରେ କହିଛନ୍ତି। ଏହା ଯେପରି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା, ଠିକ୍ ସେହିପରି ଅଶୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଛି। ପୂର୍ବରୁ ସେ ନ୍ୟୁଜିଲାଣ୍ଡ ପକ୍ଷରୁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି।



**ଅସ୍ମିତା ଭାରୋତ୍ତୋଳନ**

## ପ୍ରଥମ ଦିନରେ ବନିତାଙ୍କୁ ୩ ରୌପ୍ୟ

ଭୁବନେଶ୍ୱର, ୯।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଆଜିଠାରୁ ଆରମ୍ଭ ହୋଇଛି ଅସ୍ମିତା ଭାରୋତ୍ତୋଳନ ଲିଗ୍‌ର ଜାତୀୟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାର ବନିତା ନାଏକ ୪୮ କିଲୋଗ୍ରାମ ଶ୍ରେଣୀରେ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୬୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୭୮ କେଜି ଏବଂ ମୋଟରେ ୧୩୮ କେଜି ଓଜନ ଉଠାଇ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟେକ ପଦକ ଲାଗି ୧୨,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ମିଳିଛି। ଫଳରେ ପ୍ରଥମ ଦିନରେ ବନିତା ୩୬,୦୦୦ ଟଙ୍କାର ପୁରସ୍କାର ପାଇଛନ୍ତି। ସେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇ ପରଫର୍ମାନ୍ସ ୱେଟ୍‌ଲିଫ୍ଟିଂ ସେଣ୍ଟରରେ ଅଭ୍ୟାସ କରୁଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତାମାନେ ବନିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପିଏସ୍‌ପିବି କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ ହେଲେ ଅନୁରାଧା



ଭୁବନେଶ୍ୱର, ୯।୧(ସମିସ): ଓଡ଼ିଶାର ଅଲିମ୍ପିଆନ୍ ଆଥ୍‌ଲେଟ ଅନୁରାଧା ବିଶ୍ୱାଳଙ୍କୁ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କାଉନ୍ସିଲ ବୋର୍ଡ (ପିଏସ୍‌ପିବି)ର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏଭଳି ସଫଳତା ପାଇବାରେ ସେ ପ୍ରଥମ ଓଡ଼ିଆ। ଏହି ସମ୍ମାନଜନକ ନିଯୁକ୍ତି ଲାଗି ଅନୁରାଧା ତାଙ୍କ ନିଯୁକ୍ତିଦାତା ନାଲ୍‌କୋ, ପିଏସ୍‌ପିବି ସାଧାରଣ ସମ୍ପାଦକ ଗେନ ବାତ୍ରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ମୋତେ ଅଧିକ କାମ କରିବା ଲାଗି ଉତ୍ସାହିତ କରିବ ବୋଲି ଅନୁରାଧା କହିଛନ୍ତି।

**ମୁସ୍ତାଫିଜୁର ରହମନ ବିବାଦ**

## ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଲେ

ନୂଆଦିଲ୍ଲୀ, ୯।୧(ଏଜେନ୍ସି)



ବାଂଲାଦେଶର ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ କୋଲ୍‌କାତା ନାଇଟ ରାଇଡର୍ସ ବିଦା କରିବା ପରେ ଯେଉଁ ସବୁ ବିବାଦ ସୃଷ୍ଟି ହେଉଛି ତାହାକୁ ନେଇ ତାଙ୍କ ଦେଶର ଖେଳାଳିମାନେ ପ୍ରବଳ ଚାପରେ ରହିଛନ୍ତି। ବାଂଲାଦେଶର ଅଧାରୁ ଅଧିକ ଅନ୍ତର୍ଜାତୀୟ ଖେଳାଳିଙ୍କ ପ୍ରାୟୋଜକ ରହିଛନ୍ତି ଭାରତୀୟ କିମ୍ବା ଭାରତରେ ଅବସ୍ଥିତ କମ୍ପାନୀ। ଭାରତରେ ଟି-୨୦ ବିଶ୍ୱକପ୍ ନ ଖେଳିବା ଲାଗି ବାଂଲାଦେଶ ସରକାର ଓ କ୍ରିକେଟ ବୋର୍ଡ ନିଷ୍ପତ୍ତି ନେବା ଓ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଆଇସିସିକୁ ଅନୁରୋଧ କରିବା ପରେ ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଯାଉଛନ୍ତି। ଏହା ମଧ୍ୟରେ ପ୍ରଥମ ବଡ଼ ପ୍ରାୟୋଜକ ହେଉଛି ଏସ୍‌ଜି ବା ସାନ୍ସପାରେଲସ ଗ୍ରୀନ୍‌ଲାଣ୍ଡସ। ପ୍ରାୟୋଜକ ଭାବେ ଓହରିଯିବାକୁ ଏସ୍‌ଜି ପକ୍ଷରୁ ଏଯାଏ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। କିନ୍ତୁ ଖେଳାଳିଙ୍କ ଏଜେଣ୍ଟଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ବାଂଲାଦେଶର ଟି-୨୦ ଅଧିନାୟକ ଲିଟନ ଦାସଙ୍କ ସହ ଏସ୍‌ଜି ବିପୁଳ ପରିମାଣ ଅର୍ଥରେ ପ୍ରାୟୋଜକ ରହିଛି। ଅନ୍ୟ କମ୍ପାନୀମାନେ ମଧ୍ୟ ଖେଳାଳିଙ୍କ ସହ ହୋଇଥିବା ରାଜିନାମାକୁ ନବୀକରଣ କରିବେ ନାହିଁ ବୋଲି ଅଣଆନୁଷ୍ଠାନିକ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ମୁସ୍ତାଫିଜୁର ରହମନଙ୍କ ବିଦା ହେବା ଘଟଣାକୁ ନେଇ କେବଳ ଦୁଇ ଦେଶର କ୍ରିକେଟ ବୋର୍ଡ ନୁହେଁ ବରଂ ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସ୍ତରରେ ବିବାଦ ସୃଷ୍ଟି ହୋଇଛି। ଦିନକୁ ଦିନ ଏହି ବିବାଦ ବଢ଼ିବାରେ ଲାଗିଛି। ଭାରତ ସରକାର କିମ୍ବା ବିସିସିଆଇ ଏହି ଘଟଣାରେ ଚୁପ୍ ରହିବାକୁ ଉଚିତ ମନେ କରିଛନ୍ତି। ଦେଶ ଚଳାଇବା କିମ୍ବା ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞତା ନ ଥିବା ବାଂଲାଦେଶର ବ୍ୟକ୍ତିବିଶେଷ ଉଗ୍ର ଜାତୀୟତାବାଦକୁ ନେଇ ଯେପରି ମନ୍ତବ୍ୟମାନ ଦେଉଛନ୍ତି ସେଥିରୁ ଏହି ଘଟଣା ଅଧିକ ବିବାଦୀୟ ହୋଇ ପଡୁଛି। ଭାରତରେ ନ ଖେଳିବା ଓ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ ଯେଉଁ ଆବେଦନ କରିଛି ତାହା ଉପରେ ଆଇସିସି ଏଯାଏ କୌଣସି ନିଷ୍ପତ୍ତି ନେଇ ନାହିଁ। ବରଂ ଭାରତରେ ଖେଳିବା ଲାଗି କ୍ରିକେଟ ବୋର୍ଡ ଯେଉଁ ସୁରକ୍ଷା ପ୍ରସଙ୍ଗ ଉଠାଇଛି, ସେଥିରେ କୌଣସି ବିପଦ ନ ଥିବା କଥା ଆଇସିସିର ହୃଦ୍‌ବୋଧ ହୋଇଛି। ଫଳରେ ବାଂଲାଦେଶର ଟି-୨୦ ବିଶ୍ୱକପ୍ କାର୍ଯ୍ୟକ୍ରମ ଏବେ ମଧ୍ୟ ଭାରତରେ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

ଏହି ବିବାଦର ସମାଧାନର ସୂତ୍ର ବାହାରୁ ନ ଥିବାରୁ ବାଂଲାର ଖେଳାଳି ଓ ସପୋର୍ଟଷ୍ଟାଫ୍ ଅସ୍ଥିର ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏମାନେ କେଉଁଠି ମ୍ୟାଚ୍ ଖେଳିବେ, କି ପ୍ରକାର ପ୍ରସ୍ତୁତି କରିବେ ସେ ସମ୍ପର୍କରେ ସନ୍ଦିହାନ ରହିଛନ୍ତି। ଏଭଳି ସ୍ଥିତିରେ ବାଂଲାଦେଶର ଖେଳାଳି ଯେ କ୍ଷତିଗ୍ରସ୍ତ ହେଉଛନ୍ତି ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

## ସୁଟ୍‌ଆଉଟରେ ଜିତିଲା ସୁରମା, ଡ୍ରାଗନ୍ସ



ଚେନ୍ନଇ, ୯।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ଦୁଇଟି ଯାକ ଲିଗ୍ ମ୍ୟାଚ୍ ସୁଟ୍‌ଆଉଟରେ ଫଳାଫଳ ନିର୍ଣ୍ଣିତ ହୋଇଛି। ଏହା ମଧ୍ୟରେ ପ୍ରଥମ ମୁକାବିଲାରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୩-୧ ଗୋଲରେ ହାଇଦ୍ରାବାଦ୍ ତୁଫାନ୍ସକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ୫-୪ ଗୋଲରେ ଏସ୍‌ଜି ପାଇପର୍ସକୁ ହରାଇ ପୂରା ପଏଣ୍ଟ ହାସଲ କରିଛି। ନିର୍ଦ୍ଧାରିତ ଖେଳରେ ସୁରମା ସହ ତୁଫାନ୍ସ ୧-୧ ଗୋଲରେ ଓ ଦ୍ୱିତୀୟ ମୁକାବିଲାରେ ଡ୍ରାଗନ୍ସ ସହ ପାଇପର୍ସ ୪-୪ ଗୋଲରେ ସମାନସ୍ତରରେ ରହିଥିଲା। ଆସନ୍ତାକାଲି ରାଞ୍ଚିରେ ବେଙ୍ଗଲ ଟାଇଗର୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ମହିଳା ହକି ଇଣ୍ଡିଆ ଲିଗ୍‌ର ଫାଇନାଲ ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ସୁରମା ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ଓ ହାଇଦ୍ରାବାଦ୍ ପକ୍ଷରୁ ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଡ୍ରାଗନ୍ସ ପକ୍ଷରୁ ଓଡ଼ିଆ ଖେଳାଳି ତଥା ଅଧିନାୟକ ଅମିତ ରୋହିଦାସ, ଫିଲିପ ପଲ କୌଫମାନ୍, ଟମ୍ କ୍ରେଗ୍ ଓ ସେଲଭାରାଜ କନଗରାଜ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପାଇପର୍ସ ପକ୍ଷରୁ ଟୋମାସ ଡୋମେନ ୨ଟି, କୀ ୱାଲଟ ଓ ଆଦିତ୍ୟ ଲଲାଗେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁଟ୍‌ଆଉଟରେ ପାଇପର୍ସର ରୋମାନ ଡୁଭେକୋଟଙ୍କ ସଟ୍‌କୁ ଗୋଲରକ୍ଷକ ପ୍ରିନ୍ସ ଦୀପସିଂହ ଅଟକାଇ ଦଳକୁ ଜିତାଇଥିଲେ। ଅନ୍ୟ ସମସ୍ତ ୯ଟି ସଟ୍ ସିଧାସଳଖ କିମ୍ବା ପେନାଲ୍ଟି ଷ୍ଟ୍ରୋକ୍‌ରେ ଗୋଲ ହୋଇଥିଲା। ସେହିପରି ଆସନ୍ତାକାଲି ଖେଳର ବିଶ୍ରାମ ଦିବସ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS